READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୨୦ ୩୧ ମଇ - ୬ ଜୁନ୍, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-20 31st MAY - 06th JUNE, 2021 BHUBANESWAR ₹ 5/- (8 Pages)

# କମୁଛି ସଂକ୍ରମଣ, ବଢୁଛି ମୃତ୍ୟୁ

**ନୂଆଦିଲ୍ଲୀ :** କରୋନାର ପ୍ରଥମ ଲହର ତୁଳନାରେ ଦ୍ୱିତୀୟ ଲହରରେ ମୃତ୍ୟୁର ବିଭୀଷିକା ଅଧିକ ରହିଛି। ଦ୍ୱିତୀୟ ଲହର ବେଳେ ଘଟିଥିବା କୋଭିଡ୍ ମୃତ୍ୟୁର ୫୬ ପ୍ରତିଶତ ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଜୀବାଣୁ (ଭାଇରସ) ଓ କବକ (ଫଙ୍ଗସ) ସଂକ୍ରମିତ ହୋଇଥିଲେ। ଡାକ୍ତରମାନେ ଆକ୍ରାନ୍ତଙ୍କ ପାଇଁ ପ୍ରେସ୍କ୍ରିପସନ ବେଳେ ଅଧିକ ଶକ୍ତିଶାଳୀ ଆଣ୍ଟିବାୟୋଟିକ୍ ଔଷଧ ଲେଖିଥିବାରୁ ଏଭଳି ଅବସ୍ଥା ଉପୁଜିଥିବା କୁହାଯାଇଛି। କେନ୍ଦ୍ର ସରକାରଙ୍କ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର) କରିଥିବା ସର୍ଭେରୁ ଏପରି ସାଙ୍ଘାତିକ ତଥ୍ୟ ଆସିଛି। ଦେଶର ମୋଟ୍ ୧୦ଟି ବଡ଼ ବଡ଼ କୋଭିଡ ହସ୍ପିଟାଲରେ ଏହି ସର୍ଭେ କରାଯାଇଥିଲା। ଦ୍ୱିତୀୟ ଥର ପାଇଁ ସଂକ୍ରମିତ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ଆଇସିୟୁରେ ଭର୍ତ୍ତି ହୋଇଥିବା ଆଇସିଏମଆର ତା'ର ସର୍ଭେ ରିପୋର୍ଟରେ ଦର୍ଶାଇଛି। ଏହି ସର୍ଭେରେ କୁହାଯାଇଛି ଯେଉଁମାନେ ଦ୍ୱିତୀୟ ଥର ପାଇଁ ସଂକ୍ରମିତ ହୋଇଥିଲେ ସେମାନେ



ଚିକିତ୍ସାଧୀନ ଥିବା ବେଳେ କିମ୍ବା ପୋଷ୍ଟ କୋଭିଡ୍ ବେଳେ ବ୍ୟାକଟେରିଆ ଏବଂ ଫଙ୍ଗସର ସଂକ୍ରମିତ ହୋଇଛନ୍ତି। ଯେଉଁଥିପାଇଁ ଅନେକ ପ୍ରାଣ ହରାଇଛନ୍ତି। ମୋଟ୍ ୧୭ ହଜାର ୫୩୪ ଜଣ କରୋନା ଆକ୍ରାନ୍ତଙ୍କୁ ନେଇ କରାଯାଇଥିବା ସର୍ଭେରୁ ଏପରି ତଥ୍ୟ ମିଳିଥିବା ଆଇସିଏମଆର କହିଛି। ଯଦିଓ ଦ୍ୱିତୀୟ ସଂକ୍ରମଣ ବେଳେ ୩.୬ ପ୍ରତିଶତ ବ୍ୟାକଟେରିଆ ଓ ଫଙ୍ଗସ୍ ➤ ପୃ-୬

## ସମ୍ଭାବ୍ୟ ତୃତୀୟ ଲହର ପାଇଁ ଦିଲ୍ଲୀ ସରକାରଙ୍କ ପ୍ରସ୍ତୁତି
## ଗଠନ କଲେ ୧୩ ସଦସ୍ୟ ବିଶିଷ୍ଟ ମଣ୍ଡଳୀ

### କୋଭିଡ୍ ଟିକାକରଣ ସମ୍ପର୍କିତ ପ୍ରଥମ ପରାମର୍ଶ କମିଟି ବୈଠକ
## ଭବିଷ୍ୟତ ଲହର ମୁକାବିଲା ପାଇଁ ବିଶେଷଜ୍ଞଙ୍କ ମତ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଲକ୍‌ଡାଉନ୍ / ସଟ୍‌ଡାଉନ୍ ଲାଗୁ ହେବାର ୩ ସପ୍ତାହ ବିତିଥିଲେ ମଧ୍ୟ ରାଜ୍ୟରେ ଦୈନିକ ସଂକ୍ରମଣ ଏପର୍ଯ୍ୟନ୍ତ ନିୟନ୍ତ୍ରଣକୁ ଆସିନାହିଁ। ଦୈନିକ ଯେତିକି ନମୁନା ପରୀକ୍ଷା ହେଉଥିଲା, ତାହାର ଯଥେଷ୍ଟ କମ୍ ପରୀକ୍ଷା ହେଉଛି। ତଥାପି ପଜିଟିଭ୍ ହାର ପୂର୍ବଭଳି ବଳବତ୍ତର ରହିଛି। ଓଡ଼ିଶାରେ ସଂକ୍ରମଣକୁ ନେଇ ଅନେକ ବିଶେଷଜ୍ଞ ଭିନ୍ନ ଭିନ୍ନ ଆକଳନ କରିଥିଲେ ହେଁ ସବୁ ଆକଳନ ଯେମିତି ଫେଲ୍ ମାରିଛି। ଚଳିତମାସ ଶେଷ ସୁଦ୍ଧା ରାଜ୍ୟରେ ସଂକ୍ରମଣ କମିବା ନେଇ ଯେଉଁ ଆଶା ସୃଷ୍ଟି ହୋଇଥିଲା, ତାହା ଧୀରେ ଧୀରେ ମଉଳିଯିବା ଭଳି ଜଣାପଡିଛି। ଅଧିକାଂଶ ଜିଲ୍ଲାରେ ଏବେବି ପଜିଟିଭ୍ ହାର ୨୫-୩୦% ଭିତରେ ରହିବ। ଗ୍ରାମାଞ୍ଚଳରେ ସଂକ୍ରମଣ ବ୍ୟାପିବା କାରଣରୁ ରାଜ୍ୟରେ କରୋନା ନିୟନ୍ତ୍ରଣକୁ ଆସିପାରୁନାହିଁ। ଏହାରି ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କୋଭିଡ୍ ଟିକାକରଣ ସମ୍ପର୍କିତ ପ୍ରଥମ ପରାମର୍ଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଭବିଷ୍ୟତରେ ସଂକ୍ରମଣ ଲହରକୁ ମୁକାବିଲା କରିବା ପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି କିପରି ➤ ପୃ-୬

### ଅଧିକାରୀଙ୍କ ପ୍ରତିଶ୍ରୁତିକୁ ୬ମାସ ବିତିଲା
## ବିଦ୍ୟାଳୟ ଜମି ଚିହ୍ନଟକୁ ନେଇ ପ୍ରଶ୍ନବାଚୀ

**ଭଦ୍ରକ :** ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦିଅନ୍ତି କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ତାକୁ ପାଳନ କରିବାକୁ ଭୁଲିଯାଆନ୍ତି, ଯଦ୍ଦ୍ୱାରା ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଦ୍ଧିକୟାଁ ପଂଚାୟତ ଅନ୍ତର୍ଗତ ବିଶଲକଣା ପ୍ରାଥମିକ ବିଦ୍ୟାଳୟରେ । ଉକ୍ତ ବିଦ୍ୟାଳୟଟି ୧୯୬୭ ମସିହାରେ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନାନଦି ସମସ୍ୟା ମଧ୍ୟ ଦେଇ ଗତି କରୁଛି । ଯଦ୍ଦ୍ୱାରା ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇ ପାରୁ ନାହିଁ । ➤ ପୃ-୬

# ନୂଆ ଅବତାରରେ ନବୀନ

## ବାତ୍ୟା କ୍ଷୟକ୍ଷତି ବାବଦରେ ଟଙ୍କା ମାଗିଲାନି ଓଡ଼ିଶା

**ଭୁବନେଶ୍ୱର :** ମହାମାରୀ ସମୟରେ କେନ୍ଦ୍ର ସରକାରଙ୍କ ଉପରେ ଓଡ଼ିଶା ସରକାର ଅତିରିକ୍ତ ଚାପ ପକାଇବାକୁ ଚାହୁଁନାହାନ୍ତି। ଅତି ଭୀଷଣ ସାମୁଦ୍ରିକ ବାତ୍ୟା 'ୟାସ୍' ଦ୍ୱାରା ହୋଇଥିବା କ୍ଷତିର ଭରଣା ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ କରିବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବାତ୍ୟା କ୍ଷୟକ୍ଷତି ସ୍ଥିତି ଅନୁଧ୍ୟାନ ଲାଗି ଓଡ଼ିଶା ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏମିତି କହିଛନ୍ତି ମୁଖ୍ୟମନ୍ତ୍ରୀ। ତତ୍କାଳ କୌଣସି ଆର୍ଥିକ ସହଯୋଗ ମାଗିବା ବଦଳରେ ନବୀନ ଦାବି ରଖିଛନ୍ତି ଯେ, ଓଡ଼ିଶା ପ୍ରତିବର୍ଷ ଯେଭଳି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହେଉଛି ତାହାର ମୁକାବିଲା ପାଇଁ ଦୀର୍ଘମିଆଦି କାର୍ଯ୍ୟକ୍ରମ ହାତକୁ ନିଆଯିବା ଦରକାର। ବିପର୍ଯ୍ୟୟ ମୁକାବିଲା କରିବା ଭଳି ବିଦ୍ୟୁତ୍ ଭିତ୍ତିଭୂମି ଏବଂ ଝଡତୋଫାନ ପ୍ରତିରୋଧକ ବନ୍ଧ ସହିତ ସ୍ଥାୟୀ ଉପକୂଳ ସୁରକ୍ଷାକୁ ଏବେ ଓଡ଼ିଶା ସରକାର ଗୁରୁତ୍ୱ ଦେଉଛନ୍ତି। ଶୁକ୍ରବାର ପ୍ରଧାନମନ୍ତ୍ରୀ ଆକାଶ ମାର୍ଗରୁ ଓଡ଼ିଶାରେ ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ପୂର୍ବରୁ ବିମାନବନ୍ଦରରେ ➤ ପୃ-୬

## ମୋଦିଙ୍କ ୫୦୦ କୋଟି ସହାୟତା

**ଭୁବନେଶ୍ୱର:** ଓଡିଶା ପାଇଁ ୫୦୦ କୋଟି ଟଙ୍କାର ବାତ୍ୟା ସହାୟତା ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶୁକ୍ରବାର ଦିନ ଓଡିଶାରେ ବାତ୍ୟା ୟସ୍ ଜନିତ କ୍ଷୟକ୍ଷତି ସମୀକ୍ଷା କରିବା ପରେ ପ୍ରଧାନମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ପିଏମଓରୁ ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା କ୍ଷତିଗ୍ରସ୍ତ ଓଡିଶା , ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ପାଇଁ ପ୍ରଧାନମନ୍ତ୍ରୀ ମୋଦି ମୋଟ ହଜାରେ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ସେଥିରୁ ଓଡିଶା ପାଇଁ ୫୦୦ କୋଟି ରହିଥିବା ବେଳେ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ପାଇଁ ୫୦୦ କୋଟି ରହିଛି। ଅପରପକ୍ଷରେ କ୍ଷୟକ୍ଷତି ଆକଳନ ପାଇଁ ଆନ୍ତଃମନ୍ତ୍ରଣାଳୟ ଟିମ୍ ଓଡିଶା ସମେତ ଅନ୍ୟ ପ୍ରଭାବିତ ରାଜ୍ୟଗୁଡିକୁ ଆସିବ। ତେବେ ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ➤ ପୃ-୬



## ବକ୍ରବାଣୀ




ଟିକା ନେଇଗଲେ ରୋଗ ହବନି
ଯେ କଥା ମନରେ ଜମା ଭାବନି
ନିଅ ବା ନ ନିଅ କରୋନା ହବ
ଥଣ୍ଡା କାଶରେ ବି ଜୀବନ ଯିବ
ଟିକା ନେଇଥିଲେ ଏତିକି ଲାଭ
ବିମାନ ବନ୍ଦରେ କାମ ସେ ଦବ
କଳିଯୁଗ ସତେ ଶେଷ ହବକି
କରୋନା ଆମକୁ ମାରି ଦବକି
କାହୁଁ ଯେ ମହାମାରୀଟା ଆଇଲା
ଜୀବନ ଜୀବିକା ସବୁ ସାଇଲା।

—— ଟୁଟୁ

# 'ଭିନ୍ନ ଟିକାର ଡୋଜ୍ ନିରାପଦ'


**ନୂଆଦିଲ୍ଲୀ :** ଅନେକ ସମୟରେ ଲୋକଙ୍କୁ ଭୁଲବଶତଃ ଦେଶରେ ଭିନ୍ନଭିନ୍ନ ଟିକାର ଦୁଇଟି ଡୋଜ୍ ଦିଆଯାଉଥିବା ଅଭିଯୋଗ ଆସୁଛି। ନିକଟରେ ଉତ୍ତର ପ୍ରଦେଶରେ ଜଣେ ବ୍ୟକ୍ତିଙ୍କୁ ଉଭୟ କୋଭିସିଲ୍ଡ ଓ କୋଭାକ୍ସିନ୍ ଟିକାର ଡୋଜ୍ ଦିଆଯାଇଥିଲା। ଏହାପରେ ୨୦ଜଣ ଲୋକଙ୍କୁ ମିକ୍ସ ଡୋଜ୍ ଟିକା ଦିଆଯାଇଥିବା ଜଣାପଡିଥିଲା। ଏହାକୁ ନେଇ ବିବାଦ ଉପୁଜିବାରୁ ଆଜି କେନ୍ଦ୍ର ସରକାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ଭଳି କଥା କହିଛନ୍ତି। ଯଦି ଜଣେ ଦୁଇଟି ଟିକାର ଭିନ୍ନଭିନ୍ନ ଡୋଜ୍ ନେଉଛନ୍ତି, ତା'ହେଲେ ଏହା ଚିନ୍ତାଜନକ ନୁହେଁ। ଏହା ନିରାପଦ ବୋଲି ନୀତି ଆୟୋଗ ସଦସ୍ୟ ତଥା କେନ୍ଦ୍ର ସରକାରଙ୍କ ଟିକା ପରିଚାଳନା କମିଟିରେ ଥିବା ଭିକେ ପଲ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍ତରପ୍ରଦେଶରେ ଭିନ୍ନଭିନ୍ନ ଟିକାର ଡବଲ ଡୋଜ୍ ଲୋକଙ୍କୁ ଦିଆଯାଇଥିବା କଥା ଉଠିଥିଲା।



ଏହା ଉପରେ ସେ କହିଛନ୍ତି, ଗୋଟିଏ କମ୍ପାନୀ ଟିକାର ଡବଲ ଡୋଜ୍ ଜଣେ ବ୍ୟକ୍ତି ନେଇପାରିବେ। ଏହା ଆମର ପ୍ରୋଟକଲ। ଉତ୍ତର ପ୍ରଦେଶରେ ଘଟିଥିବା ଘଟଣାର ତଦନ୍ତ ହେବ। ଯଦି ବି ଏମିତି ଘଟିଛି, ତା'ହେଲେ ବି ଏହା ଆଦୌ ଚିନ୍ତାର ବିଷୟ ନୁହେଁ। ପ୍ରୋଟକଲ ଅନୁଯାୟୀ, ଜଣେ ବ୍ୟକ୍ତି ଯେଉଁ କମ୍ପାନୀର ପ୍ରଥମ ଡୋଜ୍ ଟିକା ନେଇଛନ୍ତି, ତାଙ୍କୁ ସେହି କମ୍ପାନୀର ଦ୍ୱିତୀୟ ଡୋଜ୍ ଟିକା ଦେବା ଉଚିତ୍। ଯଦି କୌଣସି ଘଟଣାକ୍ରମରେ କେହି ବି ଦୁଇଟି କମ୍ପାନୀର ଦୁଇଟି ଭିନ୍ନ ଡୋଜ୍ ଟିକା ନେଉଛନ୍ତି, ତା'ହେଲେ ଏଥିପାଇଁ ଚିନ୍ତା କରିବା କଥା ନୁହେଁ। ଏହା ନିରାପଦ। ଆମେ ବର୍ତ୍ତମାନ ଟିକାକୁ ମିକ୍ସିଂ ଓ ମ୍ୟାଚ୍ କରବାକୁ ଟ୍ରାଏଲ ଆରମ୍ଭ ଦିଗରେ ଚିନ୍ତା କରୁଛୁ। ଏହା ପରୀକ୍ଷା ମୂଳକ ଭାବେ ଆରମ୍ଭ କରାଯିବ। ଏହାକୁ ମିଶାଇ ସୋସିଆଲ ମିଡିଆରେ ଝଡ ହୋଇଛି। ଅନେକ ଏହାକୁ ଟିକାର କକଟେଲ ବୋଲି କହି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ଦେଶର କରୋନା ସ୍ଥିତି ସମ୍ପର୍କରେ ସେ କହିଛନ୍ତି ଯେ, ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ହ୍ରାସ ପାଉଛି। ଆମେ ଯଦି ପର୍ଯ୍ୟାୟକ୍ରମେ ସମୟ ଅନୁସାରେ କଟକଣା ହଟାଇବା, ତା'ହେଲେ ମଧ୍ୟ ➤ ପୃ-୬

### କରୋନା ଚିକିତ୍ସା ପାଇଁ ଭାରତକୁ ଆସିଲା ଆଣ୍ଟିବଡି କକ୍‌ଟେଲ
## ଗୋଟିଏ ଡୋଜ୍‌ର ଦାମ ୫୯,୭୫୦ ଟଙ୍କା

**ନୂଆଦିଲ୍ଲୀ :** କରୋନା ଚିକିତ୍ସା ପାଇଁ ଭାରତକୁ ଆସିଲା ଆଉ ଏକ ଔଷଧ। ରୋଶ କମ୍ପାନୀ ପ୍ରସ୍ତୁତ କରିଥିବା ଔଷଧ ଆଣ୍ଟିବଡି କକଟେଲ୍ ଗତବର୍ଷ ବେଶ ଚର୍ଚ୍ଚାରେ ରହିଥିବା ବେଳେ ଏବେ ତାହା ଭାରତକୁ ଆସିଛି। ଗତ ଅକ୍ଟୋବର ମାସରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କୁ ଆଣ୍ଟିଂବଡି କକଟେଲ୍ ଔଷଧ ଦିଆଯାଇଥିଲା। ଏହାପରେ ଏହି ଆଣ୍ଟିଂବଡି କକ୍‌ଟେଲ୍ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହୋଇଥିଲା। ଏବେ ଭାରତରେ ଏହାର ବିକ୍ରି ଆରମ୍ଭ କରାଯାଇଥିବା ନେଇ ରୋଶ ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ଏହାର ମାର୍କେଟିଂ ଦାୟିତବ ନେଇଛି ସିପଲା ଫାର୍ମା କମ୍ପାନୀ। ଔଷଧର ପ୍ରଥମ ବ୍ୟାଚ ଆସି ସାରିଥିବା ବେଳେ ଦ୍ୱିତୀୟ ବ୍ୟାଚ ଜୁନ୍ ମଧ୍ୟ ଭାଗରେ ଆସିବ ବୋଲି




ଜଣାପଡିଛି। ଦେଶରେ କରୋନା ରୋଗୀଙ୍କୁ ଦିଆଯାଉଥିବା ଟିକାର ଅଭାବ ଦେଖାଦେଉଥିବା ବେଳେ ଭାରତୀୟ ବଜାରକୁ ଆଣ୍ଟିବଡି କକଟେଲ୍ ଆସିବା ଏକ ନୂଆ ଆଶା ଆଣି ଦେଇଛି। ଏଥିରେ ରହିଚି କାସିରିଭିମାବ୍-୬୦୦ ଏମଜି ଏବଂ ଇମ୍ଡେଭିମାବ୍-୬୦୦ ଏମଜି। ➤ ପୃ-୬




### ଟଙ୍କା ଅଭାବରୁ ପଥ ହୁଡୁଛି ଶିକ୍ଷା
# ଛାତ୍ରୀଙ୍କ ପାଠପଢ଼ାରେ ଦାରିଦ୍ର୍ୟତା ବାଧକ

**କେନ୍ଦୁଝର, (ଉମେଶ ଚନ୍ଦ୍ର ପାଢ଼ୀ) :** କେନ୍ଦ୍ର ଓ ରାଜ୍ୟ ସରକାର ୬ ରୁ ୧୪ ବର୍ଷ ଶିଶୁ ମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ପାଇଁ ମାଳ ମାଳ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ଦେଶ ସ୍ୱାଧିନତା ପାଇବାର ଦୀର୍ଘ ୭୪ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ବି ସରକାର ଗରିବୀ ହଟେଇବାରେ ବିଫଳ। ସେଥିପାଇଁ ଅନେକ ମେଧାବୀ ଶିକ୍ଷ୍ୟାର୍ଥୀ ଅଧାରୁ ପାଠ ପଢା ଛାଡୁଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ଧନୀକ ଶ୍ରେଣୀ ର ଛାତ୍ର ଛାତ୍ରୀ ମାନେ ବେସରକାରୀ ବିଦ୍ୟାଳୟରେ ପଢୁଥିବା ଦେଖିବାକୁ ମିଳୁଛି କାରଣ ସରକାରୀ ଶିକ୍ଷ୍ୟା ବ୍ୟବସ୍ଥା ଉପରେ ଅଭିବାବକ ମାନେ ଆଉ ଭରସା କରିପାରୁନାହାନ୍ତି। ରାଜ୍ୟ ରେ ଦିନକୁ ଦିନ ଇଂରାଜୀ ମିଡିୟମ ବା ସି.ବି.ଏସ୍.ଇ ପାଠ୍ୟକ୍ରମର ବଢୁଥିବା ଚାହିଦାକୁ ଦେଖି ରାଜ୍ୟରେ ଟଙ୍କା ନଥିବା ମେଧାବୀ ଶିକ୍ଷ୍ୟାର୍ଥୀ ମାନଙ୍କ ପାଇଁ ପ୍ରତ୍ୟକ ବ୍ଲକ୍ ସ୍ତରରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଇଛି। ଯେଉଁଥିରେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ କେବଳ ମେଧାବୀ ଓ ଗରିବ ଶିକ୍ଷ୍ୟାର୍ଥୀ ମାନଙ୍କୁ ଚୟନ କରାଯାଇଥାଏ ତେବେ ଯେତେବେଳେ ଦିନକୁ ଦୁଇ ମୁଠା ଖାଇବାକୁ ମିଳେ ନାହିଁ ସେତେବେଳେ ଏହି ଯୋଜନାର ସଫଳତା ମିଳିବା ଅସମ୍ଭବ। ଯାହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ମଦନପୁର ପଞ୍ଚାୟତର ଷଷ୍ଠ ଶ୍ରେଣୀର ମେଧାବୀ ଛାତ୍ରୀ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଖରାପ ଅଭ୍ୟାସ ବନ୍ଦ କରିବା ଯୋଗୁଁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଇଚ୍ଛା ଅନୁରୂପ ଫଳ / ଅର୍ଥ ପ୍ରାପ୍ତି ହେବନାହିଁ। ଘରକୁ ନୂଆ ଅତିଥି ଆସିବାରୁ ପୁରୁଣା ବନ୍ଧୁଙ୍କ ସାକ୍ଷାତ ହୋଇପାରେ। ଛାତ୍ରମାନଙ୍କ ପାଇଁ ସମୟ ଉତ୍ତମ।

**ବୃଷ** ପୂର୍ବ ଅପେକ୍ଷା ସ୍ୱାସ୍ଥ୍ୟ ଭଲ ରହିବ। ଅନେକ ଦିଗରୁ ଅର୍ଥର ଆଗମନ ହେବ। କୌଣସି ଶୁଭ ଖବର ପାଇପାରନ୍ତି। ଇଚ୍ଛା ଅନୁସାରେ କାର୍ଯ୍ୟକ୍ଷେତ୍ରରେ ମତ ରଖିପାରିବେ ନାହିଁ। ଛାତ୍ରମାନଙ୍କ ଆତ୍ମବିଶ୍ୱାସ କମ୍ ରହିବ।

**ମିଥୁନ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆର୍ଥିକ ଦିଗ ସାଧାରଣରୁ ମଧ୍ୟମ ରହିବ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କାର୍ଯ୍ୟକ୍ଷେତ୍ରରେ କୌଣସି କାଗଜପତ୍ର ହଜିଯାଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ।

**କର୍କଟ** ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବାକୁ ପଡିପାରେ। ସେଥିପାଇଁ ମନଚିନ୍ତା ଗ୍ରସ୍ତ ରହିବ। ଋଣଗ୍ରସ୍ତ ହୋଇପାରନ୍ତି। ଏକା ଏକା ରହିବା ପାଇଁ ଇଚ୍ଛା କରିବେ। ଛାତ୍ରମାନଙ୍କ ସମସ୍ୟା ବଢ଼ିବ।

**ସିଂହ** ମାନସିକ ଅଶାନ୍ତି ବଢ଼ିବ। ଅର୍ଥପ୍ରାପ୍ତିର ଅନେକ ଦିଗ ଖୋଲିବ। ହଠାତ୍ ଅତିଥିଙ୍କ ଆଗମନ ହୋଇପାରେ। ଛାତ୍ରମାନେ ସଫଳତାର ସ୍ୱାଦ ପାଇବେ। ପ୍ରେମୀ ଯୁଗଳ ଜଣେ ଅନ୍ୟ ଜଣକ ପ୍ରତି ଅଧିକ ସମର୍ପିତ ହେବେ।

**କନ୍ୟା** ଶାରୀରିକ ଓ ମାନସିକ ଶାନ୍ତି ମିଳିବ। ଆର୍ଥିକ ସଙ୍କଟ ଦୂର ହେବ। ସଞ୍ଚୟ କରିବେ। ଘରରୁ କୌଣସି ଦ୍ରବ୍ୟ ଭାଙ୍ଗି ପାରେ ବା ହଜିଯାଇପାରେ। ବିଦ୍ୟାର୍ଥୀ ମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରେମିକଙ୍କ ସହ ମନମାଳିନ୍ୟ ହେବ।

**ତୁଳା** ଅନେକ ଦିନରୁ ଇଚ୍ଛା କରୁଥିବା କାର୍ଯ୍ୟ ଏ ସପ୍ତାହରେ କରିବେ। କାହାକୁ ଉଧାର ଦିଅନ୍ତୁ ନାହିଁ କି ନିଅନ୍ତୁ ନାହିଁ। ଅସୁବିଧାରେ ପଡିବେ। ଛାତ୍ରମାନଙ୍କ ବହୁତ ଏକା ଏକା ଅନୁଭବ କରିବେ। ପ୍ରେମୀ ଜୀବନ ଭଲ ରହିବ।

**ବିଛା** ଘରର ଖାଦ୍ୟ ଖାଆନ୍ତୁ। ଧନ ସଞ୍ଚୟ ହୋଇପାରିବ ନାହିଁ। ଘରର କୌଣସି ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଛାତ୍ରମାନଙ୍କ ସମୟ ଶୁଭ। ଜୀବନସାଥୀଙ୍କ ଅଦରକାରୀ ବସ୍ତୁ ଦାବି କରିପାରନ୍ତି।

**ଧନୁ** ପୁରୁଣା ବେମାରୀରୁ ମୁକ୍ତ ମିଳିବ। ବ୍ୟବସାୟରେ ଏବେର ଅର୍ଥ ବିନିଯୋଗ, ଭବିଷ୍ୟତରେ ଲାଭ ହେବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ସମୟ ଅନୁକୂଳ। ଛାତ୍ର ପାଠ ଛାଡି ଅନ୍ୟ କାମରେ ମନଦେବେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ଯଥା ଆଖି କାନର ସଂକ୍ରମଣ ହୋଇପାରେ। ସଞ୍ଚୟରେ ସଫଳ ହେବେ। କାର୍ଯ୍ୟକ୍ଷେତ୍ରରେ ଉତ୍ଥାନ ପତନ ଦେଖାଦେବ। ଛାତ୍ରମାନେ ଯୋଜନା କରି ଆଗକୁ ଯାଆନ୍ତୁ।


**କୁମ୍ଭ** କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱରେ ଯାତ୍ରା କରିପାରନ୍ତି। ଆୟର ଅନେକ ଦିଗ ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖା ଦେବ। ପ୍ରେମୀମାନେ ବିପରୀତ ଲିଙ୍ଗର ଲୋକଙ୍କୁ ଆକର୍ଷିତ କରିପାରିବେ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ଧାନ ଦିଅନ୍ତୁ। କୌଣସି ଗୋଟିଏ ଆର୍ଥିକ ଦିଗରେ ବଡ ଲାଭ ହେବ। ନୂଆ ଘର ଓ ସାମାନ କିଣିବାର ଯୋଜନା କରିବେ। ପରିବାରର ବଡ ଲୋକଙ୍କ ସହଯୋଗ ମିଳିବ। ଛାତ୍ରମାନେ ଗୁରୁଜନଙ୍କ ବାକ ତର୍କ କରିପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କରୋନା ଭୟରେ କଏଦୀଙ୍କୁ ମିଳିବନି ଆଗୁଆ ଜାମିନ : ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ଜେଲରେ ସଂକ୍ରମଣକୁ ରୋକିବା ପାଇଁ ସୁପ୍ରିମ୍‌କୋର୍ଟ ମେ' ୭ରେ ରାଜ୍ୟମାନଙ୍କୁ ଜେଲରେ ଥିବା ବନ୍ଦୀମାନଙ୍କୁ ମୁକ୍ତ କରିବାକୁ କହିଥିଲେ। ଯେଉଁମାନଙ୍କୁ ପାରୋଲ କିମ୍ବା ମଧ୍ୟବର୍ତ୍ତୀକାଳୀନ ଜାମିନରେ ମୁକ୍ତ କରାଯାଇପାରିବ, ସେମାନଙ୍କୁ ମୁକ୍ତ କରିବାକୁ କହିଥିଲେ ସୁପ୍ରିମ୍‌କୋର୍ଟ। ହେଲେ କୋଭିଡ୍‌ରେ ମୃତ୍ୟୁ ହେବାର ଭୟ ପାଇଁ ଅନ୍ତରୀଣ ଜାମିନ ଦିଆଯାଇପାରିବ ନାହିଁ ବୋଲି ଆଜି ସ୍ପଷ୍ଟ କରିଛନ୍ତି ସୁପ୍ରିମ୍‌କୋର୍ଟ। ମହାମାରୀ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇବାର ଆଶଙ୍କା ଥିବା ଆଳ ଦେଖାଇ ଅନେକ ଅଭିଯୁକ୍ତ ଗିରଫ ପୂର୍ବରୁ ଆଗୁଆ ଜାମିନ ଆବେଦନ କରୁଛନ୍ତି। ହେଲେ କରୋନା ମୃତ୍ୟୁକୁ ଆଶଙ୍କା କରି କୌଣସି ପ୍ରକାରର ଆଗୁଆ ଜାମିନକୁ ଅନୁମୋଦନ



ମିଳିବନି ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏଥିସହ ଆହ୍ଲାବାଦ ହାଇକୋର୍ଟ ଏ ସମ୍ପର୍କରେ ଦେଇଥିବା ରାୟ ଉପରେ ସୁପ୍ରିମ୍‌କୋର୍ଟ ରୋକ ଲଗାଇ ଦେଇଛନ୍ତି। ଆଗୁଆ ଜାମିନ ମଞ୍ଜୁର କରିବା ପରେ ମାମଲାର ଗୁରୁତ୍ୱକୁ ପ୍ରଥମେ ବୁଝିବାକୁ ପଡିବ। ହାଇକୋର୍ଟ ଦେଇଥିବା ରାୟକୁ ଅନ୍ୟ କୋର୍ଟମାନେ ଆଦୌ ପାଳନ କରନ୍ତୁ ନାହିଁ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆହ୍ଲାବାଦ ହାଇକୋର୍ଟ ଗତ ସପ୍ତାହରେ କହିଥିଲେ ଯେ, ମହାମାରୀ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଜେଲରେ କଏଦୀ ସଂଖ୍ୟା ବଢୁଛି। ଏପରି ସ୍ଥିତିରେ ଜଣେ ଅଭିଯୁକ୍ତଙ୍କର କରୋନାରେ ମୃତ୍ୟୁ ହେବାର ଆଶଙ୍କା ରହିଛି। ତେଣୁ କରୋନା ମୃତ୍ୟୁର ଆଶଙ୍କାରେ ଜଣେ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ମିଳିପାରିବ। ଏହାକୁ ଉତ୍ତରପ୍ରଦେଶ ସରକାର ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହାର ଶୁଣାଣି କରି ଜଷ୍ଟିସ ଭୀନିତ ସରନ ଓ ଜଷ୍ଟିସ ବିଆର ଗାଭାଇଙ୍କ ଖଣ୍ଡପୀଠ ଏପରି କହିଛନ୍ତି। ହାଇକୋର୍ଟ ପ୍ରତୀକ ଜୈନଙ୍କୁ ଆଗୁଆ ଜାମିନ ଦେବା ପରେ ବିତର୍କ ଆରମ୍ଭ ହୋଇଥିଲା। ତାଙ୍କ ନାଁରେ ୧୩୦ରୁ ଅଧିକ ମାମଲା ରହିଛି। ତଥାପି କୋର୍ଟ ତାଙ୍କୁ ୨୦୨୨ ଯାଏ ଜାମିନ ପ୍ରଦାନ କରିଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ହାଇକୋର୍ଟ ଏହି ସମୟରେ କହିଥିଲେ ଯେ, କରୋନାରେ ମୃତ୍ୟୁର ଆଶଙ୍କା ରହିଥିଲେ ଜଣେ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ପ୍ରଦାନ କରାଯାଇ ପାରିବ। ତେବେ ଉତ୍ତର ପ୍ରଦେଶ ସରକାର ହାଇକୋର୍ଟଙ୍କ ଏଭଳି ଟିପ୍ପଣୀ ସମସ୍ତଙ୍କୁ ଭୁଲ ବାର୍ତ୍ତା ଦେବ ବୋଲି ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଥିଲେ। ଏହି ଟିପ୍ପଣୀକୁ ଆଧାର କରି ଅନ୍ୟ କୋର୍ଟ ମ ଧ ଆଗୁଆ ଜାମିନ ଦେଉଛନ୍ତି ବୋଲି ସରକାର କହିଥିଲେ।

## ନିରାପଦ ଜୋନ୍‌ରେ ୫ ରାଜ୍ୟ : ହର୍ଷବର୍ଦ୍ଧନ

**ନୂଆଦିଲ୍ଲୀ :** ଦେଶରେ କରୋନା ସଂକ୍ରମଣ ଧୀରେ ଧୀରେ କମୁଛି। କରୋନା ସଂକ୍ରମଣ ବୃଦ୍ଧିକୁ ରୋକିବାରେ ଏବେ କିଛି କିଛି ରାଜ୍ୟ ସଫଳ ହେଉଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ହର୍ଷବର୍ଦ୍ଧନ ଏହା କହିଛନ୍ତି। ଭାରତ ଏବେ ୫ ରାଜ୍ୟ ନିରାପଦ ଜୋନରେ ରହିଥିବା କହିଛନ୍ତି ହର୍ଷବର୍ଦ୍ଧନ। ଆଗାମୀ ୭ଦିନ ମଧ୍ୟରେ ୧୫ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ କରୋନା ନିୟନ୍ତ୍ରଣକୁ ଆସିବ ବୋଲି ସେ କହିଛନ୍ତି। ଦେଶରେ ଏବେ ଦିଲ୍ଲୀରେ କରୋନା ସଂକ୍ରମଣ ୪.୫%, ଗୁଜୁରାଟରେ ୪.୬%, ଝାଡଖଣ୍ଡରେ ୩.୮%, ବିହାରରେ ୩.୭% ଏବଂ ଉତ୍ତରପ୍ରଦେଶରେ ୨.୨% ସଂକ୍ରମଣ ହାର ରହିଛି। ସେହିପରି ଆଗାମୀ ଦିନରେ ପାଞ୍ଚ ରାଜ୍ୟ ଉତ୍ତରାଖଣ୍ଡ, ପଞ୍ଜାବ, ଛତିଶଗଡ, ମଧ୍ୟପ୍ରଦେଶ ଏବଂ ତେଲେଙ୍ଗାନାର ସ୍ଥିତିରେ ସୁଧାର ଆସିଯିବ ବୋଲି ସେ କହିଛନ୍ତି। ଏବେ ଏହିସବୁ ରାଜ୍ୟରେ ସଂକ୍ରମଣ ହାର କ୍ରମଶଃ ୯.୬%, ୭.୯%, ୭.୩%, ୫.୭%, ଏବଂ ୫.୩% ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଏବେ ୫% କରୋନା ସଂକ୍ରମଣ ହାର କମିଛି। ଏହାର ଅର୍ଥ ଦେଶରେ କରୋନା ସଂକ୍ରମଣ ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି। କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ବେଳେ ମାସେ ମଧ୍ୟରେ ଦୈନିକ କରୋନା ସଂକ୍ରମଣ ୧.୫୦ଲକ୍ଷରୁ ଅଧିକ ହ୍ରାସ ପାଇଛି। କୋଭିଡ୍ ପଜିଟିଭିଟି ଅନୁପାତ ପ୍ରାୟ ୨୫%ରୁ ୧୦%କୁ ହ୍ରାସ ପାଇଛି। ଅନ୍ୟପଟେ କରୋନା ଟେଷ୍ଟ ସଂଖ୍ୟା ୧୫ଲକ୍ଷରୁ ୨୨ଲକ୍ଷକୁ ବୃଦ୍ଧି ପାଇଛି। କୋଭିଡର ହଟସ୍ପଟ୍ ଥିବା ରାଜ୍ୟ ମହାରାଷ୍ଟ୍ର, ଦିଲ୍ଲୀ, ଛତିଶଗଡ ଏବଂ ଉତ୍ତରପ୍ରଦେଶ ଭଳି ଅନେକ ରାଜ୍ୟରେ ଏବେ କରୋନା ସଂକ୍ରମଣ ହ୍ରାସ ପାଇଛି। ତେବେ ଦକ୍ଷିଣ ଏବଂ ଉତ୍ତର-ପୂର୍ବ ରାଜ୍ୟ ଗୁଡିକରେ ସଂକ୍ରମଣ ଚିନ୍ତାର କାରଣ ପାଲଟିଛି। ଏହି ଦୁଇଟି ସ୍ଥାନରେ ଅନେକ ରାଜ୍ୟରେ କେସ୍ ପଜିଭିଟିଟି ହାର ୨୦%ରୁ ଅଧିକ ରହିଛି। ଗତ ସପ୍ତାହକ ମଧ୍ୟରେ ଆନ୍ଧ୍ରପ୍ରଦେଶରେ କେସ୍ ପଜିଟିଭିଟି ହାର ମେ' ୯ ରୁ ୨୦%ରୁ ଅଧିକ ରହିଆସିଛି। କର୍ଣ୍ଣାଟକରେ ଏପ୍ରିଲ ପରଠୁ କରୋନା ସଂକ୍ରମଣ ହାର ୨୦%ରୁ ଅଧିକ ରହିଛି। ହେଲେ ମେ' ପରେ କର୍ଣ୍ଣାଟକରେ ପଜିଟିଭିଟି ହାର ହ୍ରାସ ପାଇଛି। ହେଲେ କର୍ଣ୍ଣାଟକରେ ଏବେ ବି କରୋନା ସଂକ୍ରମଣ ବୃଦ୍ଧି ରହିଛି। ଯାହାକି ଚିନ୍ତାର କାରଣ ପାଲଟିଛି। କେରଳରେ ୨୦% କେସ୍ ପଜିଟିଭିଟ୍ ହାର ରହିଛି।

# ସର୍ବନିମ୍ନ ମଜୁରୀ ଦର ସଂଶୋଧନ

**ନୂଆଦିଲ୍ଲୀ :** କରୋନା ମହାମାରୀକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଯେଉଁଥିରେ ସର୍ବନିମ୍ନ ମଜୁରୀ ଦରକୁ ସରକାର ସଂଶୋଧନ କରିଛନ୍ତି। ଏହାଦ୍ୱାରା ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଥିବା ୧.୫ କୋଟି ଶ୍ରମିକ ଉପକୃତ ହେବେ ବୋଲି ସରକାର ଆଶା ରଖିଛନ୍ତି। ଏଥିପାଇଁ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ପରିବର୍ତ୍ତନୀୟ ମହଙ୍ଗା ଭତ୍ତା ହାରରେ ପରିବର୍ତ୍ତନ କରି ନୂଆ ବିଜ୍ଞପ୍ତି ଜାରି କରିଛି। ଚଳିତ ବର୍ଷ ଏପ୍ରିଲ ୧ରୁ ଏହା କାର୍ଯ୍ୟକାରୀ ହେବ। କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସାନ୍ତୋଷ ଗଙ୍ଗୱାର କହିଛନ୍ତି ଯେ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଦେଶର ପ୍ରାୟ ୧.୫ କୋଟି ଶ୍ରମିକ ଉପକୃତ ହେବେ। ଯେଉଁମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିର୍ଦ୍ଧାରିତ ନିଯୁକ୍ତି ସହ ଜଡିତ ସେମାନେ ଉପକୃତ ହେବେ। ସଂଶୋଧିତ ପରିବର୍ତ୍ତନୀୟ ମହଙ୍ଗା ଭତ୍ତା ଏହି ବର୍ଗର ଲୋକଙ୍କୁ ମହାମାରୀ ସମୟରେ ସହାୟକ ହେବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ରାସ୍ତା, ନିର୍ମାଣ କାମ, ମରାମତି କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ଯଥାକ୍ରମେ ଏ, ବି ଏବଂ ସି ବର୍ଗରେ ୬୪୫, ୫୩୯ ଏବଂ ୪୩୧ ଟଙ୍କା ପାଇବେ। ଏଥି ସହିତ ଅର୍ଦ୍ଧ କୁଶଳୀ ଶ୍ରମିକମାନଙ୍କୁ ୭୧୪, ୬୦୯, ୫୦୫ଟଙ୍କା ପାଇବାକୁ ଥିବାବେଳେ କୁଶଳୀ ଶ୍ରମିକମାନଙ୍କୁ ୭୮୪, ୭୧୪, ୬୦୯ ଟଙ୍କା ମିଳିବ। ସେହିପରି କୁଶଳଠୁ ଉନ୍ନତ ଶ୍ରେଣୀର ଶ୍ରମିକ ୮୫୩, ୭୮୪, ୭୧୪ ଟଙ୍କା ପାଇବେ। ସେହିପରି ସଫେଇ କର୍ମଚାରୀ ଯଥାକ୍ରମେ ଏ, ବି ଏବଂ ସି ବର୍ଗରେ ୬୪୫, ୫୩୯, ୪୩୧ ଟଙ୍କା ପାଇବେ। ଏଥି ସହିତ ସୁରକ୍ଷା ଏବଂ ସେବା କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ୭୮୪, ୭୧୪ ଏବଂ ୬୦୯ ଟଙ୍କା ପାଇବାକୁ ଥିବାବେଳେ ଉନ୍ନତ କୁଶଳୀ ଶ୍ରେଣୀର ଶ୍ରମିକମାନେ ୮୫୩, ୭୮୪ ଏବଂ ୭୧୪ ଟଙ୍କା ପାଇବେ। ଖଣି, କ୍ଷେତରେ କାମ କରୁଥିବା ଶ୍ରମିକମାନଙ୍କ ମଜୁରୀ ଦର ମଧ୍ୟ ଏହାଦ୍ୱାରା ସଂଶୋଧିତ ହୋଇଛି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ନିଯୁକ୍ତି ସହ ଜଡ଼ିତ ଥିବା କାମ ହେଲା ରେଳ, ପ୍ରଶାସନ, ଖଣି, ତୈଳ କ୍ଷେତ୍ର, ପ୍ରମୁଖ ବନ୍ଦର। ଏଥିସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ କୌଣସି ନିଗମର ଅଧୀନରେ ଥିବା ପ୍ରତିଷ୍ଠାନଗୁଡିକ ପାଇଁ ଏହି ସଂଶୋଧିତ ନିୟମ ପ୍ରଯୁଜ୍ୟ। ଏହି ହାର ଉଭୟ ଚୁକ୍ତିଭିତ୍ତିକ ଏବଂ କାଜୁଆଲ୍ କର୍ମଚାରୀଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ହେବ ବୋଲି ସରକାର କହିଛନ୍ତି।

## ଟିକା ପାଇଁ ଅନ୍‌ସ୍ପଟ ପଞ୍ଜିକରଣକୁ ଅନୁମତି

**ନୂଆଦିଲ୍ଲୀ :** ମହାମାରୀ କରୋନା ବିରୋଧରେ ଚାଲିଥିବା ଟିକାକରଣକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବଡ ଘୋଷଣା କରିଛନ୍ତି। ଏବେ ୧୮ ରୁ ୪୪ ବର୍ଷବୟସ ବର୍ଗର ଲୋକମାନେ ଟିକାକରଣ ପାଇଁ ଅନସ୍ପଟ ପଞ୍ଜିକରଣର ସୁବିଧା ପାଇବେ। ଏହି ବର୍ଗର ଲୋକମାନେ ଉଭୟ ଅନଲାଇନ ଓ ଅଫଲାଇନରେ ପଞ୍ଜିକରଣ କରି ଟିକାକରଣ କେନ୍ଦ୍ରକୁ ଯାଇ ଡୋଜ୍ ନେଇପାରିବେ। କେନ୍ଦ୍ର ସରକାର ଏପରି ଯୋଜନା କରିବା ପଛଷର ବଡ କାରଣ ରହିଛି। ଅନେକ ସମୟରେ ଟିକାର ଅପଚୟ ଖବର ଆସୁଛି। ତେଣୁ ଟିକାର ଅପଚୟ ରୋକିବାକୁ ଅନସ୍ପଟ ପଞ୍ଜିକରଣ ବ୍ୟବସ୍ଥା କରାଯାଇଛି। ଅନଲାଇନରେ ପଞ୍ଜିକରଣ କରିଥିବା ହିତାଧିକାରୀ ଯଦି ପହଞ୍ଚୁ ନାହାନ୍ତି କିମ୍ବା ଟିକାକରଣ କେନ୍ଦ୍ରରେ ଟିକାର ଡୋଜ୍ ପର୍ଯ୍ୟାପ୍ତ ପରିମାଣରେ ରହିଛି, ତା'ହେଲେ କେନ୍ଦ୍ର ଗୁଡିକର ଅଧିକାରୀମାନେ ଅନସ୍ପଟ ପଞ୍ଜିକରଣ ପାଇଁ ଅନୁମତି ଦେଇପାରିବେ। ଏହି ସୁବିଧା କେବଳ ସରକାରଙ୍କ ଦ୍ୱାରା ପରିଚାଳିତ ଟିକାକରଣ କେନ୍ଦ୍ରରେ ଉପଲବ୍ଧ ହେବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଉଛି। ଯେଉଁମାନେ ଇଣ୍ଟରନେଟ୍ ଓ ମୋବାଇଲ ଫୋନର ବ୍ୟବହାର କରିପାରୁନାହାନ୍ତି, ସେମାନଙ୍କୁ ଏହା ଫାଇଦା ଦେବ। ତେବେ ଅନସ୍ପଟ ପଞ୍ଜିକରଣ ଅନୁମତି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରମାନେ ସ୍ଥିତିକୁ ଦେଖି ଦେବେ। ଯଦି ସେମାନେ ଅନୁମତି ଦିଅନ୍ତି, ତା'ହେଲେ ସରକାରୀ ଟିକାକରଣ କେନ୍ଦ୍ରରେ ଏହି ସୁବିଧା ମିଳିବ। ଘରୋଇ ଟିକାକରଣ କେନ୍ଦ୍ରରେ ଏହାର ସୁବିଧା ମିଳିବନି।

# ଟିକା ସଙ୍କଟ ମହାମାରୀକୁ ବଞ୍ଚାଇ ରଖୁଛି : ହୁ

**ୱାଶିଂଟନ :** ସାମ୍ପ୍ରତିକ ଟିକା ସଙ୍କଟ ମହାମାରୀକୁ ବଞ୍ଚାଇ ରଖୁଛି ଏବଂ ଦେଶମାନଙ୍କ ମଧ୍ୟରେ ଟିକା ଭାଗବଣ୍ଟା ଅପବାଦଜନକ ବୋଲି ସୋମବାର ଦିନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ଟେଡ୍‌ରସ୍ ଆଧାନୋମ ଗେବ୍ରେୟେସସ୍ କହିଛନ୍ତି। ମହାମାରୀ କରୋନା ଭାଇରସ କ୍ରମାଗତ ଭାବେ ରୂପ ବଦଳାଇବାରେ ଲାଗିଛି। ବିଭିନ୍ନ ପ୍ରକାରର କରୋନା ଷ୍ଟ୍ରେନରେ ଲୋକମାନେ ଆକ୍ରାନ୍ତ ହେଉଛନ୍ତି। ଅନେକ ସମୟରେ କରୋନାକୁ ମାତ ଦେବାକୁ ଏବେ ତିଆରି ହୋଇଥିବା ଟିକା କ'ଣ ନୂଆ ଷ୍ଟ୍ରେନକୁ ମାତ ଦେବାରେ ସକ୍ଷମ କି ବୋଲି ଲୋକଙ୍କ ମନରେ ଆଶଙ୍କା ପ୍ରକାଶ ପାଉଛି। ଏସବୁ ଭିତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସମସ୍ତଙ୍କୁ ଆଶ୍ୱସ୍ତି କରିବା ଭଳି ଖବର ଦେଇଛି। କରୋନା ଏଯାଏ ଯେତେ ରୂପ ବଦଳାଇ ଥିଲେ ହେଁ ବିଶ୍ୱରେ ପ୍ରଚଳିତ କୌଣସି ଟିକାକୁ ଅକାମୀ କରିବାକୁ ସକ୍ଷମ ନୁହେଁ। କିନ୍ତୁ ଭବିଷ୍ୟତରେ ସ୍ଥିତି କ'ଣ ହେ, ସେ ବିଷୟରେ



କାହାକୁ କିଛି ଜଣାନାହିଁ ବୋଲି ସଂଗଠନର ମୁଖ୍ୟ ଟେଡ୍ରୋସ ଅଧାନୋମ ଘେବ୍ରିୟସ କହିଛନ୍ତି। ଡବ୍ଲ୍ୟୁଏଚ୍‌ଓର ୭୪ତମ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀରେ ସେ କହିଛନ୍ତି, ଏଯାଏ ସାମ୍ନାକୁ ଆସିଥିବା କରୋନାର କୌଣସି ଭ୍ୟାରିଆଣ୍ଟ ଟିକା କିମ୍ବା ଚିକିତ୍ସା ପଦ୍ଧତି ଗୁରୁତର ଭାବେ ଦୁର୍ବଳ କରିବାର ସକ୍ଷମ ହୋଇନାହିଁ। କିନ୍ତୁ ଆଗକୁ ଯେ ଏପରି ଅବସ୍ଥା ଲାଗି ରହିବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ଭାଇରସ ନିୟମିତ ଭାବେ ତା'ର ରୂପ ବଦଳାଇବାରେ ଲାଗିଛି। ତଥାପି ଆମକୁ ଲୋକଙ୍କୁ ଯଥାଶୀଘ୍ର ଟିକା ଦେବାକୁ ପଡିବ। ଏଥିପାଇଁ ସବୁ ଦେଶ ପ୍ରୟାସ କରିବା ଦରକାର। ସେପ୍ଟେମ୍ବର ସୁଦ୍ଧା ସବୁ ଦେଶ ସେମାନଙ୍କ ଜନସଂଖ୍ୟାର ୧୦% ଲୋକଙ୍କର ସମ୍ପୂର୍ଣ୍ଣ ଟିକାକରଣ କରିବା ଦରକାର। ସେହିପରି ୩୦% ଲୋକଙ୍କୁ ଡିସେମ୍ବର ଶେଷ ସୁଦ୍ଧା ଟିକା ଦେବାକୁ ପ୍ରୟାସ କରନ୍ତୁ ବୋଲି ସେ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ଘେବ୍ରିୟସ ଟିକାକୁ ସଂରକ୍ଷଣ କରି ରଖିଥିବା ଦେଶଗୁଡିକୁ ଅନ୍ୟମାନଙ୍କ ସହ ଏହାକୁ ସେୟାର କରିବା ପାଇଁ ଆହ୍ୱାନ କରିଛନ୍ତି। ସେହିପରି ଟିକାର ଉତ୍ପାଦନ ବୃଦ୍ଧି କରିବା ସହ ଅନ୍ୟମାନଙ୍କୁ ଏହା ବାଣ୍ଟିବା ପାଇଁ ସେ ବିକଶିତ ରାଷ୍ଟ୍ରଗୁଡିକୁ କହିଛନ୍ତି।

## ଜୁଲାଇରେ ସିବିଏସ୍‌ଇ +୨ ପରୀକ୍ଷା !

**ନୂଆଦିଲ୍ଲୀ :** ସିବିଏସ୍‌ଇ ଓ ବିଭିନ୍ନ ରାଜ୍ୟର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନେଇ ଚାଲିଥିବା ବୈଠକ ଶେଷ ହୋଇଛି। ବୈଠକରେ ସିବିଏସ୍‌ଇ ପରୀକ୍ଷା ପାଇଁ କେନ୍ଦ୍ର ସରକାର ଅବଜେକଟିଭି ଟାଇପ ପରୀକ୍ଷା କରିବା ପାଇଁ ରାଜି ଥିବା ସୂଚନା ରହିଛି। ଦିଲ୍ଲୀକୁ ଛାଡିଦେଲେ ଅନ୍ୟ ସମସ୍ତ ରାଜ୍ୟ +୨ ପରୀକ୍ଷା କରିବା ପାଇଁ ପ୍ରସ୍ତୁତ ଥିବା ସୂଚନା ରହିଛି। ପରୀକ୍ଷାର୍ଥୀ ଏହି ପରୀକ୍ଷା ନିଜ ଘରୋଇ କେନ୍ଦ୍ରରେ ଦେବେ ବୋଲି ଜଣାପଡିଛି। ଜୁନ୍ ଶେଷ ସପ୍ତାହରେ ପରୀକ୍ଷା କରିବା ନେଇ ସିବିଏସ୍‌ଇ ବିଚାର କରୁଥିବା ସୂଚନା ରହିଛି। ହେଲେ ବୋର୍ଡ ଏ ନେଇ କୌଣସି ମତ ରଖିନାହିଁ। ସେହିପରି ବିଭିନ୍ନ ରାଜ୍ୟ ବୋର୍ଡ ନିଜ ନିଜର ନିଷ୍ପତ୍ତି ନେଇପାରିବେ ବୋଲି ଜଣାପଡିଛି କେନ୍ଦ୍ର ସରକାର ରାଜ୍ୟ ଗୁଡିକୁ ଦୁଇଟି ପ୍ରସ୍ତାବ ଦେଇଛନ୍ତି। ଗୋଟିଏ ସଂକ୍ରମଣ କମିଲେ ପରୀକ୍ଷା କରାଯାଇପାରିବ ନଚେତ ସଂକ୍ଷିପ୍ତ ପରୀକ୍ଷା। ଜୁନ୍ ୧ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ପରୀକ୍ଷା ତାରିଖ ଏବଂ ପରୀକ୍ଷା ଫର୍ମାଟ୍ ବାବଦରେ ଘୋଷଣା କରିପାରନ୍ତି ବୋଲି ସୂଚନା ଦେଇଛନ୍ତି। ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସାରିବା ପାଇଁ ତିନି ମାସର ସମୟ ନେବେ ବୋଲି ଜଣାପଡିଛି। ପ୍ରଥମ ମାସରେ ପରୀକ୍ଷା ନେଇ ପ୍ରସ୍ତୁତି, ଦ୍ୱିତୀୟ ମାସରେ ଅର୍ଥାତ୍ ଜୁନ୍ ଶେଷ ବେଳକୁ ପରୀକ୍ଷା ଏବଂ ଜୁଲାଇ ଶେଷ ସୁଦ୍ଧା ପରୀକ୍ଷା ତାରିଖ ଘୋଷଣା କରିବା ନେଇ ଯୋଜନା ରହିଥିବା ସୂଚନା ରହିଛି। ମେଡିକାଲ, ଇଞ୍ଜିନିୟରିଂ ପରୀକ୍ଷା ପାଇଁ ପରୀକ୍ଷା ହେବ ବୋଲି ଜଣାପଡିଛି। ଆଜି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନେଇ ବସିଥିବା ଉଚ୍ଚସ୍ତରୀୟ ବୈଠକରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ପରୀକ୍ଷା ବୋର୍ଡର ଅଧ୍ୟକ୍ଷଙ୍କୁ ନେଇ ଉଚ୍ଚସ୍ତରୀୟ ଭର୍ଚୁଆଲ ବୈଠକ ହୋଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ, କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର, ସମସ୍ତ ରାଜ୍ୟର ଶିକ୍ଷା ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିବା ନେଇ ସୂଚନା ରହିଛି।

# 'ନାମରୁ ଚିହ୍ନଟ ହେଉ କଳା ଭୂତାଣୁ'


**ନୂଆଦିଲ୍ଲୀ :** ମ୍ୟୁକୋରମାଇକୋସିସ୍ ଏକ ସାଧାରଣ ଫଙ୍ଗାଲ୍ (ଫିମ୍ପି) ସଂକ୍ରମଣ ଯାହାକି ଏବେ କୋଭିଡ଼ ୧୯ ସଂକ୍ରମିତ କିମ୍ବା ସେଥିରୁ ଆରୋଗ୍ୟ ଲାଭ କରିଥିବା ରୋଗୀଙ୍କ ଠାରେ ଲକ୍ଷ୍ୟ କରାଯାଉଛି। ଏଭଳି ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବା ରିପୋର୍ଟ କରାଯାଉଛି, କିନ୍ତୁ ଏହା କୌଣସି ସଂକ୍ରାମକ ରୋଗ ନୁହେଁ, ଯାହା ଜଣେ ବ୍ୟକ୍ତିଙ୍କ ଠାରୁ ଅନ୍ୟଜଣେ ବ୍ୟକ୍ତିଙ୍କ ଶରୀରକୁ ବ୍ୟାପିବ। ଏହାର ଅର୍ଥ ହେଲା କୋଭିଡ଼ ୧୯ଭଳି ଏହା ଜଣେ ବ୍ୟକ୍ତିଙ୍କ ଠାରୁ ଅନ୍ୟ ଜଣେ ସୁସ୍ଥ ବ୍ୟକ୍ତିଙ୍କ ଶରୀରକୁ ସଂକ୍ରମିତ ହେବନାହିଁ। ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ନୂଆଦିଲ୍ଲୀର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆ ଆଜି ପିଆଇବି, ଦିଲ୍ଲୀର ରାଷ୍ଟ୍ରୀୟ ମିଡ଼ିଆ ସେଣ୍ଟର ଠାରେ ସାମ୍ବାଦିକମାନଙ୍କୁ ଏହି ସୂଚନା ଦେଇ କହିଛନ୍ତି। ଡାକ୍ତର ଗୁଲେରିଆଙ୍କ ମତରେ ଏହି ରୋଗକୁ ବ୍ଲାକ୍ ଫଙ୍ଗସ୍ ବୋଲି ନାମିତ କରିବା ଉଚିତ ନୁହେଁ, ବରଂ ଏହା ମ୍ୟୁକୋରମାଇକୋସିସ୍। କାରଣ ଏଭଳି ନାମରେ ନାମିତ କରାଗଲେ ଲୋକମାନଙ୍କ ମନରେ ଏହା ଅଯଥାରେ ବିଭ୍ରାନ୍ତି ସୃଷ୍ଟି କରୁଛି। "ଚିକିତ୍ସା ଶାସ୍ତ୍ରରେ ବ୍ଲାକ୍ ଫଙ୍ଗସ୍ ଆଉ ଏକ ଫାମିଲିର ରୋଗ। ଯେହେତୁ ମ୍ୟୁକୋରମାଇକୋସିସ୍ କଲଚର୍ ବେଳେ ହ୍ୱାଇଟ୍ ଫଙ୍ଗାଲ୍ କଲୋନୀରେ କଳା କଳା ଚିହ୍ନସବୁ ଦୃଶ୍ୟ ହେଉଛି ଏଥି ସହିତ ବ୍ଲାକ୍ ଫଙ୍ଗସ୍ ନାମକୁ ଯୋଡ଼ି ଦିଆଯାଇଛି। ସାଧାରଣତଃ, ଅନେକ ପ୍ରକାର ଫଙ୍ଗାଲ୍ ସଂକ୍ରମଣ ଯଥା, କ୍ୟାନଡ଼ିଡ଼ା, ଆସ୍ପେରଜିଲୋସିସ୍, କ୍ରପ୍ଟୋକୋକସ୍, ହିଷ୍ଟୋପ୍ଲାସ୍ମୋସିସ୍ ଏବଂ କୋସିଡ଼ିଓଆଇଡ଼ୋମାଇକୋସିସ୍ ରହିଛି। ମ୍ୟୁକୋରମାଇକୋସିସ୍, କ୍ୟାନଡିଡା ଏବଂ ଆସ୍ପେରଜିଲୋସିସ୍ ଭଳି ଫଙ୍ଗାଲ୍ ସଂକ୍ରମଣ କମ୍ ରୋଗପ୍ରତିରୋଧ ଶକ୍ତି ଥିବା ବ୍ୟକ୍ତିମାନଙ୍କ ଠାରେ ଦେଖାଯାଇଥାଏ। ଏଭଳି ସଂକ୍ରମଣର ମାତ୍ରା ବୃଦ୍ଧି ସଂପର୍କରେ ମତ ରଖି ଡାକ୍ତର ଗୁଲେରିଆ କହିଲେ, 'କ୍ୟାନଡିଡା ଫଙ୍ଗାଲ୍ ସଂକ୍ରମଣରେ ମୁହଁରେ, ପାଟି ଭିତର କ୍ୟାଭିଟିରେ ଓ ଜିଭରେ ଧଳା ଧଳା ପ୍ୟାଚ୍ ଦେଖାଯାଇଥାଏ। ଏହା ମଧ୍ୟ ଗୁପ୍ତାଙ୍ଗକୁ ସଂକ୍ରମିତ କରିପାରେ ଏବଂ ରକ୍ତକୁ ସୁଦ୍ଧା ଏହା ସଂକ୍ରମିତ କରିଥାଏ (ସେପରି ସ୍ଥଳେ ଏହା ଗୁରୁତର ଆକାର ଧାରଣ କରିଥାଏ)। ଆସ୍ପେରଜିଲୋସିସ୍ ଯାହାକି ଏତେ ସାଧାରଣ ଭାବେ ପରିଲକ୍ଷିତ ହୁଏନାହିଁ, ତାହା ଫୁସଫୁସକୁ ସଂକ୍ରମିତ କରିଥାଏ ଏବଂ ତାହା ଫୁସଫୁସରେ କ୍ୟାଭିଟ (କଣା) ସୃଷ୍ଟି କରିଥାଏ। କୋଭିଡ଼ ୧୯ କ୍ଷେତ୍ରରେ ଯାହା ପରିଲକ୍ଷିତ ହେଉଛି ତାହା ଅଧିକତର ମ୍ୟୁକୋରମାଇକୋସିସ୍; କ୍ୱଚିତ୍



କ୍ଷେତ୍ରରେ ଆସ୍ପେରଜିଲୋସିସ୍ ଦେଖାଯାଉଛି ଏବଂ କିଛି ଲୋକଙ୍କ ଠାରେ କ୍ୟାନଡିଡା ପରିଲକ୍ଷିତ ହେଉଛି।" ହାଇ ରିସ୍କ ରୋଗୀ ଯେଉଁମାନେ କି ମ୍ୟୁକୋରମାଇକୋସିସ୍‌ରେ ସଂକ୍ରମିତ ସେମାନଙ୍କ ସଂପର୍କରେ ମତ ରଖି ଡାକ୍ତର ଗୁଲେରିଆ କହିଛନ୍ତି ଯେ, 'ମ୍ୟୁକୋରମାଇକୋସିସ୍‌ରେ ପୀଡ଼ିତ ୯୦% - ୯୫% ରୋଗୀ ମଧୁମେହ ରୋଗୀ ଏବଂ/ କିମ୍ବା ସେମାନେ ଷ୍ଟେରଏଡ଼ ନେଉଛନ୍ତି। ଯେଉଁ ଲୋକମାନେ ମଧୁମେହରେ ପୀଡ଼ିତ ନୁହନ୍ତି କିମ୍ବା ଷ୍ଟେରଏଡ୍ ନେଉନାହାନ୍ତି ସେମାନଙ୍କ ଠାରେ କ୍ୱଚିତ୍ ଏହା ଦେଖାଯାଇଥାଏ।" ଡାକ୍ତର ଗୁଲେରିଆ ଆହୁରି କହିଛନ୍ତି ଯେ ଯେଉଁ ରୋଗୀମାନେ ହାଇ ରିସ୍କ ବର୍ଗରେ ଅଛନ୍ତି, ଅର୍ଥାତ୍ ଯେଉଁମାନଙ୍କ ଠାରେ ମଧୁମେହ ମାତ୍ରା ଅନିୟନ୍ତ୍ରିତ ଏବଂ ଯେଉଁମାନେ ଷ୍ଟେରଏଡ଼ ନେଉଛନ୍ତି ଓ କୋଭିଡ଼ ପଜିଟିଭ୍ ଭାବେ ଚିହ୍ନଟ ହୋଇଛନ୍ତି ସେମାନଙ୍କ ଠାରେ ଯଦି ନିମ୍ନଲିଖିତ ଲକ୍ଷଣ ଦେଖାଯାଉଥାଏ ତେବେ ସେମାନେ ତାହା ଡାକ୍ତରମାନଙ୍କ ନଜରକୁ ତୁରନ୍ତ ଆଣିବା ଉଚିତ। "ମ୍ୟୁକୋରମାଇକୋସିସ୍ ପାଇଁ କେତେକ ଚେତାବନୀ ସଂକେତ ହେଲା ରୋଗୀଙ୍କ ଠାରେ ମୁଣ୍ଡବିନ୍ଧା, ନାକରେ ମଇଳା ଜମିବା କିମ୍ବା ସେଥିରୁ ରକ୍ତ ପଡ଼ିବା, ଆଖି ପତା ତଳ ଫୁଲିବା, ମୁହଁର ସମ୍ବେଦନଶକ୍ତି କମିଯିବା ଭଳି ଲକ୍ଷଣ ଦେଖାଦେଲେ ଏବଂ ସେମାନେ ହାଇ ରିସ୍କଯୁକ୍ତ ରୋଗୀ ହୋଇଥିଲେ କିମ୍ବା ସେମାନେ ଯଦି ଷ୍ଟେରଏଡ଼ ନେଉଥାନ୍ତି, ତେବେ ସେମାନେ ତାହା ଡାକ୍ତରଙ୍କୁ ତୁରନ୍ତ ଜଣାନ୍ତୁ ଯଦ୍ୱାରା ଯଥାଶୀଘ୍ର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସା ଆରମ୍ଭ ହୋଇପାରିବ।" ମାନବ ଶରୀରର କେଉଁ ଅଙ୍ଗରେ ମ୍ୟୁକୋରମାଇକୋସିସ୍ ଲକ୍ଷଣ ଦେଖାଦେଇଛି ସେହି ଅନୁସାରେ ଏହାର ପ୍ରକାର ଭେଦ ନିର୍ଣ୍ଣୟ କରାଯାଇଥାଏ। ସଂକ୍ରମଣର ଲକ୍ଷଣ ଓ ସଂକେତ ଶରୀରର ବିଭିନ୍ନ ଅଙ୍ଗ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ। ରାଇନୋ ଅର୍ବିଟାଲ ସେରିବ୍ରାଲ୍ ମ୍ୟୁକୋରମାଇକୋସିସ୍: ଏଭଳି ଧରଣର ମ୍ୟୁକୋରମାଇକୋସିସ୍ ସଂକ୍ରମଣ ସ୍ଥଳେ ନାକ, ଆଖି/ ଆଖିଗାତ ଚତୁଃପାର୍ଶ୍ୱ, ପାଟିର କ୍ୟାଭିଟି, ନାକରୁ ସବୁଜ ରଙ୍ଗର ପାଣି ଗଡ଼ିବା, ନାସାରନ୍ଧ୍ରରେ ଯନ୍ତ୍ରଣା ଅନୁଭବ କରିବା, ନାକରୁ ରକ୍ତ ପଡ଼ିବା, ମୁହଁ ଫୁଲିବା, ମୁହଁର ସମ୍ବେଦନୀ ଶକ୍ତି ହ୍ରାସ ପାଇବା ଓ ଚର୍ମର ରଙ୍ଗ ଫିକା ପଡ଼ିଯିବା ଇତ୍ୟାଦି ଘଟିଥାଏ। ଏଭଳି ଫଙ୍ଗାଲ ସଂକମଣ ଫୁସଫୁସକୁ ଆକ୍ରାନ୍ତ କରିଥାଏ। ଏହା ଫଳରେ ଜ୍ୱର, ଛାତିରେ ଯନ୍ତ୍ରଣା, କଫ ଓ କାଶରେ ରକ୍ତ ପଡ଼ିଥାଏ। ଏହି ଫଙ୍ଗସ୍ ମଧ୍ୟ ଉଦରନଳୀ (ପାକସ୍ଥଳୀ)କୁ ସଂକ୍ରମିତ କରିଥାଏ। ଅକ୍ସିଜେନ୍ ଥେରାପୀ ସହିତ ଏହାର କୌଣସି ନିର୍ଦ୍ଦିଷ୍ଟ ସମ୍ପର୍କ ନାହିଁ "ଅନେକ ରୋଗୀ ଏବେ ଘରେ ରହି ଚିକିତ୍ସିତ ହେଉଛନ୍ତି, ଯେଉଁମାନେ ଅକ୍ସିଜେନ୍ ଥେରାପିରେ ନାହାନ୍ତି ସେମାନଙ୍କ ଠାରେ ମଧ୍ୟ ମ୍ୟୁକୋରମାଇକୋସିସ୍ ସଂକ୍ରମଣ ପରିଲକ୍ଷିତ ହେଉଛି। ତେଣୁ ଅକ୍ସିଜେନ୍ ଥେରାପୀ ଏବଂ ମ୍ୟୁକୋରମାଇକୋସିସ୍‌ରେ ସଂକ୍ରମିତ ହେବା ଭିତରେ କୌଣସି ନିର୍ଦ୍ଦିଷ୍ଟ ସଂପର୍କ ନାହିଁ।"ବୋଲି ଡାକ୍ତର ଗୁଲେରିଆ କହିଛନ୍ତି।

# ଟିକାକରଣରେ ସାଇବର ଅପରାଧୀଙ୍କ ନଜର: ନକଲି 'କୋ-ୱିନ୍' ଆପ୍‌ରେ ଲୁଟ୍

**କଟକ :** କେନ୍ଦ୍ର ସରକାରଙ୍କ 'କୋ-ୱିନ୍' ଆପ୍ଲିକେସନ୍ ଭଳି ଦେଖିବାକୁ ଅବିକଳ ନକଲି ଆପ୍ଲିକେସନ୍ 'ଭାକ୍ସିନ୍ ରେଜିଷ୍ଟର୍' ଏବେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଟିକାକରଣ ପାଇଁ ପଞ୍ଜୀକରଣ କିମ୍ବା ସ୍ଲଟ୍ ବୁକିଂରେ ସମସ୍ୟା ହେଉଥିଲେ ଏହି ନକଲି ଆପ୍ଲିକେସନ୍ ତୁରନ୍ତ ଟିକାକରଣ କରାଇବାର ପ୍ରତିଶ୍ରୁତି ଦେଉଛି। ଏହି ଆପ୍ଲିକେସନ୍ ମୋବାଇଲରେ ଡାଉନ୍‌ଲୋଡ୍ ହେବା ମାତ୍ରକେ ଗ୍ରାହକଙ୍କ ବ୍ୟାଙ୍କ୍ ସଂକ୍ରାନ୍ତ ଗୋପନୀୟ ତଥ୍ୟ ମୋବାଇଲରୁ ସାଇବର୍ ଅପରାଧୀ ଚୋରି କରି ନେଉଥିବା ଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ସହରବାସୀଙ୍କୁ ସତର୍କ କରିଛି କମିସନରେଟ୍ ପୋଲିସ। ଏଭଳି ଆପ୍ଲିକେସନ୍‌କୁ ମୋବାଇଲରେ ଡାଉନ୍‌ଲୋଡ ନ କରିବାକୁ କୁହାଯାଇଛି। ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଆରୋଗ୍ୟ ସେତୁ' ଓ 'କୋ-ୱିନ୍' ଆପ୍‌ରେ କୋଭିଡ୍ ଟିକାକରଣ ପାଇଁ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ଏହା ବାଦ୍ ଅନ୍ୟ କୌଣସି ଆପ୍ଲିକେସନ୍ ମାଧ୍ୟମରେ ଟିକାକରଣ ପାଇଁ ପଞ୍ଜୀକରଣ ହୋଇପାରିବ ନାହିଁ। କିନ୍ତୁ ଏବେ ସହରରେ ଟିକାକରଣ ଜନିତ ସମସ୍ୟା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଗୋଟିଏ ପଟେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଟିକାକରଣ ପାଇଁ ସ୍ଲଟ୍ ମିଳୁ ନ ଥିବାରୁ ସାଇବର୍ ଅପରାଧୀ ଏହାର



ସିଧାସଳଖ ଫାଇଦା ନେଉଛନ୍ତି। ସାଇବର୍ ଅପରାଧୀ ଜନସାଧାରଣଙ୍କ ମୋବାଇଲକୁ ତୁରନ୍ତ ଟିକାକରଣ ପାଇଁ ସ୍ଲଟ୍ ବୁକିଂ ସଂକ୍ରାନ୍ତ ଏକ ଲିଙ୍କ୍ ପଠାଉଛି। ଏହି ଲିଙ୍କ୍ କ୍ଲିକ୍ କରିବା ମାତ୍ରକେ ସ୍ୱତଃ ମୋବାଇଲରେ 'ଭାକ୍ସିନ୍ ରେଜିଷ୍ଟର୍' ଆପ୍ ଡାଉନ୍‌ଲୋଡ୍ ହୋଇଯାଉଛି। ଏହି ଆପ୍ଲିକେସନ୍ ଅବିକଳ ଦେଖିବାକୁ କୋ-ୱିନ୍ ଆପ୍ ଭଳି। ଏଥିରେ ଟିକାକରଣ ସଂକ୍ରାନ୍ତ ପଞ୍ଜୀକରଣ ପାଇଁ ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରିବାକୁ କୁହାଯାଉଛି। ତୁରନ୍ତ ଟିକାକରଣ ପାଇଁ ଧାର୍ଯ୍ୟ ଅର୍ଥ ଜମା କରିବାକୁ କୁହାଯାଉଛି। କିନ୍ତୁ ବାସ୍ତବରେ ଏଥିରେ ସେଭଳି ତୁରନ୍ତ ଟିକାକରଣ ଯୋଗାଇ ଦିଆଯାଉ ନାହିଁ। ଓଲଟି ମୋବାଇଲ୍ ବ୍ୟବହାରକାରୀଙ୍କ ଅଜାଣତରେ ତାଙ୍କ ମୋବାଇଲରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାଇବର୍ ଅପରାଧୀ ଚୋରି କରି ନେଉଛନ୍ତି। ଅନ୍‌ଲାଇନ୍‌ରେ ମୋବାଇଲରେ ଟଙ୍କା ପଠାଇବା ସମୟରେ ମୋବାଇଲ୍ ବ୍ୟବହାରକାରୀଙ୍କ ବ୍ୟାଙ୍କର ୟୁଜର ନେମ୍ ଏବଂ ପାସ୍‌ୱାର୍ଡ ଚୋରି ହୋଇଯାଉଛି। କରୋନା କାଳରେ କଟକ କମିସନରେଟ୍ ପୁଲିସ ଅଞ୍ଚଳରେ ସାଇବର୍ ଅପରାଧୀଙ୍କ ହାବୁଡ଼ରୁ ମୋଟ ୩ ଲକ୍ଷ ୭୨ ହଜାର ୫୮୯ ଟଙ୍କା ଫେରସ୍ତ ହୋଇପାରିଛି। ତେଣୁ କୌଣସି ଅଜଣା ଆପ୍ କିମ୍ବା ଲିଙ୍କ୍ କ୍ଲିକ୍ ନ କରିବା ସହିତ ବ୍ୟାଙ୍କ୍ ତଥ୍ୟ ନ ଦେବାକୁ କମିସନରେଟ୍ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଭଳି ଠକେଇ ହେଲେ ତୁରନ୍ତ କମିସନରେଟ୍ ପୁଲିସର ସାଇବର୍ ସେଲ୍‌କୁ ଅବଗତ କରିବାକୁ କୁହାଯାଇଛି। ପୁଲିସର କହିବା ଅନୁଯାୟୀ, ଟିକାକରଣ ପାଇଁ କୌଣସି ଫୋନ୍ କଲ୍ ସରକାରଙ୍କ ପକ୍ଷରୁ ଆସେ ନାହିଁ କିମ୍ବା କେହି ବ୍ୟାଙ୍କ ତଥ୍ୟ ମାଗନ୍ତି ନାହିଁ। କେହି ଏଭଳି କରୁଥିଲେ ଏଥିପ୍ରତି ସତର୍କ ରହିବାକୁ ପୁଲିସ ପକ୍ଷରୁ କୁହାଯାଇଛି।

## ଶିକ୍ଷାନୁଷ୍ଠାନମାନଙ୍କୁ କାର୍ଯ୍ୟସ୍ଥଳୀରେ ଟିକାକରଣ ଅନୁମତି



**ଭୁବନେଶ୍ୱର :** ଏଣିକି ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନମାନେ କାର୍ଯ୍ୟସ୍ଥଳୀରେ ନିଜ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କୁ ଟିକା ଦେଇପାରିବେ। ଟିକାକରଣକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘରୋଇ ହସ୍ପିଟାଲମାନଙ୍କୁ ଟିକା ଉତ୍ପାଦନକାରୀ ସଂସ୍ଥାଠାରୁ ସିଧାସଳଖ ଟିକା କିଣିବା ଲାଗି ଅନୁମତି ଦିଆଯାଇଛି। କୌଣସି ଘରୋଇ ହସ୍ପିଟାଲର ସହଯୋଗରେ ଶିକ୍ଷାନୁଷ୍ଠାନମାନେ ନିଜସ୍ୱ ଖର୍ଚ୍ଚରେ ଟିକାକରଣ କରିପାରିବେ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳ, ନଗର ନିଗମ ଓ ସିଡିଏମ୍‌ଓଙ୍କୁ ଚିଠି ଜାରି କରାଯାଇଛି। ଶିକ୍ଷାନୁଷ୍ଠାନର କର୍ମଚାରୀ ଓ ସେମାନଙ୍କ ପରିବାର ଲୋକ କରୋନା ଟିକାକରଣରେ ସାମିଲ କରାଯାଇଥିବା ବେଳେ ଶିକ୍ଷାନୁଷ୍ଠାନ, ଘରୋଇ ସଂସ୍ଥା ଓ ସରକାରୀ କାର୍ଯ୍ୟସ୍ଥଳୀରେ ଥିବା ଟିକାକରଣ କେନ୍ଦ୍ରରେ ଟିକା ନେଇପାରିବେ। ତେବେ ଶିକ୍ଷାନୁଷ୍ଠାନ ଓ ଘରୋଇ ସଂସ୍ଥାର କର୍ମଚାରୀ ଓ ପରିବାର ଲୋକଙ୍କ ପାଇଁ ଘରୋଇ ହସ୍ପିଟାଲ କିମ୍ବା ଶିକ୍ଷାନୁଷ୍ଠାନକୁ ଟିକା କିଣିବାକୁ ହେବ। ଅପରପକ୍ଷରେ ସରକାରୀ ଟିକାକରଣ କେନ୍ଦ୍ରରେ ୪୫ବର୍ଷରୁ ଅଧିକ ହିତାଧିକାରୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟିକା ଓ ୧୮-୪୪ବର୍ଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଟିକା ନେଇପାରିବେ। ତେଣୁ ୧୮-୪୪ବର୍ଗର ଟିକାକରଣ ପାଇଁ କୋ-ୱିନ୍ ଆପ୍‌ରେ କାର୍ଯ୍ୟସ୍ଥଳୀରେ ସାମ୍ଭାବ୍ୟ ଟିକାକରଣ ନେଇ ଅଧିକାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି।

# ବାତ୍ୟା ପରେ ସ୍ୱାସ୍ଥ୍ୟ ଚିନ୍ତା

## ଆଶ୍ରୟସ୍ଥଳ ଫେରନ୍ତାଙ୍କ ଉପରେ ନଜର

**ଭୁବନେଶ୍ୱର :** ରାଜ୍ୟରେ ବାତ୍ୟା ଚାଲିଯିବା ପରେ ଏବେ ପୁଣି କରୋନା ଚିନ୍ତା ଫେରିଆସିଛି। ବାତ୍ୟା ପାଇଁ ଆଶ୍ରୟସ୍ଥଳକୁ ନିଆଯାଇଥିବା ଲକ୍ଷ ଲକ୍ଷ ଲୋକ, ଉଦ୍ଧାର ଓ ସହାୟତା କରିବାକୁ ଯାଇଥିବା ହଜାର ହଜାର କର୍ମଚାରୀ ଯେପରି କରୋନା ସଂକ୍ରମିତ ନ ହୁଅନ୍ତି ସେ ଦିଗରେ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। ବାତ୍ୟା ଆଶ୍ରୟସ୍ଥଳକୁ ଯାଇଥିବା ଲୋକ ଓ ସହାୟତା କର୍ମଚାରୀଙ୍କ ଶରୀରରେ ସମ୍ଭାବ୍ୟ କୋଭିଡ୍ ଲକ୍ଷଣ ଉପରେ ନଜର ରଖିବାକୁ ରାଜ୍ୟ ସରକାର ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର ୧୨ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ଏ ସମ୍ପର୍କିତ ନିର୍ଦ୍ଦେଶ ଦେଇଛନ୍ତି। ଏହି ୧୨ ଜିଲ୍ଲା ହେଲା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦ୍ରାପଡା, ଜଗତସିଂହପୁର, ସୁନ୍ଦରଗଡ, ପୁରୀ,



କେନ୍ଦୁଝର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ। ଏହି ପତ୍ରରେ କୁହାଯାଇଛି ଯେ, ଆଶ୍ରୟସ୍ଥଳ ଫେରନ୍ତା ଲୋକ, ଉଦ୍ଧାରକାରୀ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବାକୁ ଘରକୁ ଘର ବୁଲୁଥିବା ସର୍ଭେ ଟିମ୍‌କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଉ। ସେହିପରି ଏସବୁ ଲୋକମାନେ ନିଜେ ନିଜର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖନ୍ତୁ ଓ ଲକ୍ଷଣ ଦେଖାଦେଲେ ତୁରନ୍ତ ନିଜକୁ ଅଲଗା କରି କୋଭିଡ୍ ପରୀକ୍ଷା କରାନ୍ତୁ। ସେହିପରି ଲୋକମାନେ ମଧ୍ୟ ନିଜେ ନିଜର ସ୍ୱାସ୍ଥ୍ୟ ନେଇ ସଚେତନ ରହିବା ଉଚିତ୍। ଯଦି କୋଭିଡ୍ ସଂକ୍ରମଣ ଲକ୍ଷଣ ଦେଖାଦିଏ ସେମାନେ ତୁରନ୍ତ ନିଜକୁ ସଙ୍ଗରୋଧକୁ ରଖି କୋଭିଡ୍-୧୯ ପରୀକ୍ଷା କରାଇ ନେବା ଉଚିତ୍ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ, ବାତ୍ୟା ୟାସ୍ ପାଇଁ ରାଜ୍ୟ ସରକାର ପ୍ରାୟ ସାଢ଼େ ୬ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରିଥିଲେ। ଏହି ଲୋକମାନେ ଆଶ୍ରୟସ୍ଥଳୀରେ ରହିଥିଲେ ମଧ୍ୟ ସାମାଜିକ ଦୂରତ୍ୱ ବଜାୟ ରଖିବା ସମ୍ଭବପର ହୋଇନଥିବାରୁ କୋଭିଡ୍ ସଂକ୍ରମଣ ବ୍ୟାପିବାର ଆଶଙ୍କା ଅଧିକ ରହିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ଦେଶର ଅନ୍ୟ ରାଜ୍ୟ ଗୁଡିକରେ କରୋନା ମାମଲା ହ୍ରାସ ପାଉଥିବା ବେଳେ ଓଡ଼ିଶାରେ ଏବେ ଏହା ଅଧିକ ଭାବେ ବଢ଼ିବାରେ ଲାଗିଛି।

## ମୌସୁମୀ ସକ୍ରିୟ ପାଇଁ ପାଗ ଅନୁକୂଳ

**ଭୁବନେଶ୍ୱର :** ଧୀରେଧୀରେ ସକ୍ରିୟ ହେବାରେ ଲାଗିଛି ମେସୁମୀ ବାୟୁ। ଦକ୍ଷିଣ-ପଶ୍ଚିମ ମେସୁମୀ ଏବେ ମାଳଦୀପର କୋମୋରିଆ ଅଞ୍ଚଳ ସମେତ ଦକ୍ଷିଣ ପଶ୍ଚିମ ଓ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରର କିଛି କିଛି ଅଞ୍ଚଳରେ ସକ୍ରିୟ ହୋଇଛି। ଏଥିସହ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର ଅଧିକାଂଶ ସ୍ଥାନ ଓ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରର କିଛି କିଛି ସ୍ଥାନରେ ମେସୁମୀ ଗୁରୁବାର ସକାଳେ ସକ୍ରିୟ ହୋଇଛି। ଏ ସବୁକୁ ନଜରକୁ ନେଲେ ଖୁବ୍ ଶୀଘ୍ର ଭାରତକୁ ମେସୁମୀ ସ୍ପର୍ଶ କରିବ ବୋଲି ଅନୁମାନ କରାଯାଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ପାଗ ଅନୁକୂଳ ହେଉଥିବାରୁ ତଥା ବଙ୍ଗୋପସାଗର ଓ ଆଖପାଖ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମେସୁମୀ ସକ୍ରିୟ ହେଉଥିବାରୁ ମେ' ୩୧ ବେଳକୁ ମେସୁମୀ କେରଳ ଛୁଇଁବା ସମ୍ଭାବନା ସୃଷ୍ଟି ହେଉଛି। ଏହାର ପ୍ରାୟ ୧୨ଦିନ ପରେ ଅର୍ଥାତ ଜୁନ୍ ୧୦ କିମ୍ବା ୧୧ ତାରିଖକୁ ଓଡ଼ିଶାକୁ ମେସୁମୀ ଆସିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଜୁନ୍ ୪ରୁ ବିପିୟୁଟି ଅଡ୍ ସେମିଷ୍ଟର୍


**ଭୁବନେଶ୍ୱର :** ବାତ୍ୟା 'ୟାସ୍'କୁ ନଜରରେ ରଖି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ଦ୍ୱାରା ପରିଚାଳିତ ଅଡ୍ ସେମିଷ୍ଟର୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ମେ' ୨୪ରୁ ଜୁନ୍ ୨ ମଧ୍ୟରେ ହେବାକୁ ଥିବା ପରୀକ୍ଷା ପାଇଁ ପୁଣିଥରେ ତାରିଖ ଧାର୍ଯ୍ୟ ହୋଇଛି। ଜୁନ୍ ୪ରୁ ୧୭ ତାରିଖ ପର୍ଯ୍ୟନ୍ତ ରେଗୁଲାର ଓ ବ୍ୟାକ୍ ପେପର୍ ପରୀକ୍ଷା ଅନ୍‌ଲାଇନ୍‌ରେ କରାଯିବ। ପରୀକ୍ଷା ଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ଇ-ଆଡମିଟ୍ କାର୍ଡ ପ୍ରକାଶ କରାଯିବ ନାହିଁ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ସେମିଷ୍ଟର୍ ପରୀକ୍ଷାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ବିପିୟୁଟି କର୍ତ୍ତୃପକ୍ଷ ଅନ୍‌ଲାଇନ ପରୀକ୍ଷା କରିବା ଦିଗରେ ପଦକ୍ଷେପ ନେଉଥିବା ବେଳେ ଭିସୁଟ୍ କର୍ତ୍ତୃପକ୍ଷ କାହିଁକି ଚୁପ୍ ବସିଛନ୍ତି, ତାହାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ପ୍ରଶ୍ନ ଉଠାଇଛନ୍ତି। ବୈଷୟିକ ଶିକ୍ଷା ବିଭାଗ ଏକ୍ଷେତ୍ରରେ ତୁରନ୍ତ ହସ୍ତକ୍ଷେପ କରିବା ସହ ଭିସୁଟ୍‌ରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ଏଣିକି ଘର ଭାଙ୍ଗିଲେ ମିଳିବ ୨.୭୩ ଲକ୍ଷ

**ଭୁବନେଶ୍ୱର:** ରାଜ୍ୟ ସରକାରଙ୍କ ପକ୍ଷରୁ ପୁନଃଥଇଥାନ ଓ ପୁନର୍ବାସ ନୀତି-୨୦୦୬ରେ ସଂଶୋଧନ ଅଣାଯାଇଛି। ଏଣିକି କ୍ଷତିଗ୍ରସ୍ତଙ୍କୁ ଅନୁକମ୍ପା ଦେଖାଇବା ପାଇଁ ସରକାରଙ୍କ ପକ୍ଷରୁ ଘରଭଙ୍ଗାଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଆର୍ଥିକ ସହାୟତା ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ସଂକଳ୍ପନାମା ଜାରି ହୋଇଛି। ସଂକଳ୍ପନାମାରେ ବିଭାଗୀୟ ପ୍ରମୁଖ ସଚିବ ସଚିବ ବିଷ୍ଣୁପ୍ରସାଦ ସେଠୀ ଦର୍ଶାଇଛନ୍ତି ଯେ ସରକାରଙ୍କ ସଂଶୋଧନ ନୀତି ଅନୁଯାୟୀ ଏଣିକି ସରକାର ଘରଭଙ୍ଗା କ୍ଷତିଗ୍ରସ୍ତଙ୍କୁ ୨ ଲକ୍ଷ ୭୩ ହଜାର ଟଙ୍କା ଦେବେ। ଘର ନିର୍ମାଣ ସହାୟତା ବାବଦକୁ ପ୍ରଥମେ ୧.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ୨ ଲକ୍ଷ ୫୭ ହଜାର ୪୭୫ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ସେହିପରି ପୂର୍ବରୁ ସ୍ଥାନାନ୍ତର ଓ ଅନ୍ୟତ୍ର ଥଇଥାନ ବାବଦକୁ ସରକାର ୫୦ ହଜାର ଟଙ୍କାର ଅନୁଦାନ ଦେଉଥିଲେ। ପରବର୍ତ୍ତୀ ସମୟରେ ଏହି ଅନୁଦାନ ରାଶିକୁ ବୃଦ୍ଧି କରାଯାଇ ୨୦୧୮ ରୁ ୮୫ ହଜାର ୮୨୫ ଟଙ୍କା ପ୍ରଦାନ କରାଯାଉଥିଲା। ପୁନଃ ସଂଶୋଧନ ପରେ ଏହି ରାଶି ବୃଦ୍ଧି ହୋଇ ୯୧ ହଜାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଶିଳ୍ପ ଏବଂ ଖଣିଜ ଶିଳ୍ପ ଯୋଗୁଁ କ୍ଷତିଗ୍ରସ୍ତ ହୋଇ ସମସ୍ତ ଚାଷ ଜମି ଏବଂ ଘରବାଡି ହରାଇଥିବା ପରିବାରକୁ ଏଣିକି ୯ ଲକ୍ଷ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିଭଳି ନିଜର ଦୁଇ ତୃତୀୟାଂଶ ଚାଷ ଜମି ହରାଇଥିବା ହିତାଧିକାରୀଙ୍କୁ ୫ ଲକ୍ଷ ୪୬ ହଜାର, ଏକତୃତୀୟାଂଶ ଚାଷଜମି ହରାଇଥିବା ବ୍ୟକ୍ତିଙ୍କୁ ୩ ଲକ୍ଷ ୬୪ ହଜାର ଏବଂ କେବଳ ଘର ବାଡି ହରାଇଥିବା ବ୍ୟକ୍ତିଙ୍କୁ ୧ ଲକ୍ଷ ୮୨ ହଜାର ଅର୍ଥ ରାଶି ସହାୟତା ପ୍ରଦାନ କରାଯିବ। ଜଳସେଚିତ ଚାଷଜମି ହରାଇଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ୧ ଲକ୍ଷ ଟଙ୍କା ଅନୁଦାନ ମିଳୁଥିବା ବେଳେ ଏହାକୁ ବୃଦ୍ଧି କରାଯାଇ ୧ ଲକ୍ଷ ୮୨ ହଜାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିଭଳି ଅଣ ଜଳସେଚିତ ଚାଷ ଜମି ହରାଇଥିବା ବ୍ୟକ୍ତିଙ୍କୁ ଏକର ପିଛା ୯୧ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବାକୁ ସଂକଳ୍ପନାମାରେ ରହିଥିବାବେଳେ ରକ୍ଷଣାବେକ୍ଷଣ ଭତ୍ତାକୁ ବୃଦ୍ଧି କରାଯାଇ ମାସକୁ ୩ ହଜାର ୬୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାସହିତ ଅସ୍ଥାୟୀ ଘର ବାବଦକୁ ୧୮ ହଜାର ୨୦୦ ଏବଂ ପରିବହନ ବାବଦକୁ ୩ ହଜାର ୬୪୦ ଟଙ୍କା ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

# ଅନାଥାଶ୍ରମ, ସର୍ଟ ଷ୍ଟେ ହୋମ୍, ମାନସିକ ସ୍ୱାସ୍ଥ୍ୟ ହଷ୍ଟେଲ ପାଇଁ ଜାରି ହେଲା ଏସ୍‌ଓପି

**ଭୁବନେଶ୍ୱର :** କରୋନାର ଦ୍ୱିତୀୟ ଲହରକୁ ନଜରରେ ରଖି ରାଜ୍ୟରେ ଥିବା ମାନସିକ ସ୍ୱାସ୍ଥ୍ୟ ହଷ୍ଟେଲ, ଅନାଥାଶ୍ରମ, ସର୍ଟ ଷ୍ଟେ ହୋମ ଓ ଶିଶୁ ସ୍ୱାସ୍ଥ୍ୟ ଯତ୍ନ କେନ୍ଦ୍ରଗୁଡ଼ିକ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଏସ୍‌ଓପି ଜାରି ହୋଇଛି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରାଜ୍ୟର ସବୁ ଜିଲ୍ଲାପାଳ, ନଗର ନିଗମ, ସିଡିଏମ୍‌ଓ ଓ ଏସ୍‌ବି ଏମଏଚ୍‌ଆଇର ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ହଷ୍ଟେଲ/କେନ୍ଦ୍ର ପରିସରରେ ଛେପ ପକାଇବା ଉପରେ କଟକଣା ଲଗାଇବା ସହିତ ପ୍ରଥମ ଥର କେନ୍ଦ୍ରକୁ ଆସିଲେ ତାଙ୍କର କୋଭିଡ୍ ପରୀକ୍ଷା କରିବା ଲାଗି କୁହାଯାଇଛି। ସେହିପରି ଏସବୁ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରବେଶ ସମୟରେ ହାତ ସଫା ସହିତ ଥର୍ମାଲ ସ୍କ୍ରିନିଂକୁ ବାଧ୍ୟତାମୂଳକ କରାଯିବ। ଯେଉଁ କର୍ମଚାରୀଙ୍କ କେଣସି ପ୍ରକାର ଲକ୍ଷଣ ନାହିଁ କେବଳ ସେମାନଙ୍କୁ ହିଁ ପ୍ରବେଶର ଅନୁମତି ମିଳିବ। ଯଦି କେଣସି ଅନ୍ତେବାସୀ କୋଭିଡ୍ ସନ୍ଦିଗ୍ଧ ବୋଲି ନଜରକୁ ଆସେ ତାଙ୍କ ପାଇଁ କେନ୍ଦ୍ରରେ ଏକ ଆଇସୋଲେସନ୍ ରୁମ୍ ରହିବା ବାଧ୍ୟତାମୂଳକ। ହଷ୍ଟେଲରେ ରହୁଥିବା ଅନ୍ତେବାସୀମାନେ ପରସ୍ପର ସହିତ ନିଜର କପ୍, ବାସନ କୁସନ, ଖାଦ୍ୟ, ପାନୀୟକୁ ଯେପରି ଆଦାନ ପ୍ରଦାନ ନ କରିବେ ତାହାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଗୃହ ଗୁଡ଼ିକରେ ଯେପରି ମୁକ୍ତ ବାୟୁ ଚଳାଚଳ ରହିବା ତାହା ଉପରେ ୱାର୍ଡେନ୍ ନଜର ରଖିବେ। ୱାସ୍ ରୁମ୍‌କୁ ପ୍ରତ୍ୟେକ ଦିନ ନିୟମିତ ବ୍ୟବଧାନରେ ସଫା କରାଯିବା ସହିତ ଅନ୍ତେବାସୀମାନେ ଯେପରି ଅନ୍ୟର ସାବୁନ କିମ୍ବା ଡିସଇନଫେକ୍ଟାଣ୍ଟ ବ୍ୟବହାର କରିବେ ନାହିଁ। ଏକତ୍ର ଭାବେ ଖାଇବା, ପାଇଖାନା ଓ କରିଡରରେ ଭିଡ଼କୁ ବାରଣ କରାଯିବା ସହିତ ଏକତ୍ର ୩ରୁ ଅଧିକ ଅନ୍ତେବାସୀ ଏକାଠି ଠିଆ ହୋଇପାରିବା ଉପରେ ରୋକ ଲଗାଯାଇଛି। ଖାଇବା ସମୟରେ ଅଯଥା ଗହଳିକୁ ଏଡ଼ାଇବା ପାଇଁ କୁପନ ବ୍ୟବସ୍ଥା କରାଯିବା ସହିତ ମେସ୍‌ରେ ପ୍ରବେଶ କରିବା



ପୂର୍ବରୁ ରୋଷେୟାଙ୍କ ମଧ୍ୟ ସ୍କ୍ରିନିଂ କରାଯିବା ଜରୁରୀ। ପ୍ରତ୍ୟେକ ଦିନ ହଷ୍ଟେଲ/କେନ୍ଦ୍ରରେ ଡାକ୍ତର ଗୋଟିଏ ରାଉଣ୍ଡ ପରିଦର୍ଶନ କରିବା ସହିତ ମେସ୍‌କୁ ସପ୍ତାହାନ୍ତ ସାନିଟାଇଜ୍ କରାଯିବ। ୨୪ଘଣ୍ଟିଆ ଏକ ଆମ୍ବୁଲାନ୍ସ ସଂରକ୍ଷିତ ରଖିବା ଜରୁରୀ। ଯଦି କୌଣସି ଅନ୍ତେବାସୀ ପଜିଟିଭ୍ ଚିହ୍ନଟ ହୁଅନ୍ତି ତାହେଲେ ତାଙ୍କୁ ତୁରନ୍ତ ହଷ୍ଟେଲ/କେନ୍ଦ୍ରରେ ଥିବା ଆଇସୋଲେସନ୍ କେନ୍ଦ୍ରକୁ ନେବା ସହିତ ପରିବାର ଲୋକଙ୍କୁ ଏ ସଂପର୍କରେ ସୂଚନା ଦିଆଯିବ। ଯଦି ଆବଶ୍ୟକ ପଡ଼େ ତାହେଲେ ତାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବ। କୌଣସି ଅନ୍ତୋବସୀଙ୍କଠାରେ ଯଦି କାଶ, ଜ୍ୱର, ତଣ୍ଟି ଖରାପ କିମ୍ବା ପତାଳା ଝାଡ଼ା ହେଉଥାଏ ସେ ସଂପର୍କରେ ଜିଲ୍ଲାସ୍ତରରେ ଥିବା ଆଇଡିଏସ୍ପି ସେଲ୍‌କୁ ସୂଚନା ଦିଆଯିବ। ହଷ୍ଟେଲ/କେନ୍ଦ୍ରର ଜଣେ ନୋଡାଲ ଅଧିକାରୀ ଆଇଡିଏସ୍ପି ସେଲ ସହିତ ଯୋଗାଯୋଗରେ ରହିବେ। ଅପରପକ୍ଷରେ ସପ୍ତାହରେ ସର୍ବାଧିକ ୧୫ମିନିଟ୍ ଜଣେ ଛାତ୍ର ବାହାରକୁ ଯାଇ ପାରିବେ। ଯଦି ଏହି ନିୟମର କେହି ଉଲ୍ଲଂଘନ କରନ୍ତି ତାହାଲେ ତାଙ୍କୁ ସଙ୍ଗରୋଧରେ ରଖାଯିବା ସହିତ କ୍ୟାମ୍ପସ ଡାକ୍ତରଙ୍କ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛିୟ ଏହି ସମୟରେ ଯଦି କେଣସି ପରିଦର୍ଶନକାରୀ କେନ୍ଦ୍ରକୁ ଆସନ୍ତି ତାଙ୍କର ସ୍କ୍ରିନିଂ ସହିତ ମାସ୍କ, ସାନିଟାଇଜେସନ୍ ଓ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅନ୍ତେବାସୀଙ୍କୁ ଭେଟିବା ଲାଗି ବ୍ୟବସ୍ଥା କରାଯିବା ଜରୁରୀ। ଜଣେ କର୍ମଚାରୀ ପରିଦର୍ଶନକାରୀଙ୍କ ରେଜିଷ୍ଟ୍ରାରର ରକ୍ଷଣାବେକ୍ଷଣ ସହିତ ତାଙ୍କର ସମସ୍ତ ଠିକଣା ସଂଗ୍ରହ କରିବାକୁ କୁହାଯାଇଛି।


# ପୁନରୁଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ବାତ୍ୟା ୟାସର ପରବର୍ତ୍ତୀ ପୁନର୍ଗଠନ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରି ୭ଦିନ ମଧ୍ୟରେ ପ୍ରଭାବିତ ଜିଲ୍ଲା ଗୁଡିକରେ ଭାଙ୍ଗି ଯାଇଥିବା ଘର ଗୁଡିକ ସମ୍ପର୍କରେ ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ରିଲିଫ, ପୁନର୍ଗଠନ ଓ ପୁନରୁଦ୍ଧାର ପ୍ରକ୍ରିୟା ଉପରେ ସମସ୍ତ ଧ୍ୟାନ କେନ୍ଦ୍ରୀତ କରିବାକୁ ପଡିବ। କ୍ଷତିଗ୍ରସ୍ତ ଜଳମଗ୍ନ ଅଞ୍ଚଳରେ ୭ଦିନ ପାଇଁ ରିଲିଫ ଘୋଷଣା କରାଯାଇଛି ବୋଲି ପ୍ରକାଶ କରି ସମସ୍ତ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ପ୍ରକ୍ରିୟା ଖୁବ୍‌ଶୀଘ୍ର ସ୍ୱାଭାବିକ କରିବା ପାଇଁ ପରାମର୍ଶ ଦେଇ ଆଜି ସଂଧ୍ୟା ସୁଦ୍ଧା ସମସ୍ତ ମୁଖ୍ୟ ସଡକ ଗୁଡିକ ଯାନବାହନ ଚଳାଚଳ ପାଇଁ ଅବରୋଧମୁକ୍ତ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ। ସେହିପରି ବୈତରଣୀ ନଦୀର ତଳ ଅଞ୍ଚଳରେ ବନ୍ୟା ଆସିବାର ସମ୍ଭାବନା ଥିବାରୁ ପ୍ରଶାସନ ସତର୍କ ଦୃଷ୍ଟି ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ୟାସର ପରିଚାଳନାରେ ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତ ବିଷୟକୁ ଦୃଷ୍ଟିରେ ରଖି ବିଧିବଦ୍ଧ ଯୋଜନା ଏବଂ ତ୍ରୁଟିଶୂନ୍ୟ ପରିଚାଳନା ଯୋଗୁ ବାତ୍ୟା ୟାସର ସଫଳ ମୁକାବିଲା କରାଯାଇପାରିଛି। ସେ କହିଥିଲେ ଯେ, ଜନସାଧାରଣଙ୍କ ସହଯୋଗରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଅତ୍ୟନ୍ତ ସଫଳ ଓ ପ୍ରଭାବୀ ବୋଲି ପୁଣିଥରେ ପ୍ରମାଣିତ କରିପାରିଛି। ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡିକର ସମସ୍ତ ଜନସାଧାରଣ, ନାଗରିକ ସଂଗଠନ ମାନଙ୍କୁ ରିଲିଫ ଓ ସ୍ଥାନାନ୍ତର କାର୍ଯ୍ୟରେ ସେମାନଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। କେନ୍ଦ୍ର ସରକାର ଏବଂ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଯଥା ଏନ୍‌ଡିଆରଏଫ୍‌ଏ ଆଇଏମ୍‌ଡି ଓ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାକୁ ସେମାନଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟରେ ଏହିଭଳି ଦକ୍ଷତାର ସହ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ,



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ବାତ୍ୟା କ୍ଷୟକ୍ଷତି ଆକଳନ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କିହଥିଲେ ଯେ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ଯୋଗାଯୋଗ ପ୍ରକ୍ରିୟା ସ୍ୱାଭାବିକ ହୋଇଛି ବୋଲି ପ୍ରକାଶ କରି ସେ କହିଲେ ଯେ, ଜଳମଗ୍ନ ଅଞ୍ଚଳ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ବିଦ୍ୟୁତ୍ ଯୋଗାଯୋଗ ସ୍ୱାଭାବିକ ହୋଇଛି। ପାନୀୟ ଜଳ ପାଇଁ ଡିଜି ସେଟ୍, ଟ୍ୟାଙ୍କର ଜରିଆରେ ବ୍ୟବସ୍ଥା କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ରିଲିଫ କମିଶନର ପିକେ ଜେନା ଏକ ଉପସ୍ଥାପନା ରଖି କହିଥିଲେ ଯେ, ଲୋକଙ୍କ ସୁରକ୍ଷା ପାଇଁ ୧୨ଟି ଜିଲ୍ଲାର ୭ଲକ୍ଷ ୧୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୮୪୧୦ଟି ଆଶ୍ରୟ ସ୍ଥଳରେ ରଖାଯାଇଥିଲା। ସେ କହିଥିଲେ ଯେ, ୨୦୦ଟି ବ୍ଲକରେ ପ୍ରବଳ ବର୍ଷା ହୋଇଥିଲା। ମୟୂରଭଞ୍ଜର କୁସୁମୀ ବ୍ଲକରେ ୫୧୫ ମିମି ବର୍ଷା ହୋଇଥିବାରୁ ସେ ସୂଚନା ଦେଇଥିଲେ। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ସମୁଦାୟ ୬୨ଟି ବ୍ଲକ ପ୍ରଭାବିତ ହୋଇଛି। ସବୁ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ୫୭୧ଟି ପାଇପ ଜଳ ପ୍ରକଳ୍ପକୁ ଜେନ୍‌ସେଟ୍ ଜରିଆରେ କାର୍ଯ୍ୟକାରୀ କରାଯାଉଛି ଏବଂ ୩୪୬ଟି ଟ୍ୟାଙ୍କର ଜରିଆରେ ଜଳମଗ୍ନ ସ୍ଥାନକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ଅତିରିକ୍ତ ଟ୍ୟାଙ୍କର ପଠାଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ସମସ୍ତ ପୌରାଞ୍ଚଳରେ ପାନୀୟ ଜଳ ଯୋଗାଣ ପ୍ରକ୍ରିୟା ସ୍ୱାଭାବିକ କରାଯାଇଛି। ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ କେନ୍ଦ୍ରାପଡା, ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳରେ କେତେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି ଏବଂ ଜଳମଗ୍ନ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘାଇର ଆକଳନ କରାଯାଉଛି ଏବଂ ବିଭିନ୍ନ ସ୍ଥାନରେ ମରାମତି କାର୍ଯ୍ୟ ଚାଲିଛି। ମହିଳା ଓ ଶିଶୁ ବିକାଶ ବିଭାଗର ସୂଚନା ଅନୁଯାୟୀ ୪୫୦୦ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୨୧୦୦ଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ବାତ୍ୟା ସମୟରେ ୭୫୦ ନବଜାତ ଶିଶୁ ଜନ୍ମ ହୋଇଛନ୍ତି। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ସମସ୍ତ କୋଭିଡ୍ ହସ୍ପିଟାଲରେ ଭିତ୍ତିଭୂମି ଠିକ୍ ରହିଛି। ବୈଠକରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲାପାଳମାନେ ଜିଲ୍ଲାରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟକ୍ରମ ଗୁଡିକର ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନର କାର୍ଯ୍ୟକୁ ପ୍ରଶଂସାକ ରି ଏହିଭଳି କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ସଂଯୋଜନା କରିଥିଲେ। ସମ୍ପୃକ୍ତ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୧ ମଇ - ୬ ଜୁନ୍, ୨୦୨୧

# ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜଡା ହେବା ଜରୁରୀ

ପ୍ରତ୍ୟେକ ମଣିଷ ଜୀବନରେ ସୁଖ, ଦୁଃଖ ଆସିଥାଏ । ତାହାରି ଭିତରେ ସୁଖ ନାମକ ଶବ୍ଦଟି ଯେତିକି ଉଲ୍ଲାସ ଦିଏ, ଦୁଃଖ ସମୟରେ ତାହାର ପ୍ରତିଫଳନ ଏତେ ଅଧିକ ଥାଏ ଯେ, ତାହାର ଆକଳନ ସହଜ ହୋଇନଥାଏ । ସମୟ ସମୟରେ ମଣିଷ ଆଶା କରିନଥିବା ସୁଖକୁ ଆଦର କରୁଥିଲା ବେଳେ ଅଚାନକ ପହଞ୍ଚୁଥିବା ବିପଦ ଦେଖି ଧୈର୍ଯ୍ୟହରା ହୋଇଥାଏ । ହେଲେ ଜୀବନ ଏମିତି ଯେ, ସୁଖ ଦୁଃଖ କେବେ ସମାନ ଭାବେ ଆସିନଥାନ୍ତି । କାରଣ କାହାରି ଜୀବନରେ ଦୁଃଖ ଏତେ ଅଧିକ ମାତ୍ରାରେ ଆସି ପହଞ୍ଚେ ଯେ, ସେ ଏହାର ମୁକାବିଲା କରିବା ପାଇଁ ନିଜକୁ ସ୍ଥିର ରଖିପାରିନଥାଏ । ହେଲେ ସୁଖ ଆସିବା ସମୟରେ ଏହାର ଯତ୍ନ ନେବାକୁ ତତ୍ପରତା ଅଧିକ ଦେଖାଏ । କିନ୍ତୁ ସୁଖ ଯେ କ୍ଷଣିକ ଏକଥା ପାଶୋରି ଦେଇଥାଏ । ଯାହାଫଳରେ ସୁଖ ଭୋଗ କରିଥିବା ବ୍ୟକ୍ତି ଦୁଃଖ ବେଳେ ଅଧିକ ଭାଙ୍ଗିପଡେ । ପ୍ରକୃତି ତିଆରି କରିଥିବା ବିଶ୍ୱ ଏତେ ସୁନ୍ଦର ଏହାର ସୁରକ୍ଷା ଧ୍ୟାନ ନଦେଇ ମଣିଷ ନିଜ ସ୍ୱାର୍ଥ ପ୍ରତି ଅଧିକ ଚିନ୍ତାଶୀଳ ରହି, ତଦନୁସାରେ ନିଜର ପ୍ରକ୍ରିୟା ଜାରି ରଖିଥାଏ । ଅଥଚ ମଣିଷ ଭୁଲିଯିବା ଉଚିତ ନୁହେଁ ଯେ, କେବଳ ମଣିଷ ହିଁ ବିଶ୍ୱରେ ଏକମାତ୍ର ପ୍ରାଣୀ । କାରଣ ଅନେକ ଜୀବଜନ୍ତୁ, ପଶୁ ପକ୍ଷୀ, କୀଟ ପତଙ୍ଗ ମଧ୍ୟ ଦୁନିଆର ଅଂଶୀଦାର । ଆମ ଜୀବନରେ ସେମାନଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଚି । ପ୍ରତ୍ୟେକ ବସ୍ତୁର ଯେଭଳି ଭିନ୍ନ ଭିନ୍ନ ମୂଲ୍ୟ ସେଭଳି ଜୀବଜଗତରେ ବାସ କରୁଥିବା ସମସ୍ତ ପ୍ରାଣୀ ପ୍ରକୃତି ଦ୍ୱାରା ଜୀବନ ଦାନ ପାଇଛନ୍ତି । ଯେଉଁ ପ୍ରକୃତି ଆମକୁ ଜୀବନ ଦେଇଚାଲିଛି, ସେହି ପ୍ରକୃତିର ସୁରକ୍ଷା କରିବା ବଦଳରେ ଆମେ ଯେତେବେଳେ ଏହାର ଦୁରୁପଯୋଗ କରୁ ବା ଅନ୍ୟାୟ ଭାବେ ଏହାକୁ ନଷ୍ଟ କରୁ ସେତେବେଳେ ଏହାର କୁଫଳ ଆମକୁ ହିଁ ଭୋଗିବାକୁ ପଡିବ । ଯେଉଁ ଅବିଚାର ବଳରେ ଆମେ ଉଦ୍ଭିଦ ଜଗତ ଠାରୁ ଆରମ୍ଭ କରି ପ୍ରାଣୀ ଜଗତର ବିନାଶ କରୁଛେ, ଦିନକୁ ଦିନ ଏହାର କୁପ୍ରଭାବ ଆମ ଉପରେ କିଭଳି ପଡୁଛି ତାହାର ସମୀକ୍ଷା କଲେ ବାସ୍ତବ ଚିତ୍ର ଆପେ ଉଦ୍ଭାସିତ ହୋଇଉଠିବ । ନିଜର ବିଳାସମୟ ଜୀବନ, ଜିହ୍ୱା ଲାଳସା ଓ ଅତ୍ୟଧିକ ବସ୍ତୁବାଦୀ ଚିନ୍ତା ଦ୍ୱାରା ପ୍ରକୃତି ଉପରେ ବାରମ୍ବାର ଅତ୍ୟାଚାର କରିବା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଏଭଳି ଘଟୁଛି, ଯେଉଁଥିରେ ଆମର ହିଁ ଜୀବନ ଯାଉଛି । ଆଧୁନିକ ଜୀବନଶୈଳୀ ଦ୍ୱାରା ପ୍ରକୃତି ଅନୁପଯୋଗୀ ଅନେକ ବ୍ୟବସ୍ଥା ଆପଣେଇ ଆମେ ଗର୍ବ କରୁଥିଲା ବେଳେ ପ୍ରକୃତି କିନ୍ତୁ ନିଜ ସନ୍ତୁଳନ ହରାଇଚାଲିଛି । ପ୍ରକୃତିର ସନ୍ତୁଳନ ବଜାୟ ନରହିଲେ ଏହା ଜୀବଜଗତ ପାଇଁ ଭୟଙ୍କର ବିପଦ ସୃଷ୍ଟି କରିବ । ବାତ୍ୟା, ବନ୍ୟା, ଦୁର୍ବିପାକ ଭଳି ଅନେକ ସମସ୍ୟା ଲାଗିରହିବା ଦ୍ୱାରା ଏଥିରେ ଜନଜୀବନ ଭୀଷଣ ଭାବେ ପ୍ରଭାବିତ ହେବେ । ଫଳରେ କୃଷି ଉପରେ ଏହାର ଗଭୀର ପ୍ରଭାବ ପଡିବ । ସମୁଦ୍ର ଜଳପତନ ବୃଦ୍ଧି ପାଇବା ଫଳରେ ସ୍ଥଳଭାଗ ଜଳାର୍ଣ୍ଣବ ହୋଇଯିବ । ଦୀର୍ଘବର୍ଷ ହେବ ଏଭଳି ସମସ୍ୟା ଧୀରେ ଧୀରେ ଆରମ୍ଭ ହୋଇଥିଲେ ବି ବିଶ୍ୱ ସମୁଦାୟ ଏହା ଉପରେ ଯେତିକ କ୍ରିୟାନୁଷ୍ଠାନ ନେବା କଥା ତାହା ନେଇପାରିନାହାନ୍ତି । ଯାହାଫଳରେ ଜଳବାୟୁ ପରିବର୍ତ୍ତନର ଗମ୍ଭୀର କୁପ୍ରଭାବ ସବୁଠି ଦେଖାଦେଲାଣି । ବାୟୁମଣ୍ଡଳ ଅଧିକ ଉତ୍ତପ୍ତ ରହିବା ଦ୍ୱାରା ଏହାର ପ୍ରଭାବ ମଣିଷ,



**ସମ୍ପାଦକୀୟ**
ତାରକ ମହାନ୍ତି

ପଶୁପକ୍ଷୀ ସମସ୍ତଙ୍କ ଉପରେ ପଡୁଛି । ଯେଉଁଥିପାଇଁ ଅନେକ ପ୍ରଜାତିର ପଶୁପକ୍ଷୀ ଲୋପ ପାଇଗଲେ । ଏହାର ଅନ୍ୟତମ କାରଣ ହେଉଛି ପ୍ରଦୂଷଣ । ପ୍ରଦୂଷଣ ସମସ୍ୟା ଏଭଳି ଭାବେ ବୃଦ୍ଧି ପାଇଲାଣି ଯେ, ଏହାର ପ୍ରଭାବ ଉଦ୍ଭିଦ ଜଗତ ଠାରୁ ଆରମ୍ଭ କରି ପ୍ରାଣୀଜଗତ ଉପରେ ଏହାର ଭୟଙ୍କର କୁପ୍ରଭାବ ଦେଖିବାକୁ ମିଳୁଛି । ଏହାରି ମଧ୍ୟରେ ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ଧନଜୀବନର ପ୍ରଭୂତ କ୍ଷତି ଘଟାଇବା ସହିତ ପରିସ୍ଥିତି ବିଗାଡି ଦେଉଛି । ଦିନକୁ ଦିନ ନୂଆ ନୂଆ ବ୍ୟାଧି ମଣିଷକୁ ଅସ୍ତବ୍ୟସ୍ତ କରିଦେବା ସହିତ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ କରିଚାଲିଛି । ତଥାପି ମଣିଷ ମନରେ ଏଥିପ୍ରତି ଭୟ ଜାଗ୍ରତ ନହେବା ଫଳରେ ପରିବେଶର ସୁରକ୍ଷା ପ୍ରତି ଯେଭଳି ଭାବେ ଧ୍ୟାନ ଦିଆଯିବା କଥା ତାହା ନଦେବା ଫଳରେ ସମୟ ଜଟିଳ ହେବାରେ ଲାଗିଛି । ଗତ ଏକବର୍ଷରୁ ଊର୍ଦ୍ଧ୍ୱ ହେବ ମହାମାରୀ କରୋନା ସମଗ୍ର ବିଶ୍ୱକୁ କବଳିତ କରି ରଖିଥିଲା ବେଳେ ଏକ ଜନବହୁଳ ଦେଶ ଭାବେ ପରିଚିତ ଭାରତ ଏଥିପାଇଁ ନୟାନ୍ତ ହୋଇପଡିଛି । କୋଭିଡ୍ ପରିଚାଳନାରେ ବହୁ ସମସ୍ୟା ଦେଖାଦେବା ସହିତ ଦେଶବାସୀଙ୍କୁ ଏଥିରୁ ବଞ୍ଚାଇବା ପାଇଁ ସବୁ ସ୍ତରରେ ଉଦ୍ୟମ ଚାଲିଥିଲେ ବି କରୋନାର ସଂକ୍ରମଣ ଏତେ ଭୟଙ୍କର ଯେ, ଅନେକ ଲୋକଙ୍କୁ ମୃତ୍ୟୁ ମୁହଁକୁ ନେଇଯାଉଛି । ଭାରତରେ କରୋନାର ପ୍ରଥମ ଲହର ବେଳେ ଲୋକ ଯେଭଳି ଅଧିକ ସଚେତନ ଥିଲେ ଦ୍ୱିତୀୟ ଲହର ବେଳେ ଏଥିରେ ଢିଲାପଣ ଆପଣାଇବା ଦ୍ୱାରା ପରିସ୍ଥିତି ବିଗିଡି ଚାଲିଛି । ସାମାଜିକ ଦୂରତା, ମାସ୍କ ପରିଧାନ ଏବଂ ବାରମ୍ବାର ହାତକୁ ସାନିଟାଇଜ୍ କରିବାର ପଦ୍ଧତିରେ ଊଣା ରହିବାରୁ ସଂକ୍ରମଣ ବ୍ୟାପୀ ଚାଲିଛି । କେଉଁଠି ଅକ୍ସିଜେନ ଅଭାବରୁ ରୋଗୀଙ୍କ ପ୍ରାଣ ଯାଉଛି ତ ଆଉ କେଉଁଠି ଚିକିତ୍ସା ଅଭାବରୁ ଲୋକେ ମରୁଛନ୍ତି । ଯଦିଓ ଗତ ସପ୍ତାହରେ ଦେଶରେ ଦୈନିକ ସଂକ୍ରମଣ ହାର କମିଛି ତଥାପି ମୃତ୍ୟୁହାର କମି ପାରିନାହିଁ । ଯେଉଁଥିପାଇଁ ଲୋକଙ୍କ ମନରେ ଅଧିକ ଭୟ ସଞ୍ଚାର ହୋଇଛି । ସମସ୍ତଙ୍କୁ ଟିକାକରଣ କରାଯିବା ଉପରେ ବିଶେଷ ଧ୍ୟାନ ଦିଆଯାଉଥିଲା ବେଳେ ୪୫ ରୁ ୬୦ ବର୍ଷ ବର୍ଗର ବ୍ୟକ୍ତିଙ୍କୁ ଅଧିକ ପରିମାଣରେ ଗୁରୁତ୍ୱ ଦିଆଯାଉଛି । ଅନ୍ୟ ବର୍ଗର ଲୋକଙ୍କୁ ଟିକାଦାନ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଥିଲେ ବି ଜନସଂଖ୍ୟା ଆଧାରରେ ଭାରତରେ ଟିକାକରଣ ସ୍ୱଳ୍ପ କାରଣରୁ ସଂକ୍ରମଣ ରୋକିବା ଦିଗରେ ଏହା ବାଧକ ସାଜିଛି । ଆମ ରାଜ୍ୟରେ ପଜିଟିଭ୍ ହାର କମିବାର ନାଁ ଧରୁନାହିଁ । ଲକ୍‌ଡାଉନ, ସଟ୍‌ଡାଉନ୍ ସତ୍ତ୍ୱେ ସଂକ୍ରମଣ ବୃଦ୍ଧି ପାଇବାକୁ ନେଇ ଆଶଙ୍କା ଦେଖାଦେଇଛି । ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଅଭାବରୁ ଦେଶରେ କରୋନା ସଂକ୍ରମିତଙ୍କ ଚିକିତ୍ସା କ୍ଷେତ୍ରରେ ନାନାଦି ସମସ୍ୟା ଦେଖାଦେଇଛି । ଆଗାମୀ ଦିନରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସଜଡା ନଗଲେ ଦେଶରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି । ଏନେଇ ଆଗୁଆ ପଦକ୍ଷେପ ସହିତ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବାକୁ ସବୁ ସ୍ତରରେ ଦାବି ହେଉଛି । ଏଣୁ ପରିବେଶର ସୁରକ୍ଷା ସହିତ ସ୍ୱାସ୍ଥ୍ୟସେବାର ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ ଦିଗରେ ସରକାର ଉଦାସୀନ ନ ରହି ଏଥିପାଇଁ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । କରୋନା କାରଣରୁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ୟତିରେକ ଘରୋଇ ହସ୍ପିଟାଲ ଗୁଡିକରେ ଅନ୍ୟ ରୋଗର ଚିକିତ୍ସା ମଧ୍ୟ ପ୍ରଭାବିତ ହୋଇଛି । ଯେଉଁଥିପାଇଁ ଲୋକ ସାଧାରଣ ବେଡ୍ ଖଣ୍ଡିଏ ପାଇ ଚିକିତ୍ସିତ ହୋଇ ସୁସ୍ଥ ଭାବେ ଘରକୁ ଫେରିବା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ଏଭଳି ପରିସ୍ଥିତିରେ ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଓଡ଼ିଶା ଭଳି ରାଜ୍ୟରେ ପରିସ୍ଥିତି ବିଗିଡିବା ପୂର୍ବରୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା କ୍ଷେତ୍ରରେ ସରକାର ଆନ୍ତରିକତା ଦେଖାଇବା ଜରୁରୀ ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭୂତାଣୁ ଯୁଦ୍ଧର ଭବିଷ୍ୟତ



ସୌମେନ୍ଦ୍ର ଜେନା

କୋରୋନାର ମୁକାବିଲା ନେଇ କେନ୍ଦ୍ର ସରକାରଙ୍କ ନୀତି ବିଫଳ ବୋଲି ବିରୋଧୀ ଦଳ କଂଗ୍ରେସ ଏବଂ ଏହାର ନେତାମାନେ ସବୁଦିନ ମିଡିଆରେ ଅଭିଯୋଗ କରୁଛନ୍ତି । ଅଥଚ ଦେଶରେ କୋରୋନା ସଂକ୍ରମିତଙ୍କ ସଂଖ୍ୟା କଂଗ୍ରେସ ଶାସିତ ରାଜ୍ୟଗୁଡିକରେ ସବୁଠୁ ଅଧିକ । କଂଗ୍ରେସ ଓ ସହଯୋଗୀଦଳଙ୍କ ମେଣ୍ଟର ଶାସନଥିବା ମହାରାଷ୍ଟ୍ର, ରାଜସ୍ଥାନ, ଝାଡଖଣ୍ଡ, ଛତିଶଗଡ ଏବଂ ପଞ୍ଜାବରେ ଦେଶର ମୋଟ ଜନସଂଖ୍ୟାର ମାତ୍ର ୨୨ ପ୍ରତିଶତ ଲୋକେ ବସବାସ କରିଥାନ୍ତି । କିନ୍ତୁ ଏହି ୫ଟି ରାଜ୍ୟର ସକ୍ରୀୟ ସଂକ୍ରମିତ ରୋଗୀଙ୍କ ହାର ଦେଶର ମୋଟ ସଂକ୍ରମିତଙ୍କ ମଧ୍ୟରୁ ୫୨ ପ୍ରତିଶତ । ସେମିତି ଏହି ପାଞ୍ଚଗୋଟି ରାଜ୍ୟର କୋରୋନା ମୃତ୍ୟୁହାର ଦେଶର ମୋଟ ମୃତ୍ୟୁର ୪୪ ପ୍ରତିଶତ । ବିଦେଶୀ ଟିକାକୁ ଅଧିକ ଦାମରେ ଭାରତରେ ବିକ୍ରି ପାଇଁ କହୁଥିବା କଂଗ୍ରେସ ନେତାମାନେ ହାଇଦ୍ରାବାଦର ସ୍ୱଦେଶୀ ଟିକା କୋଭାକ୍ସିନ ବିରୋଧରେ ମୂଳରୁ ଆଜିଯାଏ ପ୍ରଚାର କରି ଆସିଛନ୍ତି । ଏହି ଟିକା ବିଶ୍ୱାସ ଯୋଗ୍ୟ ନୁହେଁ ବୋଲି ରାହୁଲ ଏବଂ ଅନ୍ୟ ନେତାମାନେ ବାରମ୍ବାର ଅଭିଯୋଗ କରିଛନ୍ତି । କିନ୍ତୁ ଏହା ସର୍ବାଧିକ ସଫଳ ଟିକା ବୋଲି ହ୍ୱାଇଟ ହାଉସର ମୁଖ୍ୟ ଚିକିତ୍ସାଅଧିକାରୀ ନିଜେ ସ୍ୱୀକାର କରିଛନ୍ତି । ଏହାକୁ ଉପଯୋଗ କରିଥିବା ଦେଶଗୁଡିକର ମଧ୍ୟ ସମାନ ମତ ରହିଛି । କଂଗ୍ରେସ ଓ ମେଣ୍ଟ ରାଜ୍ୟଗୁଡିକର ଟିକା ବିରୋଧୀ ପ୍ରଚାର ଯୋଗୁ ଲୋକଙ୍କ ମଧ୍ୟରେ ଭ୍ରାନ୍ତ ଧାରଣା ସୃଷ୍ଟି ହେବା ଦ୍ୱାରା ଅନେକ ରାଜ୍ୟରେ ଅଧିକ ଦ୍ୱିତୀୟ କୋରୋନା ଲହରୀ ଦେଖାଦେଇଛି । କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସମେତ ଅନ୍ୟ ନେତାମାନେ କୋରୋନା ସଙ୍କଟର ପରିଚାଳନା ପାଇଁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସମୟରେ କଂଗ୍ରେସ ଶାସିତ ରାଜ୍ୟଗୁଡିକ ଯେ ଏଥିପାଇଁ ଅଧିକ ଦାୟୀ ତାହା ମଧ୍ୟ କହିବା ଉଚିତ୍ । ସେହିସବୁ ରାଜ୍ୟ ସରକାର କିପରି କୋରୋନା ସଙ୍କଟରୁ ମୁକ୍ତିପାଇବେ ସେ ଦିଗରେ କଂଗ୍ରେସ ନେତୃବୃନ୍ଦ ଅଧିକ ମାର୍ଗଦର୍ଶନ ଦେବା ଆବଶ୍ୟକ ।

ଦେଶରେ ଟିକାକରଣ ବ୍ୟବସ୍ଥାକୁ ସନ୍ଦେହ କରି ସମାଜବାଦୀ ପାର୍ଟିର ଅଧ୍ୟକ୍ଷ ଅଖିଳେଶ ଯାଦବ ଏକଦା ଘୋଷଣା କରିଥିଲେ ଯେ ବିଜେପି ଟିକାକୁ ସେ ଆଦୌ ନେବେ ନାହିଁ । ରାଜ୍ୟରେ କ୍ଷମତାକୁ ଆସିବା ପରେ ସେ ଟିକା ଦେବାଲାଗି ବ୍ୟବସ୍ଥା କରିବେ । ଏହାର ଅର୍ଥ ହେଲା କୋରୋନା ରୋଗର ହ୍ରାସ ପାଇଁ ଲୋକେ ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟିର ସରକାରକୁ ପ୍ରଥମେ କ୍ଷମତାକୁ ପୁନର୍ବାର ଆଣନ୍ତୁ । କିନ୍ତୁ ସେ ଯାଏଁ ଲୋକେ ବଞ୍ଚି ରହିଲେ ତ ? କେବଳ ଏସପି ନେତା ଅଖିଳେଶ ନୁହନ୍ତି, କଂଗ୍ରେସ ଦଳର ନେତୃବୃନ୍ଦ ମୂଳରୁ ଭାରତର କୋଭାକ୍ସିନ ଟିକାକୁ ବିରୋଧ କରି ସାଧାରଣରେ ଯେଉଁ ଭ୍ରାନ୍ତି ସୃଷ୍ଟି କଲେ ତା ଫଳରେ ଏବେ କଂଗ୍ରେସ ପ୍ରଭାବ ଥିବା ଦେଶର ଅନେକ ରାଜ୍ୟ ଓ ଗ୍ରାମାଞ୍ଚଳରେ ଟିକାକରଣ କାର୍ଯ୍ୟ କରାଯାଇପାରୁନାହିଁ । ଲୋକେ ଟିକାଦେବାକୁ ଯାଉଥିବା ସରକାରୀ କର୍ମଚାରୀମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ମୁସଲିମ ମୌଳବାଦୀ ଓ ଉଗ୍ରବାଦୀ ଗୋଷ୍ଠୀଗୁଡିକ ଟୀକାକରଣ ନେଇ ଅତୀତରୁ ଆଜିଯାଏ ସମଗ୍ର ବିଶ୍ୱରେ ଏକ କିମ୍ଭୁତକିମାକାର ଧାରଣାସୃଷ୍ଟି କରି ଆସିଛନ୍ତି । ସମସ୍ତ ପ୍ରକାର ଟୀକା ସେମାନଙ୍କ ଛୁଆ ଜନ୍ମ କରିବାର ଶକ୍ତି ହ୍ରାସ କରୁଛି ବୋଲି କହି ମୌଲବୀମାନେ ପାକିସ୍ଥାନ,ବଙ୍ଗଳାଦେଶ ସମେତ ଅନେକ ମୁସଲିମ ରାଷ୍ଟ୍ରରେ ଯେଉଁ ଦ୍ୱନ୍ଦ୍ୱ ନିଜର ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସୃଷ୍ଟି କରିଛନ୍ତି ତାଫଳରେ ଅନେକ ରାଷ୍ଟ୍ରରେ ପୋଲିଓ ଟିକା କର୍ମୀମାନେ ଆକ୍ରମଣର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ଆଫ୍ରିକାପରି ମହାଦେଶରେ ୪ବର୍ଷ ହେଲା ପୋଲିଓ ପ୍ରାୟ ଦେଖାଯାଉନାହିଁ । ଅଥଚ ପାକ୍ ଓ ଆଫଗାନିସ୍ଥାନ ପୃଥିବୀର ଦୁଇଟି ଦେଶ ଯେଉଁଠି ଏହି ଟୀକାକରଣ ଏଯାଏଁ ସଫଳ ହୋଇପାରିନାହିଁ । ଯେତେବେଳେ କୌଣସି ଏକ ରାଜନୈତିକ ଦଳ ବ୍ୟବସ୍ଥାକୁ ବିରୋଧ କରେ ସେତେବେଳେ ତାଙ୍କ ସମର୍ଥକମାନେ ତାକୁ ବିରୋଧ କରିବାରେ ଲାଗିପଡନ୍ତି ଯାହା ଆଜି ଅନେକ ରାଜ୍ୟରେ ଦେଖାଯିବାରେ ଲାଗିଛି ।

ନିକଟରେ ମାନ୍ଦ୍ରାସ ହାଇକୋର୍ଟ ନିଜ ରାୟରେ କହିଲେ ଯେ ନିର୍ବାଚନ ଯୋଗୁ ଦେଶରେ ସଂକ୍ରମଣ ବୃଦ୍ଧି ପାଇଛି । କିନ୍ତୁ ଦେଖିବା କଥା ନିର୍ବାଚନ ହେଉ ନଥିବା ରାଜ୍ୟ ମହାରାଷ୍ଟ୍ର, ରାଜସ୍ଥାନ, ଛତିଶଗଡ,ପଞ୍ଜାବ, ଦିଲ୍ଲୀ ଏବଂ ଝାଡଖଣ୍ଡରେ ଦେଶର ୫୨ ପ୍ରତିଶତ ରୋଗୀ କାହିଁକି ବାହାରୁଛନ୍ତି । ଯଦି ନିର୍ବାଚନ ଏକମାତ୍ର ରୋଗବୃଦ୍ଧିର ସବୁଠୁ ବଡ କାରକ ହୋଇଥାଏ ତେବେ ଏହି ରାଜ୍ୟଗୁଡିକ ତୁଳନାରେ ନିର୍ବାଚନ ହୋଇଥିବା ତାମିଲନାଡୁ, ଆସାମ, ପଶ୍ଚିମବଙ୍ଗ, ପୁଡୁଚେରୀ, କେରଳରେ ସବୁଠୁ ଅଧିକ ରହିଥାନ୍ତା । ହେଲେ ଗତବର୍ଷରୁ ଆଜିଯାଏ କେବଳ କେରଳକୁ ଛାଡିଦେଲେ ପ୍ରମୁଖ ସୁପର ସ୍ପ୍ରେଡର ତାଲିକାର ପାଞ୍ଚଗୋଟି ରାଜ୍ୟ ମଧ୍ୟରେ ନିର୍ବାଚନ ହେଉଥିବା ଅନ୍ୟ କୌଣସି ରାଜ୍ୟ ନାହିଁ । ଏକଥା ସତ ଯେ ଯେଉଁସବୁ ରାଜ୍ୟରେ ପ୍ରଥମ ଲହର ଅଧିକ ରହିଥିଲା ଏବେ ତନ୍ମଧ୍ୟରୁ ମହାରାଷ୍ଟ୍ର, ଦିଲ୍ଲୀ, ପଞ୍ଜାବ ଆଗୁଆ ଥିଲେ ଆଉ ଦ୍ୱିତୀୟ ଲହର ଚାଲିଲାବେଳେ ମଧ୍ୟ ଆଗରେ ରହିଛନ୍ତି । ତେଣୁ ନିର୍ବାଚନ ପ୍ରଚାର ଯୋଗୁ ଦେଶରେ କୋରୋନା ରୋଗୀ ବଢିଲେ ବୋଲି ଦେଖାଯାଉଥିବା ତର୍କ ଆଂଶିକ ହୋଇପାରେ ସଂପୂର୍ଣ୍ଣ ନୁହେଁ । ସଂକ୍ରମଣକୁ ହ୍ରାସ କରିବା ଲାଗି ଅନ୍ୟାନ୍ୟ ସମସ୍ତ କାରକଗୁଡିକୁ ମଧ୍ୟ ଦୋଷ ଦେବା ଆବଶ୍ୟକ । ବିଗତ ଦିନରେ ଆକସ୍ମିକ ମୁମ୍ବାଇର ଲୋକାଲ୍ ଟ୍ରେନ୍ ଚାଲୁହେବା, ସବୁ ବଜାର ବ୍ୟସ୍ତ ରହିବା, ସଭା-ସମିତି, ସିନେମା ଚାଲିବାପାଇଁ ଅନୁମତି ଦେବା, ଧାର୍ମିକ ମିଳନ, ସମ୍ମେଳନ ଓ ସାମୂହିକ ଏକତ୍ରୀକରଣକୁ ଅନୁମତି ପ୍ରଦାନ କରାଯିବା ଦ୍ୱାରା ମଧ୍ୟ କୋରୋନା ବଢିଛି । ହାଇକୋର୍ଟ ଏସବୁକୁ ଦେଖିବା ଦରକାର ଥିଲା । ନିର୍ବାଚନ କମିଶନ ରାଜନୈତିକ ଦଳମାନଙ୍କ ସହ ଆଦୌ ଆଲୋଚନା ନକରି ନିର୍ବାଚନ ଘୋଷଣା କରିଥିବା କୁହାଯାଇପାରିବ ନାହିଁ । ବୋଧହୁଏ ଏକକାଳୀନ ଅନେକଗୁଡିଏ ରାଜ୍ୟରେ ସରକାରଙ୍କ ଅନୁପସ୍ଥିତିରେ ରାଷ୍ଟ୍ରପତି ଶାସନଜାରି କରିବା ବ୍ୟବସ୍ଥାକୁ କମିଶନ ପସନ୍ଦ କରିନଥିବେ । ନିର୍ବାଚନ ନହେବା ସ୍ଥିତିରେ ବର୍ତ୍ତମାନ ପରି ସବୁ ରାଜ୍ୟରେ ସରକାରୀ ପ୍ରଶାସନ ଠିକ୍ ଚାଲିଥାନ୍ତା ବୋଲି ମଧ୍ୟ କୁହାଯାଇନପାରେ ।

ଏହି ସଂକ୍ରମଣ କାଳରେ ସବୁଠୁ ଅଧିକ କଷ୍ଟକର ହେଲା ଗଣମାଧ୍ୟମଗୁଡିକର ସମ୍ବେଦନବିହୀନ ଖବର ପ୍ରସାରଣ । ବର୍ଖା ଦତ୍ତଙ୍କ ପରି ସାମ୍ବାଦିକା ମଣିଷ ଶବରେ ଖବର ପ୍ରସ୍ତୁତ କରିବାକୁ ନିଜ ଲାପ୍‌ଟପ୍ ସହ ମଶାଣିମାଟିରେ ଚକାମାଡି ବସିରହି ଶବପୋଡାର ସିଧା ପ୍ରସାରଣ କରିବା ଘଟଣା ସମ୍ବେଦନହୀନତାକୁ ବୁଝାଉଛି । ଶବର ଅନ୍ତିମ ସଂସ୍କାର ମଶାଣିରେ ହୋଇଥାଏ, ଏହା ସମସ୍ତଙ୍କୁ ଜଣା । କୋରୋନା କାଳରେ କେବଳ ସୀମିତ ସଂଖ୍ୟକ ସହରାଞ୍ଚଳର ମଶାଣିରେ ଶବଦାହ ପାଇଁ ଅନୁମତି ପ୍ରଦାନ କରାଯିବା ହେତୁ ଗ୍ରାମାଞ୍ଚଳର ହଜାର ହଜାର ମଶାଣି ଖାଲିପଡିଛି । ସରକାରୀ କଟକଣା ଯୋଗୁ ସଂକ୍ରମିତ ଲୋକଙ୍କ ଶବ ନିଜ ମଶାଣିକୁ ଆସିପାରୁ ନାହିଁ ନିଜ ଗ୍ରାମକୁ ଫେରିପାରୁନାହିଁ । ତେଣୁ ସହରାଞ୍ଚଳରେ ପୋଡାଯାଉଥିବା ସବୁଶବ ସହରବାସୀଙ୍କ ନୁହେଁ । ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ସଂସ୍ଥାଙ୍କୁ ଦାହକାର୍ଯ୍ୟ ଦେବାପରେ ସେମାନେ ଏକକାଳୀନ ସଂସ୍କାରକୁ ଅଧିକ ପସନ୍ଦ କରିବେ ନିଜର ସୁବିଧା ପାଇଁ, ସମୟ ବଞ୍ଚାଇବା ପାଇଁ । ତେଣୁ ଗଣମାଧ୍ୟମର ପ୍ରତିନିଧିମାନେ ଲୋକଙ୍କ ଉତ୍ସାହ ବୃଦ୍ଧି ବଦଳରେ ଭୟ, ହତାଶା, କ୍ରୋଧସୃଷ୍ଟିକାରୀ ବିବରଣୀ ପ୍ରଦାନ କରି ସମାଜର ଲୋକଙ୍କ ମନରେ ଯେଉଁ ଅଶାନ୍ତି ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି ତାହା ମଧ୍ୟ ନିନ୍ଦନୀୟ ।

ଏହାଛଡା ଦେଶର ସ୍ତମ୍ଭକାରମାନେ ବିଦେଶୀ ଗଣମାଧ୍ୟମରେ ନକାରାତ୍ମକ ଲେଖା ଲେଖି ନିଜେ ଆର୍ଥିକ ଦୃଷ୍ଟିରୁ ଲାଭରେ ଥିଲାବେଳେ ଦେଶର ଅଧିକ କ୍ଷତିସାଧନ କରୁଛନ୍ତି । କାରଣ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ମୋଟ ଜନସଂଖ୍ୟା (ଇଉରୋପ, ରୁଷିଆ, ବ୍ରାଜିଲ, ଆର୍ଜେଣ୍ଟିନା) କୁ ଦେଖିଲେ ୧୩୯ କୋଟି ହେବ । ସେଠାରେ ବିଗତ ଦିନରେ ୨୦ଲକ୍ଷରୁ ଅଧିକ କୋରୋନାର ସଂକ୍ରମିତଙ୍କ ମୃତ୍ୟୁ ହୋଇ ସାରିଲାଣି । ଅଥଚ ୧୩୮ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ମୃତ୍ୟୁହାର ୨ଲକ୍ଷ ସେମାନଙ୍କ ତୁଳନାରେ ଢେର ବେଶି ହେଲା ବୋଲି ସେମାନଙ୍କ ତର୍କ ଆମେ ବୁଝିପାରୁନାହୁଁ । ୨୮ ଏପ୍ରିଲ ୨୦୨୧ର ହିସାବ ଅନୁଯାୟୀ ଦୈନିକ ଇଟାଲୀରେ ମୃତ୍ୟୁହାର ଜନସଂଖ୍ୟାର କୋଟିପିଛା ୫୭, ଫ୍ରାନ୍ସରେ ୪୮, ଜର୍ମାନୀରେ ୬୮, ଆମେରିକାରେ ୨୯ ଓ ଭାରତରେ ୨୬ ରହିଛି । ବିଦେଶର ସରକାରଗୁଡିକ ସତକଥା କହୁଛନ୍ତି ଏବଂ ଭାରତର ସରକାର ମିଛକଥା କହୁଛନ୍ତି ଏହି ତର୍କକୁ ମଧ୍ୟ ଆମେ ଗ୍ରହଣ କରିପାରୁନାହୁଁ । କିନ୍ତୁ ଯେଉଁ ରେମଡେସିଭର ଏବଂ ଅନ୍ୟାନ୍ୟ ଔଷଧ ଭାରତ ବିଦେଶକୁ ଦାନ କରିଥିଲା ତାହା ଦେଶରେ ଆକସ୍ମିକ ଅଭାବ ହେବାକୁ କେହି ସହଜରେ ଗ୍ରହଣ କରିବ ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏହାର ବିକ୍ରି ଓ ବଣ୍ଟନର ଅସୁବିଧା ପାଇଁ ଦାୟୀ ଏଥିରେ କେହି ଦ୍ୱିମତ ହେବେ ନାହିଁ ।

ଦିଲ୍ଲୀ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶରେ ଅମ୍ଳଜାନ ଅଭାବ ନେଇ ଯେପରି ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ସେଠାକାର ରାଜ୍ୟ ସରକାର ଏବଂ ଚିକିତ୍ସାଳୟମାନେ ଦାୟୀ । ସବୁ ରାଜ୍ୟରେ ଅମ୍ଳଜାନ ଉତ୍ପାଦନ ନହେବା, କାରଖାନାଗୁଡିକୁ ବନ୍ଦ କରାଯିବା । ଏପରିକି ହାଇକୋର୍ଟ ମାଧ୍ୟମରେ କମ୍ପାନୀଗୁଡିକ ବନ୍ଦ କରିବା ଲାଗି ପ୍ରୟାସ ଏଥିପାଇଁ ମୁଖ୍ୟତଃ ଦାୟୀ । ଦିନକୁ କୋଟି କୋଟି ଟଙ୍କା ଆୟ କରୁଥିବା ବେସରକାରୀ ଡାକ୍ତରଖାନା ଦେଢକୋଟି ବ୍ୟୟ କରି ଅକ୍ସିଜେନ ପ୍ଲାଣ୍ଟ ନ ବସାଇବା ପାଇଁ ଦୋଷ ଦିଆଯାଇପାରେ । କିନ୍ତୁ ସଂଖ୍ୟାଧିକ ଅକ୍ସିଜେନ ପ୍ଲାଣ୍ଟ ରହିଲେ ଡାକ୍ତରଖାନାଗୁଡିକ ମଧ୍ୟ ଏସବୁର ଖର୍ଚ୍ଚ ଉଠାଇବାଲାଗି ରୋଗୀଙ୍କୁ ଅଧିକ ଶୋଷଣ କରିବାର ବାଟ ଫିଟିବ । ଏବେ କୋରୋନା ଅଛି କାଲିଯିବ, ହେଲେ ଫାଙ୍କା ସମୟରେ ମଧ୍ୟ ସେହିସବୁ ଯନ୍ତ୍ରର ଖର୍ଚ୍ଚ ରୋଗୀମାନଙ୍କୁ ବହନ କରିବାକୁ ହେବ । ରୋଗୀ ନଥିଲେ କିଛି ରୋଗୀଙ୍କୁ ସେଥିରେ ରହିବା ପାଇଁ ବାଧ୍ୟ କରାଯିବ । ଦିଲ୍ଲୀ ପରି କେନ୍ଦ୍ର ଶାସିତ ରାଜ୍ୟ ସରକାର ନିଜେ କିଛି ନକରି କେବଳ କେନ୍ଦ୍ର ସରକାରଙ୍କୁ ଦୋଷ ଦେବା ପରି ପ୍ରଚାରମୁଖୀ ଉଦ୍ୟମ କରିବା ଠିକ୍ ନୁହେଁ । ନିଜ ସହରର ଅମ୍ଳଜାନ ଉତ୍ପାଦନ ପାଇଁ ପ୍ରୟାସ ସରକାର କରିବା ଉଚିତ୍ । ଏହି ସମୟରେ ଦୋଷାରୋପ ପଛରେ ନପଡି ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସାହାଯ୍ୟ କରାଯିବା ଦରକାର ।

ଗତଦିନରେ ଯେଉଁମାନେ ପ୍ରଧାନମନ୍ତ୍ରୀ କେୟାର ଫଣ୍ଡକୁ ନେଇ ଆଲୋଚନା କରୁଥିଲେ, ଏବେ ସେମାନେ ଏଥିରୁ ଟଙ୍କା ନେବେ ନାହିଁ, ସ୍ୱଚ୍ଛତା ଓ ସ୍ୱାଭିମାନ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉନାହିଁ । ଆଜି ପଇସା ଦେଇଥିବା ଟାଟା କମ୍ପାନୀ ୧୫୦୦ କୋଟି ଦେଇ ଚୁପ୍ ରହିଛି , ଅଥଚ ପାଞ୍ଚପଇସା ଦେଇ ନଥିବା ନେତାମାନେ ଟାଟା ଓ ଅମ୍ବାନୀଙ୍କ ଶ୍ରାଦ୍ଧ କରିବାରେ ବ୍ୟସ୍ତ । ଆଜି ଟାଟା, ଅମ୍ବାନୀ, ଆଦାନୀଙ୍କ ପରି କମ୍ପାନୀମାନେ ପ୍ରତିଦିନ ଅଧିକରୁ ଅଧିକ ସହାୟତା ବଢାଇବାରେ ବ୍ୟସ୍ତ । ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ କମ୍ପାନୀ ଦେଶରେ ଉତ୍ପାଦିତ ମୋଟ ମେଡିକାଲ ଅକ୍ସିଜେନର ୧୦ ପ୍ରତିଶତ ଏକାକୀ ଯୋଗାଉଛି । ଟାଟା, ଜିନ୍ଦଲ, ସେଲ, ଇଫକୋ ପରି କମ୍ପାନୀମାନେ ଏବେ ଅକ୍ସିଜେନ ଭିନ୍ନ ଭିନ୍ନ ରାଜ୍ୟକୁ ଯୋଗାଉଛନ୍ତି । କିନ୍ତୁ ବିଦେଶୀ କମ୍ପାନୀଙ୍କ ପାଇଁ ବ୍ୟାଟିଂ କରୁଥିଲା ଲୋକେ ପ୍ରତିଦିନ ନିଜ ଗାତ୍ରଦାହ ପାଇଁ ନୂଆ ନୂଆ ମଲମ କିଣିବାରେ ବ୍ୟସ୍ତ । ମାଗଣା ଡାକ୍ତରଖାନା, ଅକ୍ସିଜେନ ପରିବହନ ଗାଡି, କେତେ କଣ କରିବା ପାଇଁ ସ୍ୱଦେଶୀ କମ୍ପାନୀମାନେ ଲାଗିପଡିଥିଲା ବେଳେ ଧନୀ ଲୋକେ, ମୁମ୍ବାଇର ସିନେ କଳାକାର ୧୫ଲକ୍ଷ ଦେଇ ବିଦେଶକୁ ଯିବାରେ ବ୍ୟସ୍ତ, ମରିସସ୍‌ରେ ମଉଜ କରିବାରେ ବ୍ୟସ୍ତ ।

ଭାରତର ଟିକା ଉତ୍ପାଦନକୁ ପ୍ରଭାବିତ କରିବାକୁ ବିଦେଶୀ ଷଡଯନ୍ତ୍ର ଏବେ ଧରାପଡିଯାଇଛି । ସିରମ ଇନ୍‌ଷ୍ଟିଚ୍ୟୁଟର ମାଲିକ ଆଦରପୁନାୱାଲା ଅତି ସନ୍ଦେହଜନକ ଭାବେ ଲଣ୍ଡନରେ ପହଞ୍ଚି ନିଜ ଜୀବନ ପ୍ରତି ବିପଦ ଥିବା କଥା ଦର୍ଶାଇ ଗଣମାଧ୍ୟମକୁ ଜଣାଇଛନ୍ତି । ଗୋଟିଏ ପଟେ ଭାରତ ସରକାରଙ୍କଠାରୁ ୩୦୦୦ କୋଟି ଏବଂ ଭିନ୍ନ ଭିନ୍ନ ରାଜ୍ୟ ସରକାରଙ୍କଠାରୁ ଟିକାର ଅଗ୍ରୀମ ଅର୍ଥ ନେଇଥିବା ପୁନାୱାଲା ଯେ ବିଦେଶୀ ଟିକା କମ୍ପାନୀଙ୍କ ଗୋଟି ସାଜିଛନ୍ତି ତାହା ସ୍ପଷ୍ଟ ଜଣାପଡୁଛି । ଜର୍ମାନୀର ଚାନସେଲର ମର୍କେଲଙ୍କ ଭାରତ ବିରୋଧୀ ଘୃଣାପୂର୍ଣ୍ଣ ମନ୍ତବ୍ୟ ପରେ ମଧ୍ୟ ମଡର୍ଣ୍ଣା ଟିକାକୁ ଭାରତରେ ପ୍ରବେଶାଧିକାର ମିଳିନାହିଁ । ଏକଦା ଭାରତର ସହାୟତା ଲାଭ କରିଥିବା ଛୋଟରୁ ବଡ ଦେଶମାନେ ଆଗେଇ ଆସିଛନ୍ତି ସହାୟତାରେ ହାତ ବଢେଇ । ବିଲ ଗେଟଙ୍କ ପରି ଧନୀ ଲୋକଙ୍କ ଚାପରେ ଭାରତ ମଥାନତ କରିନାହିଁ ।

ସମୟର ଆହ୍ୱାନ ହେଲା ସମସ୍ତେ ସକାରାତ୍ମକ ଚିନ୍ତା କରିବା ସହ ଅନ୍ୟକୁ ନିଜ ନିଜ ସ୍ଥାନରେ ପାରୁପର୍ଯ୍ୟନ୍ତ ସାହାଯ୍ୟ କରିବା । ସମାଜର ସବୁସ୍ତରରେ ଏହି ସାହାଯ୍ୟ ଅଧିକ ହେଲେ ଅର୍ଥବାଧକ ହେବନାହିଁ । ସମସ୍ୟା ବଡ ହେବନାହିଁ । ଶାସନ, ପ୍ରଶାସନ, ଦରଦୀ, ବିରୋଧି ସମସ୍ତେ ଏକାକାର ହୋଇ କୋରୋନାରୁ ଲୋକଙ୍କୁ ରକ୍ଷା ପାଇଁ ଉଦ୍ୟମ କଲେ ଭାରତ ଏହି ଭୂତାଣୁ ଯୁଦ୍ଧରେ ବିଜୟୀ ହେବ ସନ୍ଦେହ ନାହିଁ ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର-୭୫୧୦୦୩*

# ଲଢ଼ିବା ଓ ଜିତିବା : ‘ପ୍ରତିଟି ଜୀବନ ମୂଲ୍ୟବାନ’



ବିପିନ ବିହାରୀ ରାଉତ

ଓଡ଼ିଆ ଜାତି ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏକ ହୁଅନ୍ତି, ଲଢ଼ନ୍ତି ଆଉ ଜିତନ୍ତି ମଧ୍ୟ । ଓଡ଼ିଶା ଅନେକ ବାତ୍ୟା, ମହାବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଛି । ଅନେକ କିଛି ହରାଇଛି କିନ୍ତୁ ନୈରାଶ୍ୟ, ହତାଶକୁ ନିଜ ଭିତରକୁ ନେଇନାହିଁ । ସବୁବେଳେ ପ୍ରଶାସନକୁ ସହଯୋଗ କରି ଦଳମତ ଲିଙ୍ଗ, ବର୍ଣ୍ଣ ନିର୍ବିଶେଷରେ ଗୋଟିଏ ପରିବାରର ସଦସ୍ୟ ଭାବେ ସବୁବେଳେ ବିପର୍ଯ୍ୟୟକୁ ଏକଜୁଟ ହୋଇ ଲଢ଼ନ୍ତି ଏହାର ଏକ ବଡ଼ ଉଦାହରଣ ଥିଲା ଗତ କାଲିର ‘ୟାସ୍’ ବାତ୍ୟା । ଏହି ବାତ୍ୟା ଯଦିସ ଫାଇଲିନ୍ କି ଫନି ପରି ଶକ୍ତିଶାଳୀ ନଥିଲା କିନ୍ତୁ ଅନେକ କିଛି କ୍ଷତି ମଧ୍ୟ କରିଛି । ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ଯେଉଁପରି ଯଥେଷ୍ଟ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ‘ଜିରୋ ଟଲରେଣ୍ଟ’କୁ ଗୁରୁତ୍ୱ ଦେଲେ ଏହା ଅନ୍ୟ ରାଜ୍ୟ ପାଇଁ ମଧ୍ୟ ଏକ ଉଦାହରଣ ସୃଷ୍ଟି କଲା । କରୋନା ମହାମାରୀର ଦ୍ୱିତୀୟ ଲହର ଓଡ଼ିଶାବାସୀଙ୍କୁ ଦୁଃଖର ସମୁଦ୍ର ଭିତରେ ଛିଡ଼ା କରାଇଦେଇଥିବାବେଳେ ପ୍ରକୃତିର କରାଳ ରୂପ ଦେଖାଇଥିବା ୟାସ୍‌କୁ ନେଇ କିଛିଟା ଭୟ ମଧ୍ୟ ଥିଲା । ନିକଟରେ ବାତ୍ୟା ‘ତାଉତେ୍’ ପ୍ରଭାବରେ ପାଞ୍ଚ ପାଞ୍ଚଟି ରାଜ୍ୟ ଅନେକ କଷ୍ଟ ପାଇ ସାହାଯ୍ୟ ପାଇଁ ଆଉଟପାଉଟ ହୋଇଯାଉଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟକୁ ଓଡ଼ିଶା କିପରି ସାମ୍ନା କରେ ଏହାର ବଡ଼ ଉଦାହରଣ କାଳ କାଳ ପାଇଁ ରଖିଦେଇଗଲା ଏହି ‘ୟାସ୍’ । ସବୁଠାରୁ ବଡ଼କଥା ଥିଲା ଓଡ଼ିଶାବାସୀଙ୍କ ହୃଦୟର ଜଣେ ଦରଦୀ ମଣିଷ, ପ୍ରତିଟି ଓଡ଼ିଆ ଘରର ବଡ଼ ମୁରବୀ ଭାବେ ମାନ୍ୟତା ପାଇଥିବା ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହୃଦୟ ଖୋଲା ସାହାଯ୍ୟ ଓ ଯଥେଷ୍ଟ ପୂର୍ବରୁ ପ୍ରଶାସନକୁ ଜାଗ୍ରତ କରି ଯେଉଁପରି ମୁକାବିଲା କଲେ ଆଉ ସଫଳ ପାଇଲେ ମଧ୍ୟ । ଦୁଃଖ ଭିତରେ ବି ଓଡ଼ିଶାବାସୀମାନେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଅତ୍ୟନ୍ତ କୃତଜ୍ଞତା ଜଣାଉଛନ୍ତି । ରାଜ୍ୟ ସରକାରଙ୍କୁ ଏନ୍‌ଡିଆରଏଫ୍, ନୌସେନା ସହାୟତା ସବୁ କିଛି ମଧ୍ୟ କେନ୍ଦ୍ରରୁ ମିଳିଥିଲା କିନ୍ତୁ ସରକାର ନିଜ ଉଦ୍ୟମରେ ଯଥେଷ୍ଟ ପୂର୍ବରୁ ଓଡ଼ିଶାବାସୀଙ୍କ ଧନଜୀବନ ଚିନ୍ତା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ବାର୍ତ୍ତା ଓଡ଼ିଶାବାସୀଙ୍କ ପାଇଁ ଯଥେଷ୍ଟ ଥିଲା ସେ ସ୍ମରଣୀୟ ଧାଡ଼ିଟି ହେଉଛି ‘ପ୍ରତିଟି ଜୀବନ ମୂଲ୍ୟବାନ’ । କରୋନା ମହାମାରୀ ସମୟରେ ସାମାଜିକ ଦୂରତ୍ୱ ସହ ଯେ କୌଣସି ପରିସ୍ଥିତିରେ ମଧ୍ୟ ଜଣଙ୍କ ଯେପରି ଜୀବନ ହାନି ନ ହେବ ସେ ମତ ରଖିଥିଲେ ଓ ସମଗ୍ର ୟାସ୍‌କୁ ନେଇ ପରିଚାଳନା କ୍ଷେତ୍ରରେ ସେ ଦିନରାତି ଏକ କରି ସବୁତଥ୍ୟ ରଖୁଥିଲେ । ଓଡ଼ିଆରେ ଏକ କଥା ଅଛି ଘରର ବଡ଼ପୁଅ ଥିବାବେଳେ ଡର କାହିଁକି । ପ୍ରତିଟି ଓଡ଼ିଆ ମାନଙ୍କୁ ନିଜ ପରିବାର ବୋଲି ଭାବୁଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସମୟୋପଯୋଗୀ ସହାୟତା ଓଡ଼ିଶା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ।

ଓଡ଼ିଶା ସରକାରଙ୍କ ଓଡ୍ରାଫ୍, ଅଗ୍ନିଶ୍ରମ, ପୋଲିସ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଅନୁଷ୍ଠାନ, ରାଜସ୍ୱ, ଶକ୍ତି ଓ ସର୍ବୋପରି ଏସ୍ଆରସିଙ୍କ କାର୍ଯ୍ୟାଳୟ ସହ ଓସ୍‌ଡମା ଆଦି ମିଳିତ ହୋଇ ଏକଜୁଟ ଭାବେ ରଣନୀତି ପ୍ରସ୍ତୁତ କରିଥିଲେ ଓ ବାତ୍ୟା ମୁକାବିଲାକୁ ଦୃଢ଼ତାର ସହ ସାମ୍ନାକରି କ୍ଷତି କମାଇବାରେ ସଫଳ ହୋଇଛନ୍ତି । ତେବେ ସବୁଠାରୁ ବଡ଼କଥା ହେଉଛି ସରକାରଙ୍କୁ ବିରୋଧୀ ଦଳମାନେ ମଧ୍ୟ ପ୍ରଶାସନିକ ସକ୍ରିୟତା ପାଇଁ ଧନ୍ୟବାଦ ଦେଇଛନ୍ତି ଓ କୌଣସି ନକରାତ୍ମକ ମନ୍ତବ୍ୟ ନ ଦେବା ସହ ସରକାର ଓ ଓଡ଼ିଶାବାସୀଙ୍କ ସହ ମଧ୍ୟ ଛିଡ଼ା ହୋଇଛନ୍ତି । ତେବେ ଶାସକ ବିଜେଡ଼ି ତୃଣମୂଳସ୍ତରରୁ ବେଶ ସଂଗଠିତ ହୋଇଥିବାବେଳେ ଦଳୀୟ କ୍ଷେତ୍ରରେ ବାତ୍ୟା ମୁକାବିଲା ପାଇଁ ମଧ୍ୟ ଗୁରୁ ଦାୟିତ୍ୱ ନିର୍ବାହ ପାଇଁ ଆଗେଇ ଆସିଥିଲା । ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେବା, ଉଦ୍ଧାର କାର୍ଯ୍ୟ, ଖାଦ୍ୟ ଓ ପାନୀୟ ବଣ୍ଟନ, ପରିମଳ ବ୍ୟବସ୍ଥା ସବୁଥିରେ ପ୍ରଶାସନକୁ ସହଯୋଗ କରିଥିଲେ । ସେହିପରି ସାମୁଦ୍ରିକ ଝଡ଼ ୟାସ୍‌ର ପୂର୍ବ ସୂଚନା ଓ ଏହାକୁ ଦୃଢ଼ ଭାବେ ଲଢ଼ିବା ପାଇଁ ଯେଉଁ ଯୁଦ୍ଧକାଳୀନ ଭିତ୍ତିରେ ଏକ ପ୍ରକାର ‘ୱାର ରୁମ୍’ରୁ ଚବିଶ ଘଣ୍ଟିଆ ନିୟନ୍ତ୍ରଣ କରାଯାଉଥିଲା ତାହା ପାଠକେ ଜାଣିଲେ ଆଶ୍ଚର୍ଯ୍ୟ ହେବେ । ଜଣେ କୃତୀ ଓଡ଼ିଆ ପୁଅ ତଥା ଭାରତୀୟ ପାଣିପାଗ ବିଭାଗର ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଓ ଅନ୍ୟଜଣେ କୃତୀ ଓଡ଼ିଆ ପୁଅ ତଥା ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀର ଡିଜି ସତ୍ୟନାରାୟଣ ପ୍ରଧାନ ଯେଉଁପରି ନିଜ ମାତୃଭୂମି ଓ ନିଜ ମାଟିର ପ୍ରତିଟି ଲୋକଙ୍କ ଜୀବନକୁ ମୂଲ୍ୟବାନ ଭାବି ଯେଉଁପରି ସହାୟତା କରିଛନ୍ତି ତାଙ୍କୁ ଏହି ଜାତି, ଏହି ରାଜ୍ୟ ସବୁଦିନ ପାଇଁ କୃତଜ୍ଞ ରହିବ । ସୂଚନା ପ୍ରଯୁକ୍ତିର ବିଶେଷ ଦିଗକୁ ଗୁରୁତ୍ୱ ରଖି ଆଇଏମ୍‌ଡିର ସାଇକ୍ଲୋନିଂ ୱାର୍ଣ୍ଣିଂ ଡିଜନର ବୈଜ୍ଞାନିକ ମାନଙ୍କ ତଥ୍ୟ ସଂଗ୍ରହ କରି ପୂର୍ବାନୁମାନ ସହ ଏ ନେଇ ସରକାର, ପ୍ରଶାସନ ଓ ଗଣମାଧ୍ୟମକୁ ସୂଚୀତ କରୁଥିଲେ । ‘ସାଇକ୍ଲୋନ ମ୍ୟାନ’ ଭାବେ ପରିଚିତ ମୃତ୍ୟୁଞ୍ଜୟ ମହାପାତ୍ର ଏଯାବତ୍ ଦେଢ଼ଶହରୁ ଊର୍ଦ୍ଧ୍ୱ ବାତ୍ୟାର ପୂର୍ବାନୁମାନ ସୂଚନା ଦେଇ କୋଟି କୋଟି ଲୋକଙ୍କ ଜୀବନ ବଞ୍ଚାଇ ପାରିଛନ୍ତି । ସେହିପରି ଏନ୍‌ଡିଆରଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ବାତ୍ୟାର ମୁକାବିଲା ପାଇଁ ସମଗ୍ର ଦିଗକୁ ଚିନ୍ତା କରି ସ୍ୱତନ୍ତ୍ର ରଣନୀତି ତିଆରି କରିଥିଲେ । ପ୍ରଥମଥର ପାଇଁ ୟାସର ମୁକାବିଲା ନେଇ ପାଞ୍ଚଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏନ୍‌ଡିଆରଏଫ୍‌ର ୧୧୫ଟି ଗୁରୁତ୍ୱପୂର୍ଣ୍ଣ ଟିମ୍‌କୁ ମୂତୟନ କରାଯାଇଥିଲା । କୋଭିଡ଼୍ ମହାମାରୀର ଦ୍ୱିତୀୟ ଲହରରେ ଉଦ୍ଧାର ଓ ରିଲିଫ ଏନ୍‌ଡିଆରଏଫ ପାଇଁ ଏକ ବହୁତ ବଡ଼ ଚ୍ୟାଲେଞ୍ଜ ଥିଲା ଓ ପ୍ରଥମଥର ପାଇଁ ୟାସର ମୁକାବିଲା ନିମିତ୍ତ ଏନ୍‌ଡିଆରଏଫ୍‌ର ସଦସ୍ୟ ପିପିଇକିଟ ପିନ୍ଧିଥିଲେ ଓ ଦିଲ୍ଲୀ ମୁଖ୍ୟାଳୟରୁ ଶ୍ରୀ ପ୍ରଧାନ ପ୍ରତି ମିନିଟର ତଥ୍ୟ ରଖୁଥିଲେ । ମିଶନରେ ସାମିଲ ଥିବା ଯୋଦ୍ଧା ମାନଙ୍କ ମନୋବଳକୁ ବଢ଼ାଇବା ସହ ଗୁଜବକୁ କାନ ନ ଦେବା ପାଇଁ ସେ ମନ୍ତ୍ର ଦେଇଥିଲେ । ସୁଖ ଓ ଦୁଃଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ତେବେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଆମେ ସମସ୍ତେ ଏକଜୁଟ ହେବା, ପ୍ରଶାସନକୁ ସହଯୋଗ କରିବା ଓ ଯେତିକି ପାରିବା ଆଖପାଖର ଅସହାୟ ଲୋକଙ୍କୁ ସାହାଯ୍ୟ କରିବା । ଏହାକୁ ତ ମାନବ ଜୀବନର ଶ୍ରେଷ୍ଠ କର୍ମ ଓ ଧର୍ମ ଭାବେ ବିଚାର କରାଯାଏ ।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୨୦

# ବେଳ ଭଲ ନାହିଁ

ଯୋଗକୁ ଗାଡି ଷ୍ଟାର୍ଟ ହୋଇଗଲା। କାଳେ ଅଟକାଇ ଦେଲେ ଗାଡିର ପୁଣି ଷ୍ଟାର୍ଟ ବନ୍ଦ ହୋଇଯିବ, ତେଣୁ ଷ୍ଟାର୍ଟ ହେବା କ୍ଷଣି ସେ ଗାଡି ଚଲାଇ ଚାଲିଲେ। ମୁଁ ଡାକ ଛାଡୁଥାଏ। ରୁହନ୍ତୁ, ରୁହନ୍ତୁ, ମୁଁ ବସିନି ବୋଲି, ହେଲେ ସେ ମୋ କଥା କାହିଁକି ଶୁଣିବେ। ଖୁବ୍ ଜୋରରେ ଏକ୍‌ସିଲେଟର ଦବାଇ ସେ ମାଡି ଚାଲୁଥିଲେ ଆଗକୁ ଆଗକୁ। ମୁଁ ଜୀବନମୂର୍ଚ୍ଛା ତାଙ୍କ ପଛରେ ଧାଇଁଥାଏ। ପାଖାପାଖି ଗୋଟିଏ କିଲୋମିଟର ଖଣ୍ଡ ମୁଁ ତାଙ୍କ ପଛରେ ସେମିତି ଧାଇଁଥାଏ। କିଛି ବାଟ ଗଲା ପରେ ସେ ପ୍ରକୃତିସ୍ଥ ହୋଇ ଅଟକିଲେ।

ମୁଁ ଧାଇଁ ଧାଇଁ ତାଙ୍କ ପାଖରେ ପହଞ୍ଚିବା ପରେ ଧଇଁ ସଇଁ ଓ କ୍ରୋଧ ଯୋଗୁ କିଛି କହିପାରୁନଥିଲି। ଆଗ ଗାଡିରେ ବସିଗଲି ଓ କହିଲି-ଭଲ ଲୋକ ତ ଆପଣଙ୍କ ?

ସେ କହିଲେ- ମୋ ମୁଣ୍ଡ ସେତେବେଳେ କାମ କରୁନଥିଲା। ମୋତେ ଲାଗୁଥିଲା ମୁଁ ଗାଡିକୁ ଅଟକାଇବାକୁ ଚାହିଁ ମଧ ଅଟକାଇ ପାରୁନାହିଁ। ହଉ ଆପଣ ବସନ୍ତୁ, ସେ ରଗା ରଗି କଥା ପରେ।

ମୁଁ ବସି ସାରିଛି- ଆପଣ ଚଲାନ୍ତୁ।

ସେ ଏକା ନିଃଶ୍ୱାସରେ ଗାଡି ଚଲଶଇ ଯାଇ ପହଞ୍ଚିଗଲେ ସେ ଢାବା ନିକଟରେ। ସେଠାରେ ପହଞ୍ଚି ସାରି ଗାଡି ବନ୍ଦ କଲେ ଢାବା ସାଇଡ୍ ପାନ କେବିନ୍ ପାଖରେ। ଦୁଇଟି ସିଗାରେଟ୍ ମାଗଇ ଆମେ ଟାଣିଲୁ। ଆମ ପହଞ୍ଚିବାର କିଛି ସମୟ ପରେ ଗୋଟେ ପୋଲିସ ଜିପ୍ ସେଠାରେ ପହଞ୍ଚିଲା। ପୋଲିସ ଗାଡି ଦେଖି ଆମେ ଅନୁମାନ କରି ନେଲୁ ଯେ ଏଇଟା ନିଶ୍ଚୟ ସେହି କେଶ୍ ପାଇଁ। ଆମେ ଦୁଇଜଣ ଆମ ଭିତରେ ରିହରସାଲ କରି ନେଲୁ ଯେ ଆମେ କିଛି ଦେଖିନୁ ବୋଲି କହିବୁ।

ପୋଲିସ ଗାଡି ଭିତରୁ ଜଣେ ପୋଲିସ ଓହ୍ଲାଇ ଢାବା ମାଲିକଙ୍କୁ ଯାଇ ପଚାରିଲା- ଏହା ଭିତରେ ଏ ବାଟେ କେତେ ଖଣ୍ଡ ଗାଡି ପାଶ୍ କଲାଣି।

ଦେଢ଼ ଘଣ୍ଟା ତଳୁ ଗୋଟେ ଗାଡି ଯାଇଛି, ଏ ପର୍ଯ୍ୟନ୍ତ ଖଣ୍ଡେ ଗାଡିର ଦେଖା ନାହିଁ, ସେଥିପାଇଁ ବେପାର ମାନ୍ଦା। ଆଜି ଲାଇନ୍ ଟ୍ରକ୍‌ମାନଙ୍କର ଦେଖା ଦର୍ଶନ ନାହିଁ, କ'ଣ ହୋଇଛି କେଜାଣି ?

ମୁଁ ତୋ ବେପାର ମାନ୍ଦା ଚାଲିଛି କି ଭଲ ଚାଲିଛି ସେ କଥା ପଚାରିବାକୁ ଆସିନି। ଜୋରନ୍ଦା ପଟୁ କେତେ ଖଣ୍ଡ ଗାଡି ଏହା ଭିତରେ ଗଲାଣି ପଚାରୁଛି।

ତେବେ ସେହି ଖଣ୍ଡେ ଯାହା ଗାଡି ଦେଢ଼ ଘଣ୍ଟା ତଳେ ଯାଇଥିଲା- ଆଉ ଏ ବାବୁ ଦୁଇଜଣଙ୍କ ଏବେ ଏବେ ମଟରସାଇକେଲରେ ଆସିଛନ୍ତି।

ହଁ।

ପୋଲିସବାଲାଟି ଆମ ପାଖକୁ ଆସି ପଚାରିଲା- ସେପଟୁ ଏଠାକୁ କେତେବେଳୁ ଆସିଲେଣି ?

ଗ୍ରାମ ସେବକଟିର ପାଟି ଖନି ମାରିଯାଉଥିଲା। ମୁଁ ସାହସ କରି କହିଲି, ଏଇନେ ତ ଆସି ଏଠି ପହଞ୍ଚିଲୁ, ପାଞ୍ଚ ମିନିଟ୍ ବି ହୋଇନି।

ବାଟରେ ଗୋଟେ ସ୍ତ୍ରୀ ଲୋକର ଲାସ ପଡିଥିଲା ଦେଖିଥିଲ ?

ଆମେ ଆଶ୍ଚର୍ଯ୍ୟ ହେବା ଭଳି ଭଙ୍ଗୀ କରି କହିଲୁ ସ୍ତ୍ରୀ ଲୋକର ଲାସ୍, କାହିଁ ଆମେ ତ ଦେଖିନାହୁଁ।

ସେଇବାଟ ଦେଇ ଆସିଲେ, ରାସ୍ତା ମଝିରେ ପଡିଛି ଦେଖିଲ ନାହିଁ କେମିତି ?

ମେଘ ମାଡି ଆସୁଥିଲା ଆମକୁ ଘାଟଶୁଳିରେ ପହଞ୍ଚିବାର ଅଛି, ସେଥିପାଇଁ ଏକମୁହାଁ ଗାଡି ଚଳାଉଥିଲୁ, ଦେଖି ପାରିନଥିବୁ।

ଘାଟଶୁଳୀ ଯିବାର ଅଛି ?

କ'ଣ କରନ୍ତି ସେଠାରେ - କ'ଣ ନିଜ ଘର ?

ନାଇଁ, ମୁଁ ସେ ଗାଆଁରେ ମାଷ୍ଟ୍ର ଅଛି, ଆଉ ଇଏ ଗ୍ରାମସେବକ। ବ୍ଲକକୁ ଯାଇଥିଲୁ ଦରମା ପାଇଁ।

(କ୍ରମଶଃ)




# ପ୍ରିୟତମ



**ଅନୀତା ପାଣି**

ନିଜକୁ ପାଷାଣି କରିଛି ଆଉ ଝରୁନି ତୁମ ପାଇଁ ନୟନର ଝର...
ହେ ପ୍ରିୟତମ...
ପାଷାଣ ପୂଜି ପୂଜି ଶିଖି ଯାଇଛି ଏବେ ପାଷାଣି ହେବାର କଳା।
କଂସା କବାଟ କିଳି ତୁମେ
ଶୋଇପାର ମହା ନିଦ୍ରାରେ
ମୋ ଆରତ ଅବାରିତ ନୁହେଁ ଅବଗତ
ମୋ ହୃଦେ ଝଂକୃତ ସେହି ଏକ ଶବ୍ଦ
ମଦନ ମୋହିନୀ ମନ୍ତ୍ର ......।

ପ୍ରିୟତମ ବୋଲି ଯେବେ
କରିଛି ସ୍ୱୀକାର, ପାଏ କି ନ ପାଏ ତୁମ
ସ୍ୱୀକୃତି ଅବା ବାସ୍ତବ ନିଷ୍ପତ୍ତି,
ଅଛିଣ୍ଡା ଜୀବନ ସୂତ୍ର
ଅଖଣ୍ଡ ପ୍ରଦୀପ ପାତ୍ର
ଅହରହ ଜାଳୁଥିବି ସୁଖଦ ସଂପତି।



ରାଗ ବିରାଗ ଯେବେ ଟାଣେ ଦୁଇ ଦିଗେ
ମଝିରେ ମୋ ଆତ୍ମା ଦଣ୍ଡ ଘୂରେ ବେନି ଭାଗେ
ମନ ଓ ବିବେକ ରସି ବେନି ଖିଅ
ନିଜ ନିଜ ଦାୟିତ୍ୱକତା ରଖନ୍ତି ନିଶ୍ଚୟ
ଦହି ହୋଇ ଯାଏ ମୋର ବିଷୟ ବାସନା
ବିଶ୍ୱାସ ନିଶ୍ୱାସ ଦୁଇ କରି ଉପାସନା
ଅହଂକାର ବିଷକୁ ମୁଁ କରି ପରିତ୍ୟାଗ
ପ୍ରୀତିମୟ ଅମୃତକୁ କରେ ନିତି ଗ୍ରାସ।

କା ପାଇଁ କଠୋର ତୁମେ କା ପାଇଁ ତରଳ
କାହା ହୃଦେ ବନ୍ଦୀ ତୁମେ
ନିହାତି ସରଳ,
ଧାନମଗ୍ନ ଯୋଗୀର ନିଅ ବହୁ ବିଧ ପରୀକ୍ଷା
ପଥପ୍ରାନ୍ତ ପଥିକର ତୁମେ ସହଜ କାରୁଣ୍ୟ ଭିକ୍ଷା ,
ମୋ ପାଖରୁ ତୁମେ ଥାଅ ଯେତିକି ଦୂରେ
ସେତିକି ଦୂରେ ଥାଏ ମୁହିଁ
ଆକର୍ଷଣ ବିକର୍ଷଣ ମଝା ମଝି
ଆତ୍ମା ପରମାତ୍ମା ହୋଇ।

*ସାଉଥ୍ ବଲଣ୍ଡା, ତାଳଚେର*

# ବୋଉ



**କୌଶିକ ନାୟକ**



ବୋଉ ! ମୋ ସ୍ୱପ୍ନର
ସୁନେଲୀ ସିରୋନାମା
ସ୍ନେହର ସମ୍ମୋହନ ଅଲିଭା ସନନ୍ଦ
ମନର ମହାର୍ଘ ମାଣିକ
ଜୀବନର ସାତସ୍ୱର, ଆଖିର ଅଂଜନ।
ଏବେ ମୁଁ ଖୋଜୁଚି ମୋ ବୋଉକୁ
ଲୁହ ପୋଛିବାକୁ ତା'ର ପଣତ କାନିରେ
ଖୋଜୁଚି ମୋ' ଖାଇବା ଥାଳିରେ

ପଖାଳ କଂସାରେ,
ପେଜ ଖରଡା ଶାଗ ଡାଟିଆରେ
ମୋ' ପିଲାଏ ଖୋଜୁଛନ୍ତି
ତାଙ୍କ ବୋଉକୁ
ବୋଉ ... ବୋଉ... ବୋଉ
ବୋଉ ମୋ' ସ୍ମୃତିର ଫଳକରେ
ଅଲିଭା ପ୍ରତିକଳ୍ପନା
ଶୂନ୍ୟତାରେ ନିର୍ଜୀବ ପ୍ରତିଧ୍ୱନି।


*ବାଙ୍କୀ, କଟକ*

ଗାଆଁଟିରେ ସମସ୍ତେ ମିଳିମିଶି ଚଳୁଥିଲେ। କୌଣସି ଭେଦ ଭାବ ନ ଥିଲା। ପର ବୋଲି କହିବାକୁ ଜଣେ ଥରେ ଚିନ୍ତା କରିବ। ସେ ଯେତେଦୂରରେ ଘର ଥିଲେ ବି ସାଇଭାଇ କରି ଅନେକ ସମ୍ପର୍କ ଗଢିଥାଏ। ଦାଦା, ମଉସା, ଖୁଡ଼ି, ଭାଇ, ନନା କେତେ କଣ ସମ୍ବନ୍ଧର ସୂତା। ଜାଣିଥାଉ କି ନ ଜାଣି ଥାଉ , ଚିହ୍ନିଥାଉ କି ନ ଚିହ୍ନିଥାଉ ଥରେ ଆପଣାର ଶବ୍ଦ ମୁହଁରୁ ବାହାରିଲେ ପର ବୋଲି କେହି ନ ଥାନ୍ତି। ଧୀରେଧିରେ କିନ୍ତୁ ଏ ସବୁକୁ ଭୁଲି ବସିଲେଣି ସମସ୍ତେ। ଏବେ ଆଧୁନିକତା ସମସ୍ତଙ୍କୁ ଗ୍ରାସ କରିଦେଇଛି। ସହରୀ ସଭ୍ୟତାର ଆବରଣ ଗାଆଁ ପର୍ଯ୍ୟନ୍ତ ଖେଦିଗଲାଣି। ବହୁତ ବର୍ଷ ପରେ ପାଦ ପଡ଼ିଛି ଗାଆଁ ଦାଣ୍ଡରେ। ସେ ମାଟିକୁ ସ୍ପର୍ଶ କରିଲା ମାତ୍ରେ କେତେ ଅତୀତର କ୍ଷଣ, ଦୃଶ୍ୟ ସବୁ ଆଖି ଆଗରେ ନାଚିଯାଉଥିଲା। ଗାଆଁର ସେ ବରଗଛ ମୂଳେ ବରଦା ମଉସା, ଗଗନ ଦାଦା ଆହୁରି କେତେ କଣ ବିନା ରକ୍ତର, ହୃଦୟର ସମ୍ପର୍କ ସବୁ ଆଜି ସେହି ବରଗଛ ମୂଳକୁ ଭୁଲି ବସିଛନ୍ତି। ସେହି ଜାଗାରେ ବସି ଦୁଃଖସୁଖ ହେବାକୁ ପାସୋରି ଦେଇ ଟିଭି ସାମନାରେ ନିଜକୁ ଉପସ୍ଥାପନା କରିଦେଇଛନ୍ତି ସମସ୍ତେ। କେତେ ବାଜି ତାସର ଖେଳ ଲାଗିଯାଇଥିଲା , ବାଟରେ ଯିଏ ବି ଯାଉଥାଏ ବାଧ୍ୟ ହୋଇ ଅଟକି ଯାଉଥିଲା ସେ ଗଛମୂଳେ ଆଉ ମେଳିଯାଏ ପସରା କେତେ କଣ କଥାର। ମୁଁ ଆଉ ସାଙ୍ଗମାନେ ସେହି ଗଛମୂଳରୁ କେତେ ମାଟି ନେଇ ଘର କରି ଖେଳ ଖେଳୁଥିଲୁ। ସେ ଗଛର ଚାରିପଟେ ଚକାଭଉଁରୀ ଖେଳର ମଜା ନିଆରା। ସୁକୁଟା ଦାଦା ଅନେକ ସମୟରେ ସେ ଗଛ ପାଖରେ ବସି , ତା ପବନରେ ଆଖିମୂଜି ଶାନ୍ତି ଅଚିନ୍ତାର ନିଦ ଶୋଇଯାଉଥିଲା। କିଛି ଆବଶ୍ୟକ ନାହିଁ ସେଠି କେବଳ ଗାମୁଛା ଖଣ୍ଡେ ହେଲେ ହେଲା। ନିଦ କଣ ତା ସାତ ପୁରୁଷ ଆସି ଧରାଦେବେ। ଆଜି ସେ ଗଛ କୁ ମୁଣ୍ଡ ଉଠେଇ ଦେଖେ ତ ତା ପତ୍ର ସତେ ଯେପରି ଦୋହଲିବାକୁ ବନ୍ଦ କରିଦେଇଛି। ଆଜି ତା କୋଳରେ କେହି ଯାଉନଥିବାରୁ ସେ ସ୍ଥିର ପାଲଟି ଯାଇଛି। କାହାକୁ ଅବା ସେ ଆଜି ଶାନ୍ତି ଦେଇପାରିବ କାରଣ ସମସ୍ତେ ଘରେ ଫ୍ୟାନ, କୁଲର ଲଗେଇ ବସିଯାଇଛନ୍ତି। ସେ ଗଛକୁ ଲାଗି କି ଏକ ଚଉପାଢ଼ି ଘର। ଜନ୍ମାଷ୍ଟମୀ ହେଉ ଅବା ହୋଲି ସେହି ଘର ଚାରିପଟେ ଲୋକଙ୍କ ମେଳ। କିଛି ପର୍ବ ନଥିଲେ ବି ଖାଲି ସେହି ଘର ଦୁଆରେ ବସି ଗୁଲିଖଟି ଗପ ଚାଲେ। କେତେ ଲୁଚକାଳି, ବୋହୁଚୋରି ଖେଳ ଖେଳିଛୁ ସେ ଚଉପାଡିରେ। ମୁଁ ସେହି ପାଖ ଦେଇ ଚାଲିଗଲି ଯେମିତି କି ମୋ ପାଇଁ ସେ ଏକ ଅଜଣା ଅଚିହ୍ନା ଚାଳଘର। ନା, ପାଦ ଆଗକୁ ବଢେଇଲେ ଶାନ୍ତି ନାହିଁ ଲାଗୁଛି ସେ ଘର ଡାକୁଛି ମୋତେ କି ଥରେ ଆସି ବସିଯା ଏଠି। ସହରର ବୋଝକୁ ଏହି ପବିତ୍ର ସ୍ଥଳରେ ବିସର୍ଜନ କରିଦେ। ପଛକୁ ଫେରି ବସିପଡ଼ିଲି ସେ ଚଉପାଡି ଦୁଆରେ। ଓଃ କି ଶାନ୍ତି, ଆଖି ଆପେଆପେ ବନ୍ଦ ହୋଇ ଆସୁଥାଏ। ସେହି ଦୁଆରେ ବସି ଆମ ସ୍କୁଲ ସଫାସଫା ଦେଖାଯାଉଥାଏ। କାନ୍ଧର ବେଗ୍‌କୁ ଓହ୍ଲାଇ ତଳେ ରଖି ଦେଲି ଆଉ ସେ ଦୁଆରେ ପେଟେଇ ଶୋଇପଡ଼ିଲି। ଅପେକ୍ଷା କରିଲି କାଳେ କିଏ ଆସିଯିବ, ଆଉ ଥରେ ହେଲେ କହିବ ଆରେ ସୂର୍ଯ୍ୟ କେବେ ଆସିଲୁ , ହଉ ଆସିଲୁ ଯଦି ଭଲ କଲୁ କିଛିଦିନ ରହିଯାଆ। କିନ୍ତୁ ବହୁତବେଳ ହେଲାଣି କେଉଁଠି କେହି ହେଲେ ଦେଖାଯାଉ ନାହାଁନ୍ତି। ନା , ଏବେ ଯିବାକୁ ହେବ ଆହୁରି ଆଗକୁ ଆଉ ଦେଖିବାକୁ ହେବ ଅତୀତର ପ୍ରତି କୋଣ ଅନୁକୋଣକୁ। ଯାଉଛି କେତେବେଳୁ ତ ଏଇଠି ଅପେକ୍ଷା ଥିଲା , କେହିତ କେଉଁଠି ଦେଖାଯାଉ ନାହାଁନ୍ତି। ଆଉ କେତେ ଅପେକ୍ଷା କରିବି। ଗତକାଲି ଗାଆଁକୁ ଆସି ପହଞ୍ଚିଲି କଟକରୁ। ଭାବିଲି ଏଠି କାହା ସହିତ ମୁହଁକୁ ମୁହଁ ବସି ଟିକେ କଥାହେବି। ଟିକେ ଶାନ୍ତି ପାଇବି। ଅଣ ନିଃଶ୍ୱାସରୁ ମୁକ୍ତି ମିଳିବ। କେତେ ଆଉ ସେ ମୋବାଇଲରେ କଲ୍ କରି , ଭିଡିଓ କରି ଦେଖୁଥିବି ମଣିଷ ମାନଙ୍କୁ। କିନ୍ତୁ ଏଠି ଆସି ଦେଖୁଛି ପୂର୍ବର ଗାଆଁ ଆଉ ଏବେର ଗାଆଁ ଭିତରେ ଫରକ ଜଣାପଡୁଛି। ସହରୀ ସଭ୍ୟତା ଚାକଚକ୍ୟ ମାଡ଼ି ବସିଛି। କେହି ନାହାନ୍ତି ପାଖରେ। ଘରେ ମୋବାଇଲ , ଟିଭି , କୁଲାର୍ ସବୁ ମିଳିଗଲା। ଚଉପାଡି ଦୁଆରୁ ଉଠି ଆସି ଆଗକୁଆଗକୁ ପାଦ ପକେଇ ଚାଲିଲି। ମୋର ଘରକୁ ଯିବାର କୌଣସି ତରବର ନ ଥିଲା ମୁ ତ ବାସ୍ ଧୀରେଧୀରେ ପାଦ ପକେଇବାର କାରଣ କାଳେ କେ ବାଟରେ ଦିଶିଯିବ, କେହି ଚିହ୍ନା ଧରାପଡିବେ ଆଉ କିଛି କଥାବାର୍ତ୍ତାର ଆସର ଜମିଯିବ। କେତେବର୍ଷ ପରେ ଗାଆଁକୁ ଆସିଛି ନା। ମନ ବିକିଳେଇ ଯିବା ନିଶ୍ଚିତ। ମନ ଖୋଲି ପୁରୁଣା ସ୍ମୃତିକୁ ସାଉଁଟିବାକୁ କେହି ମିଳିଯିବ ଏ ରାସ୍ତାରେ। କିନ୍ତୁ କେହି ଏ ଆଖିରେ ଧରାହିଁ ଦେଉନାହାନ୍ତି। ରାସ୍ତାରେ ଆସିଲା ବେଳେ ହରିଆ ମଉସା ତାଙ୍କ ହୋଟେଲରେ ବରା ଛାଣୁଥିଲେ। ଆଜି ବି ସେ ରାସ୍ତା ଦେଇଗଲେ ସେ ଛଣାତେଲର ବାସ୍ନା ଖଣ୍ଡମଣ୍ଡଳକୁ ଟାଣି ନେଉଛି। ଭାବିଲି ସେ ଯାହା ହେଉ କେହି ଦେଖନ୍ତୁ ଅବା ନଦେଖନ୍ତୁ ହରିଆ ମଉସା ସହ ଦି ପଦ କଥା ହେବା। ପାଦ ତାଙ୍କ ଆଡ଼କୁ ବଢ଼େଇଲି। ତାଙ୍କର ସେ ଖଟିଆ ଏ ପର୍ଯ୍ୟନ୍ତ ସେହିଠାରେ ରହିଛି। ଦୋଡିଆ ଖଟ। ଆମେ ସେ ଖଟକୁ ଦେଖି ମଉସାକୁ ଚିଡ଼େଇବାକୁ କହୁଥିଲୁ କି ମଉସା ଏଇଟା କଣ ଯୌତୁକରେ ଆଣିଛ କି। ସେ ସଙ୍ଗେ ସଙ୍ଗେ ଚିଡି ମଧ ଯାଉଥିଲେ। ମୁଁ ସେ ଖଟିଆରେ ବସି ପଡ଼ିଲି। ମୋର ଏବେ ବି ମନେ ଅଛି ସପ୍ତମ ଶ୍ରେଣୀରେ ପଢିଲା ବେଳେ ସ୍କୁଲ୍ ଛୁଟିହେଲେ ପ୍ରାୟ ପ୍ରତିଦିନ ସେଠିକୁ ବରା ଖାଇବାକୁଯାଏ। ଆଉ ଦୋଡି ଯାଇ ଖଟିଆରେ ଜୋର୍ କରି ଡ଼ିଆଁଟେ ମାରେ ଆଉ ହରିଆ ମଉସା ବଡ଼ ପାଟିରେ ଚିକ୍ରାର କରି କହିବେ ଏଡେ ଜୋରରେ ସେଠି ଡ଼ିଆଁ ମାରନାହିଁରେ ଟୋକା ଛିଡିଗଲେ ମୁଁ ତୋତେ ସେ ବରଗଛ ଉପରେ ବାନ୍ଧି ପକେଇବି। ବୁଝିଲୁ। ଆଜି ସେ ହରିଆ ମଉସା ଅଛନ୍ତି ସତ କିନ୍ତୁ ଖଟ ପ୍ରେମ ଛାଡି ଚାଲିଯାଇଛି। ମୁଁ ତାଙ୍କୁ ଦେଖି କେତେଥର ଡାକ ପକେଇଲି କିନ୍ତୁ ସେ ଜମାରୁ ଦେଖୁ ନଥିଲେ। ମୁଁ ପାଖକୁ ଯାଇ ଦେଖିଲି ସେ କାନରେ ଇଅର୍ ଫୋନ୍ ଲଗେଇ ଗୀତ ଶୁଣୁଥିଲେ ଆଉ ମଝିରେ ମଝିରେ ଗୁଣୁଗୁଣୁ କରୁଥିଲେ - ବୋଉ ଲୋ କି କହିବି ନୁଆ ଭାଉଜଙ୍କ କଥା .......। ତେଣୁ ମୁଁ ବୁଝିଗଲି ଯେତେ ଡାକୁଥିଲେ ବି ସେ ଗୀତ ଶୁଣୁଥିବାରୁ ମାର ଡାକକୁ କର୍ଣ୍ଣପାତ କରିପାରିଲେ ନାହିଁ। ଆଉ ଗୀତରେ ଏତେ ପରିମାଣରେ ମଜ୍ଜି ଯାଇଥିଲେ ଯେ ମୋର ସେ ଖଟିଆରେ ବସିବା ସେ ଜାଣିପାରିଲେ ନାହିଁ। ଏଠି ମଧ ସେହି ଯନ୍ତ୍ର ପ୍ରଭାବ ପବନ ଭଳି ବୋହି ଚାଲିଛି। ଏବେ ଆଉ କେଉଁଆଡେ ମୁହଁ ନ ବୁଲେଇ ସିଧା ଘରଆଡେ ଚାଲିଲି। ଆଗକୁ ପାଦ ବଢ଼ାଇଲା ବେଳେ ଟିକେ ପଛକୁ ଅନେଇ ଦେଖିଲି ଗୋଟେ ଶଗଡ଼ ଯାଉଛି ଗାଆଁ ଦାଣ୍ଡରେ। ସେ ଶଗଡ଼ରେ ଦୁଇଟି ବଳଦ ଯୋଚା ହୋଇଛି। ଆଉ ଶଗଡ଼ିଆ ଗୀତ ଗାଇଗାଇ ଆଗକୁ ଆଗକୁ ଯାଉଛି। ସେ ଶଗଡ଼ ଯେତେ ଆଗକୁ ଆଗକୁ ଯାଉଛି ତା ଶଗଡ଼ ଗାଡ଼ିର ଚିହ୍ନ ମାଟି ଉପରୁ ପବନରେ ଉଡି ଗାଆଁର ପରିବେଶରେ ମିଶିଯାଉଛି। ଆଉ କିଛି ସମୟ ପରେ ଅନେଇ ଦେଖିଲି ଚାରିଆଡ ଅଚିହ୍ନା ଓ ଅପରିଚିତ ମନେ ହେଲା। ସେ ଅପରିଚିତ ପରିବେଶରୁ ମୁଁ ପୁଣି ଘର ଆଡ଼କୁ ଆଗେଇ ଚାଲିଲି। ପଛରେ ସବୁ ଅତୀତ ଆଉ ସେ ଅତୀତରେ ଆଧୁନିକତାର ଡାଙ୍କୁଣି ଘୋଡ଼ାଇ ହୋଇ ରହିଛି।

# ପୁନଶ୍ଚ ଫେରି



**ପି. ପୁରବୀ ମହାନ୍ତି**




*ବଣାଇଁ ଗଡ଼, ସୁନ୍ଦରଗଡ଼*
*ଦୂରଭାଷ : ୭୯୭୮୮୫୦୮୯୮*

# ପ୍ରେମଏକ ......



**ମିନାକ୍ଷୀ**

ଜୀବନ ନଈ ର
ସାୟାହ୍ନ ରେ
ଉଆଁସି ଜହ୍ନ
ତାର ଅବାଞ୍ଛିତ ପ୍ରଶ୍ନ !
ପ୍ରେମ ତ ଥିଲା ତା ଶାଶ୍ୱତ ଆତ୍ମାର.....
ତାର ପବିତ୍ର ଭାବନା ର...
ତା ର ଅସଂଖ୍ୟ ଫୁଲ ଫୁଟା ହସର....
ଆଜି ସେ ପ୍ରେମ ର ନିରୀହ ଦୀର୍ଘଶ୍ୱାସରୁ
ପବନ ଚାଲିଯାଏ...
ଜ୍ୟୋତ୍ସ୍ନାର ବାୟୁକୋଷ କୁ।
ଆଉ ବର୍ଷ ବର୍ଷ ଧରି ଶିଖିଥିବା ବିସ୍ତୃତ ଜ୍ଞାନରୁ
ପ୍ରେମ ଜ୍ଞାନ ର ସଂଜ୍ଞା
ଖରା ବର୍ଷା ରେ....
ସତ୍ୟ ଅସତ୍ୟ ରେ....
ପାପ ପୁଣ୍ୟ ରେ.....
ହରାଇ ଦିଏ ଭାରସାମ୍ୟ।
ହେଉ ପଛେ ପ୍ରେମ
ଭକ୍ତ---ଭଗବାନ ର....
ସ୍ୱାମୀ --- ସ୍ତ୍ରୀ ର....
ଭାଇ--- ଭଉଣୀ ର....
ଫୁଲ----ପ୍ରଜାପତି ର.....
ଜହ୍ନ-----କଇଁ ର.....



ପ୍ରେମ ସଂପର୍କ ର ଡୋର।
କିଛି ଚାହେଁ ନାହିଁ....
ପ୍ରଶ୍ନ କରେ ନାହିଁ।
ମୋର -- ମୋର ହଉଥାଏ
ସାଙ୍ଗ ରେ ଥାଏ ଦିନ ରାତି
କଥା ନ କହି।
ଆଜି ର ପ୍ରେମ ମାପକାଠି ରେ
ତୋଳା ହଉଛି.....
ଦିଆ ନିଆ ରେ.....
ଛନ୍ଦ କପଟ ରେ......
ଈର୍ଷା ହିଂସା ରେ.....
ପ୍ରେମ ର ଫମ୍ପା ଆବାଜ ବଢି ଯାଇଛି....
ଅବୁଝା କୁହୁଡି ପରି
ଅଣ ନିଃଶ୍ୱାସି ହୋଇ
ପଳାତକ ସାଜିଛି
ଫୁଲ ଫୁଟା ବେଳ ରେ
କଳି ହୋଇ ଝରି ପଡୁଛି
ପ୍ରେମ ଏବେ ସତେ ଏକ ଅବୁଝା ଗଣିତ ପାଲଟି ଯାଇଛି।


*ନିୟୁ ଦିଲ୍ଲୀ*

# କବିତାର କଥା

(ଭାଗ-୨୧)



**ଉମାକାନ୍ତ ରାଉତ**



# ବିପ୍ଳବୀ ସାରଳା ଓ ମାଟିପ୍ରେମୀ କପିଳେନ୍ଦ୍ର

ପୂର୍ବ ଭାଗମାନଙ୍କରେ ଆଦିକବି ସାରଳାଙ୍କ ସର୍ଜ୍ଜନାରେ ସ୍ଥାନ-କାଳ-ପାତ୍ରର ଭୂମିକାର ଗୁରୁତ୍ୱ ବିଷୟରେ ସମ୍ୟକ୍ ଆଲୋକପାତ କରାଯାଇଥିଲା । ସାରଳା ସୃଷ୍ଟିର ସୀମାହୀନ ଜ୍ଞାନ ସାଗରକୁ ଭେଦ କରିବା ତ ପଛକଥା, କେବଳ ପ୍ରବେଶ କରିବାର ଯୋଗ୍ୟତା ଓ ସାହସ ଏ ଅକିଞ୍ଚନର ନାହିଁ। ତେଣୁ ସେ ଧୃଷ୍ଟତା ମୁଁ କରିବି ନାହିଁ। ପ୍ରଥମରୁ କହିରଖିଛି ଯେ ମୁଁ ଭାଷାସାହିତ୍ୟର ଛାତ୍ର ନୁହେଁ କି ସାହିତ୍ୟ ମହାସମୁଦ୍ରର ରହସ୍ୟ ଭେଦ ପାଇଁ ପାଣ୍ଡିତ୍ୟ ମୋର ନାହିଁ। ସାଧାରଣଭାବେ କବିତାକୁ ବୁଝୁଥିବା କମନ୍ ମେନ୍‌ର କରାମତି ହିଁ ମୋର ସମଗ୍ର ଆଲେଖର ଚାବିକାଠି। ତା'ଠୁ ଅଧିକ କିଛି ନୁହେଁ।

ସୁତରାଂ ଏହି ପର୍ଯ୍ୟାୟରେ ମୁଁ ଅନୁଭବ କରୁଛି ଯେ 'କବିତାର କଥା ' କହିଲାବେଳେ ମୁଁ ଯଦି ମାଟିର କବି, ଆଦିକବି, ଓଡିଆ କବିତାର ଜନକ ସାରଳା ଦାସଙ୍କ ସମ୍ପର୍କରେ ମୋ' ଭିତରେ ଥିବା ଯତ୍ କିଞ୍ଚିତ ଧାରଣାକୁ ଉପସ୍ଥାପନ ନକରେ, ତେବେ କେବଳ ଭୁଲ୍ ଟିଏ ହେଇଯିବନାହିଁ, ବରଂ ମୋ ଭାଷା ଓ କବିତାର ଜନକଙ୍କୁ ଅବଜ୍ଞାର ଅକ୍ଷମଣୀୟ ଅପରାଧଟିଏ ହେଲାଭଳି ଲାଗିବ।

କବିତାରେ କି ସାହିତ୍ୟରେ ରୁଚି ଥାଉ କି ନଥାଉ ପ୍ରତ୍ୟେକ ଓଡ଼ିଆ ତା'ର ଜାତି ଓ ସାହିତ୍ୟର ବୁନିଆଦି, ଗାରିମା ଓ ଅସ୍ମିତାର ମୂଳଦୁଆ ପକେଇଥିବା ମୁଖ୍ୟ ପୁରୋଧା ଚିରପୂଜ୍ୟ ସାରଳା ଦାସଙ୍କ ସମ୍ପର୍କିତ ଧାରଣା ରଖିବା ଏକ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ। ନିମ୍ନ ପଂକ୍ତିରୁ ତାଙ୍କ ସମ୍ପର୍କିତ କଥା ଆରମ୍ଭ କରିବା ...

"ଉଠ ଶୁଦ୍ରମୁନୀ କେତେକାଳ ତୁମେ ଶୋଇ ରହିଥିବ ଆଉ
ଭାରତ ତଇଳେ ନବଜ୍ଞାନ ଦୀପ ଜଳୁଥାଉ ଦାଉ ଦାଉ
ଭାଷା ଆଦିକାଳେ ଅନ୍ଧାର ଉତ୍କଳେ ସମୁଜ୍ଜୋଳ ନବରବି
ପଣ୍ଡିତେ ପାଷାଣ୍ଡେ ହାଟେ ବାଟେ ଦାଣ୍ଡେ ଦେଖାଇଲ ଦିବ୍ୟଛବି"

ଏ ଜାତିର ଆଦି ପ୍ରତିଭୂ, ମାଟିର ମହାକବି, ଶୁଦ୍ରମୁନୀ, ଉତ୍କଳବ୍ୟାସ ହେଉଛନ୍ତି ସେଦିନର ଜଗତସିଂହପୁରସ୍ଥ ତେନ୍ତୁଳିପଦା ଗ୍ରାମର ଚାଷୀପୁତ୍ର ସିଦ୍ଧେଶ୍ୱର ପରିଡ଼ା। ସାରଳା ଦେବୀମାତାଙ୍କ ଆଶିର୍ବାଦରୁ ତାଙ୍କର କବିତ୍ୱ ପ୍ରାପ୍ତି ଓ ସିଦ୍ଧି ହୋଇଥିବାରୁ ସେ ସାରଳା ଦାସ ନାମରେ ଖ୍ୟାତ। ଶୁଣିବାକୁ ମିଳେ ଯେ ପିଲାବେଳେ ଚାଷକାମରେ ବାପାଙ୍କୁ ସାହାଯ୍ୟ କରିବା ପାଇଁ ସିଦ୍ଧେଶ୍ୱର ହଳ କରୁ କରୁ ଗୀତ ଗାଇ ଚାଲିଥିଲେ। ତାଙ୍କର ସୁଲଳିତ କଣ୍ଠସ୍ୱର ଏତେ ଶ୍ରୁତିମଧୁର ଥିଲା ଯେ ତାଙ୍କର ଗୀତ ଶୁଣିବାକୁ ସ୍ୱୟଂ ଦେବୀ ସାରଳା ଉଭା ହୋଇଯାଇଥିଲେ। ସେଇଠି ମାଆ ତାଙ୍କୁ ସୁନ୍ଦର ପଦ୍ୟାବଳୀ ରଚନା କରିବାର ବର ପ୍ରଦାନ କରିଥିଲେ।

ଭାଷା ସାହିତ୍ୟର କେତେକ ସମାଲୋଚକ କହନ୍ତି -- ସେ ସମୟରେ ଓ ସେତେବେଳର ପରିସ୍ଥିତିରେ ପ୍ରାକୃତ ଭାଷାରେ ରଚନା ଲେଖିବା ଅସମ୍ଭବ ଥିଲା। ସେତେବେଳେ ଶାସ୍ତ୍ର ଓ କାବ୍ୟ ରଚନାରେ କେବଳ ବ୍ରାହ୍ମଣମାନଙ୍କର ଏକଚାଟିଆ ଆଧିପତ୍ୟ ଥିଲା। କେବଳ ବ୍ୟକ୍ତିଗତ ମୁନାଫା ପାଇଁ ଦେବାଦେବୀ, ଆଶିର୍ବାଦ, ଅଭିଶାପ ଆଦିର ଆଳରେ ତଥା ଆଧାତ୍ମିକତାର ଦ୍ୱାହିରେ ସେମାନଙ୍କ ଦୌରାତ୍ମ୍ୟ ଏତେ ପ୍ରବଳ ଥିଲା ଯେ ଆଉ କେହି କିଛି ଲେଖିବାକୁ ସାହସ ଜୁଟାଇ ପାରୁନଥିଲେ।

ନିମ୍ନଲିଖିତ ଯୁକ୍ତିଦ୍ୱାରା ମୁଁ ଏକଥାକୁ ସାବ୍ୟସ୍ତ କରିବାକୁ ଉଚିତ୍ ମଣୁଛି। ସାରଳାଙ୍କ ପରବର୍ତ୍ତୀ ସମୟରେ ଉଭାହେଲେ ଜଗନ୍ନାଥ ଦାସ। ସେତେବେଳକୁ ସାରଳାଙ୍କ ନିଷ୍ପାପର ସାଧନା ବଳରେ ଅବ୍ରାହ୍ମଣଙ୍କ ଦ୍ୱାରା ଲୌକିକ ଭାଷାରେ କାବ୍ୟ କବିତା ଲେଖିବାର ମୂଳଦୁଆ ପଡ଼ି ସାରିଛି। ତଥାପି ବି ବ୍ରାହ୍ମଣମାନଙ୍କର ଚକ୍ରାନ୍ତଯୋଗୁ, ଲୋକଙ୍କଦ୍ୱାରା ପୁରପଲ୍ଲୀରେ ବହୁଳଭାବେ ଆଦୃତ ଜଗନ୍ନାଥ ଦାସଙ୍କର ଅତୁଳନୀୟ ଓ ଅନନ୍ୟ ଭାଗବତକୁ ସେମାନେ ତାଚ୍ଛଲ୍ୟରେ ତେଲି ଭାଗବତ ବୋଲି କହିଲେ। ଏଇଥିରୁ ଜଗନ୍ନାଥଙ୍କ ପୂର୍ବରୁ ବ୍ରାହ୍ମଣମାନଙ୍କ ପୂର୍ଣ୍ଣ ଦୌରାତ୍ମ୍ୟକାଳରେ ସିଦ୍ଧେଶ୍ୱର ଓରଫ୍ ସାରଳା ଦାସଙ୍କୁ କି ପ୍ରକାର ବାଧା ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିବ; କେବଳ ଅନୁମାନ କରିବା କଥା। ଏଥିପାଇଁ ଆଦିକବି ସାରଳା ଦାସଙ୍କୁ ମୁଁ ବିନା ଦ୍ୱିଧାରେ ଜଣେ ବିପ୍ଳବୀ ବୋଲି ସମ୍ବୋଧନ କରିବାକୁ ମୁଁ ଗୌରବ ମଣିବି।

ଅବଶ୍ୟ କପିଳେନ୍ଦ୍ର ଦେବଙ୍କଭଳି ଗଣତାନ୍ତ୍ରିକ ଚିନ୍ତାଧାରାର ପ୍ରଜାନୁଗତ ଓ ପ୍ରଜାବତ୍ସଳ ରାଜାଙ୍କ ରାଜପ୍ରୋତ୍ସାହନ ହିଁ ଏ ଦିଗରେ ମେରୀଖୁଣ୍ଟର ଗୁରୁତ୍ୱ ବହନ କରେ।

କହିବା ବାହୁଲ୍ୟ ଯେ ରାଜା କପିଳେନ୍ଦ୍ର ଦେବ ହେଉଛନ୍ତି ସାଧାରଣବର୍ଗରୁ ଆସିଥିବା କପିଳେଶ୍ୱର ରାଉତ, ଯାହାଙ୍କ ଭିତରେ ପୁରି ରହିଥିଲା ଉତ୍କଳୀୟ ଅସ୍ମିତା ଓ ଓଡିଆତ୍ୱ।

ଏଠାରେ କହିରଖିବା ଉଚିତ୍ ହେବ ଯେ ରାଜାନୁଗତ ପ୍ରଜାଧର୍ମ। ରାଜପ୍ରୋତ୍ସାହନର ଅଭାବରେ ପ୍ରଶାସନିକ ଇଚ୍ଛାଶକ୍ତି ବଳବତ୍ତର ନହେଲେ ଭାଷା କେମିତି ବ୍ୟବହାରକ୍ଷମ ହୋଇପାରେ ନାହିଁ ତାହାର ଉତ୍କୃଷ୍ଟ ଉଦାହରଣ ହେଉଛି ଆମରାଜ୍ୟର ଶାସକଙ୍କର ଓଡ଼ିଆ ଭାଷା ବିମୁଖତା।

ଆମର ଅପାରଗତା, ପ୍ରଜାନୁଗତ ଶାସନର ଅଭାବ, ରାଜନୈତିକ ଇଚ୍ଛାଶକ୍ତିର ଏବଂ ରାଜପ୍ରୋତ୍ସାହନର ଅଭାବରୁ ବହୁ ମନିଷୀଙ୍କର ଦୁର୍ବାର ସାଧନା ଓ ଅକଥନୀୟ କଷ୍ଟଲବ୍ଧ ଆମର ଏହି ବିଜ୍ଞାନସମ୍ମତ ଶାସ୍ତ୍ରୀୟ ଭାଷା ଏଯାଏଁ ବି ସରକାରି ସ୍ତରରେ ବ୍ୟବହାର ହୋଇପାରିଲା ନାହିଁ। ସୁତରାଂ ବ୍ୟବହାର ନକରାଯିବା ହିଁ ବ୍ୟବହାର ପଥରେ ବାଧକ ପାଇଁ ଦାୟୀ ! ରାଜପ୍ରୋତ୍ସାହନ ଓ ସଂକଳ୍ପର ଅଭାବକୁ ଅନୁଭବ କରି ଏବେ ବିଭିନ୍ନ ଅଞ୍ଚଳରେ ମୁଣ୍ଡ ଟେକୁଥିବା ସାଧାରଣ ଜନତାଙ୍କର ପ୍ରତିକ୍ରିୟା ଓ ଆନ୍ଦୋଳନର ଗୁରୁତ୍ୱକୁ କବି ଓ ସାହିତ୍ୟିକମାନେ ହୃଦୟଙ୍ଗମ କରିବାର ସମୟ ଆସିଛି। ଏଥିପାଇଁ ବିପ୍ଳବୀ ସାରଳାଙ୍କ କବିତ୍ୱ ଏବଂ ଉତ୍କଳର ସୁବର୍ଣ୍ଣଯୁଗର କର୍ତ୍ତା ରାଜା କପିଳେନ୍ଦ୍ର ଦେବଙ୍କ ପ୍ରଜାବତ୍ସଳତା ଓ ପ୍ରଜାନୁଗତତାକୁ ବୁଝିବାକୁ ପଡ଼ିବ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ବାତ୍ୟା ପାଇଁ ଓଡିଶାକୁ ୫୦୦ କୋଟି ଟଙ୍କାର ଅନୁଦାନ ଘୋଷଣା ପ୍ରସଙ୍ଗ

# 'ମୋଦିଙ୍କ ତ୍ୱରିତ ପଦକ୍ଷେପ ପାଇଁ ରାଜ୍ୟବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା'

**ଭୁବନେଶ୍ୱର :** ରାଜ୍ୟର ବିପଦ ସମୟରେ ପ୍ରଧାନମନ୍ତ୍ରୀ ସର୍ବଦା ରାଜ୍ୟବାସୀଙ୍କ ସହିତ ଛିଡା ହୋଇ ସୁଖ ଦୁଃଖର ସାଥୀ ହୋଇଛନ୍ତି । ବାତ୍ୟା ୟଶ୍ ଲ୍ୟାଣ୍ଡଫଲ ହେବାର ୪୮ ଘଂଟା ନପୁରୁଣୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ଓଡିଶା ଆସି ବାତ୍ୟା ଓ ବନ୍ୟାଜନିତ କ୍ଷୟକ୍ଷତିର ନିରିକ୍ଷଣ କରିବା ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ପଦାଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ସମୀକ୍ଷା ବୈଠକ ପରେ ପ୍ରଭାବିତ ଅଂଚଳରେ ରିଲିଫ, ପୁନରୁଦ୍ଧାର ଓ ପୁନଃନିର୍ମାଣ ପାଇଁ ୫୦୦ କୋଟି ଟଙ୍କାର ଆର୍ଥକ ସହାୟତା ଘୋଷଣା କରିଛନ୍ତି । ଏଭଳି ସଂକଟ



ସମୟରେ ଏହି ଅର୍ଥରାଶି ବହୁ ସହାୟକ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ତ୍ୱରିତ ପଦକ୍ଷେପ ପାଇଁ ରାଜ୍ୟବାସୀଙ୍କ ତରଫରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ବାତ୍ୟା ପୂର୍ବରୁ ରାଷ୍ଟ୍ରୀୟ ବିପର୍ଯ୍ୟୟ ପରିଚାଳନା ପାଂଠିରୁ ଓଡିଶାକୁ ଚଳିତ ମାସରେ ପ୍ରଥମ କିସ୍ତିରେ ୬୪୧.୭୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହା ପୂର୍ବରୁ ରାଜ୍ୟ ପାଂଠିରେ ୧୧୯୮ କୋଟି ଟଙ୍କା ଥିଲା । ତେଣୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଂଠିରେ ବର୍ତ୍ତମାନ ସର୍ବମୋଟ ୨୩୩୯ କୋଟି ଟଙ୍କା ଅଛି । ଏ ସମସ୍ତ ଅର୍ଥରାଶି ସାଂପ୍ରତିକ ବାତ୍ୟା ଓ ବନ୍ୟାଜନିତ ରିଲିଫ, ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟ ପାଇଁ ବହୁ ସହାୟକ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହା ବ୍ୟତୀତ ୨୦୨୧-୨୨ ଆର୍ଥୀକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧିନରେ ଓଡିଶାର ୮,୧୭,୫୧୩ ଜଣ ଆର୍ଥୀକ ଦୁର୍ବଳ ଶ୍ରେଣୀର ଲାଭାର୍ଥୀଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ବାସଗୃହ ଆବଂଟନ କରାଯାଇଛି । ଦଳମତ ନିର୍ବିଶେଷରେ ରାଜ୍ୟ ସରକାର ପ୍ରକୃତ ଗରୀବ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦିଅନ୍ତୁ । ୨୦୨୨ ମସିହା ସୁଦ୍ଧା ରାଜ୍ୟରେ ଯେପରି ଗୋଟିଏ ହେଲେ କଚ୍ଚା ଘର ରହିବ ନାହିଁ, ସେହି ଅନୁଯାୟୀ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ମହାନ୍ତି ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କମୁଛି ସଂକ୍ରମଣ ...

ଦ୍ୱାରା ସଂକ୍ରମିତ ହୋଇଛନ୍ତି, ଯାହାର ମୃତ୍ୟୁ ହାତ ୫୬.୭ ପ୍ରତିଶତ ରହିଛି । ମୋଟ୍ ମୃତକଙ୍କ ତୁଳନାରେ ଯେଉଁମାନେ କରୋନା ସଂକ୍ରମଣ ପରେ ଜୀବାଣୁ ଓ କବକ ଦ୍ୱାରା ଦ୍ୱିତୀୟ ଥର ସଂକ୍ରମିତ ହୋଇଛନ୍ତି, ସେମାନଙ୍କର ପରେ ମୃତ୍ୟୁ ଘଟିଛି । ଏହି ସର୍ଭେ ସମୟରେ ଆଇସିଏମଆର ଜଣେ କେମିତି ସଂକ୍ରମିତ ହୋଇଛି, ବ୍ୟାକେଟରିଆରେ ଆକ୍ରାନ୍ତ ହେବା, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କେତେ ଅଛି, ଦ୍ୱିତୀୟ ଥର ସଂକ୍ରମିତ ହୋଇଛନ୍ତି କି ଇତ୍ୟାଦିକୁ ଗୁରୁତ୍ୱ ଦେଇଥିଲା । ସେହିପରି ଦ୍ୱିତୀୟ ଲହର ବେଳେ କରୋନାକୁ ନିପାତ କରିବାକୁ ଯାଇ ବ୍ୟବହାର ହୋଇଥିବା ଅଧିକ ଶକ୍ତିଶାଳୀ ଆଣ୍ଟିବାୟୋଟିକ୍ ଅଧିକାଂଶଙ୍କ ପାଇଁ ପୋଷ୍ଟ କୋଭିଡ ବେଳେ ଘାତକ ସାଜିଛି । ଡାକ୍ତରମାନେ ଆକ୍ରାନ୍ତଙ୍କ ପାଇଁ ପ୍ରେସକ୍ରିପସନ ବେଳେ ଅଧିକ ଶକ୍ତିଶାଳୀ ଆଣ୍ଟିବାୟୋଟିକ୍ ଔଷଧ ଲେଖୁଥିବାରୁ ଏଭଳି ଅବସ୍ଥା ଉପୁଜିଥିବା କୁହାଯାଇଛି । ତେଣୁ ଜୀବନ ରକ୍ଷା କରିବାକୁ ଯାଇ ବ୍ୟବହାର କରାଯାଇଥିବା ଆଣ୍ଟିବାୟୋଟିକକୁ ଅତିରିକ୍ତ ବ୍ୟବହାର ଉପରେ ରୋକ୍ ଲଗାଇବା ଦରକାର ବୋଲି ବିଶେଷଜ୍ଞ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ଗତ ୨୨ ଦିନ ଧରି ଲଗାତାର ଅତ୍ୟଧିକ ମାତ୍ରାରେ ନୂଆ ମାମଲା ଆସୁଛି ଏବଂ ବହୁ ସଂଖ୍ୟାରେ କରୋନା ପରୀକ୍ଷା କରାଯାଉଛି, ପଜିଟିଭ ହାର ହ୍ରାସ ଏବଂ ପୁନରୁଦ୍ଧାର ହାରରେ ବୃଦ୍ଧି ହେତୁ କରୋନାର ଦ୍ୱିତୀୟ ଲହର ଥମିବାର ନଜର ଆସୁଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଚିବ ଲଭ ଅଗ୍ରୱାଲ କହିଛନ୍ତି ଯେ, ସକ୍ରିୟ ମାମଲାରେ କ୍ରମାଗତ ହ୍ରାସ ହେଉଛି । ଦେଶର ୨୪ଟି ରାଜ୍ୟରେ କରୋନା ପଜିଟିଭ୍ ମାମଲାର କମୁଥିବାର ଦେଖିବାକୁ ମିଳିଛି । ସେ ଏହାମଧ କହିଛନ୍ତି ଯେ, କରୋନାର ଲହରରେ ବ୍ରେକ ଲାଗିଲା ଭଳି ନଜର ଆସୁଛି । କିନ୍ତୁ ବର୍ତ୍ତମାନ ସମୟରେ କୋଭିଡ ମାମଲାରେ କଠୋରତା ଏବଂ ସତର୍କତା ନିହାତି ଆବଶ୍ୟକ । ବର୍ତ୍ତମାନ ଦେଶରେ ୨୪.୨ ଲକ୍ଷ କରୋନା ପଜିଟିଭ୍ ମାମଲା ରହିଛି । ଏହି ସଂଖ୍ୟା ପୂର୍ବ ସପ୍ତାହର ରିପୋର୍ଟ ତଥା ୯ ମେ'ରେ ଆସିଥିବା ରିପୋର୍ଟ ଠାରୁ ୩୫ ପ୍ରତିଶତ କମ୍ ରହିଛି । ଗତ ସପ୍ତାହରେ ୩୭.୪ ଲକ୍ଷ ସକ୍ରିୟ ମାମଲା ରହିଥିଲା । ଗତ ନଅ ଦିନ ଧରି ଦୈନିକ ୨୦ ଲକ୍ଷ କୋଭିଡ -୧୯ ପରୀକ୍ଷା କରାଯାଉଛି । ଯଦିଓ ମେ ୨୦ ରୁ ମେ ୨୬ ମଧ୍ୟରେ ପଜିଟିଭ୍ ହାର ୧୦.୪ ପ୍ରତିଶତ ଥିବାବେଳେ ଏପ୍ରିଲ୍ ୨୯ ରୁ ମେ ୫ ମଧ୍ୟରେ ପଜିଟିଭ୍ ହାର ୨୧.୫ ପ୍ରତିଶତ ଥିଲା । ଗୋଟିଏ ପଟେ ଅଧିକ ସଂକ୍ରମିତ ରାଜ୍ୟଗୁଡ଼ିକ ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ, ତାମିଲନାଡୁରେ ସଂକ୍ରମିତ ମାମଲା ହ୍ରାସ ପାଉଛି । ଏହା ସତ୍ତ୍ୱେ ଏହି ୧୦ ପ୍ରତିଶତ ସକାରାତ୍ମକ ହାର ଚିନ୍ତାର ବିଷୟ ପାଲଟିଛି । ପଜିଟିଭିଟି ହାରକୁ ୫ ପ୍ରତିଶତରୁ କମ୍ କରିବାକୁ ରାଜ୍ୟମାନଙ୍କୁ ଅତିରିକ୍ତ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ।

ଦେଶରେ କୋଭିଡ-୧୯ର ତୃତୀୟ ଲହର ବ୍ୟାପିବା ସମ୍ଭାବନା ରହିଥିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇବା ପରେ ଦିଲ୍ଲୀ ସରକାର ସେଥିପାଇଁ ଆଗୁଆ । ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ପରିସ୍ଥିତିର ମୁକାବିଲା କରିବାକୁ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ କରିବା ଉପରେ ମଧ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି । ଇତିମଧ୍ୟରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ୧୩ ସଦସ୍ୟ ବିଶିଷ୍ଟ ଏକ ମଣ୍ଡଳୀ ଗଠନ କରାଯାଇଛି । ଏସିଏସ-ପାୱାର ସତ୍ୟ ଗୋପାଳ ଏହି ମଣ୍ଡଳୀର ନେତୃତ୍ୱ ନେବେୟ ତାହାସହିତ ଅମ୍ଳଜାନ ଅଭାବ ଜନିତ ମୃତ୍ୟୁ ଘଟଣା ଅନୁଧ୍ୟାନ କରିବାକୁ ଆଉ ଏକ ୬ ସଦସ୍ୟ ବିଶିଷ୍ଟ ମଣ୍ଡଳୀ ଗଠନ କରାଯାଇଛି । ଦିଲ୍ଲୀ ସରକାରଙ୍କ ପକ୍ଷରୁ ଜାରି ଏକ ଆଦେଶନାମା ଅନୁଯାୟୀ ୧୩ ସଦସ୍ୟ ବିଶିଷ୍ଟ ମଣ୍ଡଳୀ ବର୍ତ୍ତମାନ ସ୍ଥିତିର ଆକଳନ କରିବା ସହିତ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିଭିନ୍ନ ଦିଗ, ଯେପରିକି ଅମ୍ଳଜାନ ଉତ୍ପାଦନ ୟୁନିଟ, ଔଷଧ ଯୋଗାଣ ଆଦି କେତେ ପରିମାଣରେ ଆବଶ୍ୟକ ତାହାର ଆକଳନ କରିବେ ଏବଂ ତୃତୀୟ ଲହର ମୁକାବିଲା ପାଇଁ ଏକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରିବେ । ଏହି ମଣ୍ଡଳୀ ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳ ପରିଚାଳନା ପ୍ରତି ମଧ ଦୃଷ୍ଟିଦେବେ । ବିଶେଷକରି ଅମ୍ଳଜାନ ଏବଂ ଚିକିତ୍ସା ନିମନ୍ତେ ଆବଶ୍ୟକ ଔଷଧୀୟ ସାମଗ୍ରୀର ଯୋଗାଣ ଉପରେ ସେମାନେ ନଜର ରଖିବେ । ମଣ୍ଡଳୀକୁ ନ୍ୟସ୍ତ କରାଯାଇଥିବା ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟରେ ୧୦ହଜାର ତାଲିମପ୍ରାପ୍ତ ପାରାମେଡିକାଲ ସ୍ୱେଚ୍ଛାସେବୀ କ୍ୟାଡର ସୃଷ୍ଟି, କ୍ରାୟୋଜେନିକ ଟ୍ୟାଙ୍କର ସଂଗ୍ରହ ପାଇଁ ପରିବହନ ଯାନ, ତଥ୍ୟଗୁଡିକର ବିଶ୍ଳେଷଣ, ଅନ୍ୟାନ୍ୟ ସହରରୁ ଅନୁଭୂତି ସଂଗ୍ରହ, ସ୍ୱତନ୍ତ୍ର ଭାବରେ ପିଲାଙ୍କ ଆବଶ୍ୟକତା ମୁତାବକ ପ୍ରସ୍ତୁତି ଏବଂ ଦିଲ୍ଲୀରେ ହସପିଟାଲ ଭିତ୍ତିଭୂମିକୁ କ୍ରିୟାଶୀଳ କରିବାକୁ ଏକ କ୍ରମବର୍ଦ୍ଧନଶୀଳ ଜବାବୀ ଯୋଜନା ଆଦି ଅନ୍ତର୍ଭୁକ୍ତ । ୬ ସଦସ୍ୟ ବିଶିଷ୍ଟ ମଣ୍ଡଳୀ ଅମ୍ଳଜାନ ଅଭାବ ଜନିତ ମୃତ୍ୟୁ ସମ୍ପର୍କିତ ଅଭିଯୋଗଗୁଡିକ ଗୋଟି ଗୋଟି କରି ଅନୁଧ୍ୟାନ କରି ସେ କ୍ଷେତ୍ରରେ ଅନୁକମ୍ପାମୂଳକ ସହାୟତା ଯୋଜନା ପ୍ରସ୍ତୁତ କରିବେ ଏବଂ ଉକ୍ତ ସହାୟତା ରାଶି ପ୍ରତ୍ୟେକ କ୍ଷେତ୍ରରେ ସର୍ବାଧିକ ୫ ଲକ୍ଷ ଟଙ୍କା ହେବ । ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି କ୍ଷେତ୍ରରେ ୧୩ ସଦସ୍ୟ ବିଶିଷ୍ଟ ମଣ୍ଡଳୀ ସ୍ଥାନୀୟ ଅଞ୍ଚଳଗୁଡିକରେ ହସପିଟାଲରେ ଚିକିତ୍ସା ବ୍ୟବସ୍ଥାର ଏକ ଡିଜାଇନ ପ୍ରସ୍ତୁତ କରିବେ ଏବଂ ସେଥିପାଇଁ ଆବଶ୍ୟକ ନିର୍ଦ୍ଦେଶାବଳୀ ପ୍ରସ୍ତୁତି ତଥା ତାଲାବନ୍ଦ କିପରି ଏବଂ କେବେ ଲାଗୁ କରାଯିବ, ତାହା ଉପରେ ବିଚାର ବିମର୍ଷ କରିବେ ।

### ଭବିଷ୍ୟତ ଲହର ...

ସୁଦୃଢ଼ କରାଯାଇ ପାରିବ ସେଥିପାଇଁ ପରାମର୍ଶ ଲୋଡିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ପ୍ରେସ୍ ଇସ୍ତାହର ଅନୁଯାୟୀ, ଭୂତାଣୁକୁ ମୂଳପୋଛ କରିବା ପାଇଁ ଅନ୍ୟ ରାଷ୍ଟ୍ରମାନେ କି ଉପାୟ ଅବଲମ୍ବନ କରିଛନ୍ତି, ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ବିଶ୍ୱସ୍ତରରେ ବିଭିନ୍ନ ପରିବାର ଓ ଗୋଷ୍ଠୀକୁ ଧ୍ୱଂସ କରିବା ସହିତ ଆର୍ଥିକ କ୍ଷେତ୍ରକୁ ପ୍ରଭାବିତ କରିଛି । ଗୋଟିଏ ବର୍ଷରୁ ଉର୍ଦ୍ଧ୍ୱ ବିତିଗଲାଣି ତଥାପି ଏହାର ଅନ୍ତ କେବେ ହେବ କେହି ଜାଣିନାହାନ୍ତି । ଦ୍ୱିତୀୟ ଲହର ଦେଶରେ ମାତ୍ରାଧିକ ସଙ୍କଟ ସୃଷ୍ଟି କରିଛି । ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । କରୋନା ପ୍ରତିହତ ପାଇଁ ଜାରି ଲକଡାଉନ୍ ଯୋଗୁଁ ବ୍ୟବସାୟ କ୍ଷତିଗ୍ରସ୍ତ ହେବା ସହ ବହୁ ପରିବାର ଆର୍ଥିକ ସଙ୍କଟ ଭିତରକୁ ଠେଲି ହୋଇଯାଇଛନ୍ତି । ଏଭଳି ସମୟରେ ଆପଣମାନଙ୍କ ପରାମର୍ଶ ଓ ସକ୍ରିୟ ସାନ୍ତ୍ୱନା ଲୋକଙ୍କ ପାଇଁ ନିହାତି ଆବଶ୍ୟକ । ଯେତେଶୀଘ୍ର ସମ୍ଭବ ସମସ୍ତଙ୍କୁ ଟିକା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ତୃତୀୟ ଲହରରେ ପିଲାମାନେ ବେଶୀ ସଂଖ୍ୟାରେ ସଂକ୍ରମିତ ହେବେ ବୋଲି ରିପୋର୍ଟ ପ୍ରକାଶ ପାଇଛି । ଏବେଠାରୁ ରାଜ୍ୟରେ ଏଥିପାଇଁ ଭିତ୍ତିଭୂମିକୁ ପ୍ରସ୍ତୁତ କରି ରଖିବା ଦରକାର ।

କମିଟି ଅଧକ୍ଷ ଡା. କେ.ଶ୍ରୀନାଥ ରେଡ୍ଡି କହିଛନ୍ତି, ପରବର୍ତ୍ତୀ ଲହର ପାଇଁ ଆଗୁଆ ଯୋଜନାବଦ୍ଧ ଭାବେ ପ୍ରସ୍ତୁତି କରାଯିବ । ଏଥିପାଇଁ ବିଶେଷଜ୍ଞ ଡାକ୍ତରମାନେ ପରାମର୍ଶ ଦେବେ । ପ୍ରଫେସର ଡା. ଭେଙ୍କଟ ରାଓ ପ୍ରଥମ ଓ ଦ୍ୱିତୀୟ ଲହରକୁ ନେଇ ଏକ ତୁଳନାତ୍ମକ ଚିତ୍ର ପ୍ରଦର୍ଶନ କରିଥିଲେ । ଓଡ଼ିଶାରେ କୋଭିଡ୍ ହସ୍ପିଟାଲରେ ରୋଗୀଙ୍କ ପାଇଁ ୧୦ ହଜାର ଶଯ୍ୟାର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟାପ୍ତ ସଂଖ୍ୟାରେ ଆଇସିୟୁ ଥିବା ବେଳେ ୧୮-୪୪ ବର୍ଗର ପ୍ରାୟ ୨ କୋଟି ବ୍ୟକ୍ତିଙ୍କୁ ମାଗଣା ଟିକାକରଣ ବ୍ୟବସ୍ଥା କରାଯାଇଛି । ଭାରତ ସରକାର କେବଳ ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ଟିକା ଯୋଗାଉଥିବା ବେଳେ ୧୮-୪୪ ବର୍ଗଙ୍କ ଟିକାକରଣ ରାଜ୍ୟ ସରକାରଙ୍କ ପାଇଁ ବଡ ଆହ୍ୱାନ ।

### ବିଦ୍ୟାଳୟ ଜମି ...

ସୂଚନା ଅନୁଯାୟୀ; ଗତ ବର୍ଷ ଅକ୍ଟୋବର ମାସରେ ବିଦ୍ୟାଳୟ ସୁରକ୍ଷା ଦୃଷ୍ଟିରୁ ପଂଚାୟତିରାଜ ବିଭାଗ ତରଫରୁ ପ୍ରାଚୀର ନିର୍ମାଣ ନିମନ୍ତେ ଅର୍ଥ ମଂଜୁର ହୋଇଥିଲା ଓ ଏହାର ନିର୍ମାଣ ସମୟରେ ବିଦ୍ୟାଳୟଟିର ନିଜସ୍ୱ ଜମିକୁ ନେଇ ବିବାଦ ଦେଖା ଦେଇଥିଲା । ପରେ ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେମାନଙ୍କ ଅଭିଯୋଗ ଅନୁଯାୟୀ;ବିଦ୍ୟାଳୟଟି ସ୍ଥାପିତ ହୋଇଥିବା ସ୍ଥାନକୁ ଲାଗି ଜନୈକ ବ୍ୟକ୍ତି ନିଜସ୍ୱ ପାଇଖାନା ନିର୍ମାଣ କରିଥିବାରୁ ଜାଗା ନିରୁପଣ ତଥା ପାଚେରୀ ନିର୍ମାଣରେ ବାଧା ଉପୁଜୁଥିଲା । ପରେ ଏହା ଉପରେ ବିଚାର ବିମର୍ସ କରି ବନ୍ତ ତହସିଲଦାର ଉକ୍ତ ପାଇଖାନା କୁ ଉଚ୍ଛେଦ କରିବା ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରିଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ଉକ୍ତ ଜାଗାଟି ଯୁବକ ସଂଘର ହୋଇଥିବା ଦର୍ଶାଇ ବ୍ୟକ୍ତି ଜଣକ ଆଇନର ଆଶ୍ରୟ ନେଇଥିଲେ । କିନ୍ତୁ ବହୁ ବାଦାନୁବାଦ ପରେ ଉକ୍ତ ବର୍ଷ ନଭେମ୍ବର ମାସ ୬ ତାରିଖ(ଶୁକ୍ରବାର) ବନ୍ତ ତହସିଲଦାର ଇନ୍ଦିରା ସାହୁ, ବିଡ଼ିଓ ରେବେକା ବିଲୁଙ୍ଗ, ଆଗରପଡ଼ା ଥାନାଧିକାରିଣୀ ସୁକାନ୍ତି କେରେଇ, ଅଣିଜୋ ରାଜସ୍ୱ ନିରୀକ୍ଷକ ଦିପ୍ତୀରେଖା ସ୍ୱାଇଁ, ସ୍ଥାନୀୟ ସରପଂଚଞ୍ଜବିଷ୍ଣୁ ଚରଣ ଜେନାଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ସହାୟତାରେ ଜେସିବି ମାଧ୍ୟମରେ ଉକ୍ତ ପାଇଖାନା ଗୃହକୁ ଉଚ୍ଛେଦ କରାଯାଇଥିଲା । ସେହି ସମୟରେ ଆଗାମୀ ଦିନରେ ଜବରଦଖଲରେ ଥିବା ଅନ୍ୟ ଗୃହକୁ ମଧ ଭଙ୍ଗାଯିବାର ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ଇନ୍ଦିରା ସାହୁ ପ୍ରକାଶ କରିଥିଲେ । କିନ୍ତୁ ତାଙ୍କ ପ୍ରତିଶୃତିକୁ ଇତି ମଧ୍ୟରେ ୬ ମାସ ବିତିଯାଇଥିଲେ ସୁଦ୍ଧା ସେ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ତାଙ୍କ କାର୍ଯ୍ୟ ପନ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଉଛି । ଏଥି ସହ ବିଦ୍ୟାଳୟର ନିଜସ୍ୱ ଜମି ଚିହ୍ନଟ ହୋଇପାରୁ ନଥିବାରୁ ପାଚେରୀ ନିର୍ମାଣ ହୋଇପାରୁ ନାହିଁ । ଯଦ୍ଦ୍ୱାରା ବିଦ୍ୟାଳୟର ସୁରକ୍ଷାକୁ ନେଇ ପରିଚାଳନା ସମିତି ସମେତ ଅଭିଭାବକମାନେ ଚିନ୍ତା ପ୍ରକଟ କରୁଛନ୍ତି । ପାଚେରୀ ନିର୍ମାଣ ହୋଇପାରୁ ନଥିବାରୁ ବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟରେ ବାଧା ଉପୁଜୁଥିବାର ସେମାନେ ପ୍ରକାଶ କରିଛନ୍ତି । ତେଣୁ ତହସିଲଦାର ଇନ୍ଦିରା ସାହୁ ଦେଇଥିବା ପ୍ରତିଶୃତିକୁ ପାଳନ କରି ଖୁବ୍ ଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ସେମାନେ ଦାବି କରିଛନ୍ତି ।

### ବାତ୍ୟା କ୍ଷୟକ୍ଷତି ...

ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ତାଉତେ ଠାରୁ ଆରମ୍ଭ କରି ନିକଟରେ ଯେତେ ଯେତେ ବିପର୍ଯ୍ୟୟ ହୋଇଛି, ତା'ର କ୍ଷୟକ୍ଷତି ବାବଦରେ ରାଜ୍ୟମାନେ ହଜାରେ ହଜାରେ କୋଟି ଟଙ୍କାର ଦାବିପତ୍ର ପ୍ରଧାନମନ୍ତ୍ରୀ ଧରାଉଥିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଏଭଳି ଭିନ୍ନ ଆଭିମୁଖ୍ୟ ଉଭୟ ରାଜ୍ୟ ଓ ଜାତୀୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି ।

### ମୋଦିଙ୍କ ୫୦୦ ...

ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି କରାଯାଇ ନଥିଲା । ଏସଂପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଜଣାଇଥିଲେ ଯେ ଦେଶରେ ଏବେ ମହାମାରୀ କରୋନା ଶୀର୍ଷରେ ଥିବା ଯୋଗୁ ଆମେ କେନ୍ଦ୍ର ସରକାରଙ୍କୁ ତୁରନ୍ତ ଆର୍ଥିକ ସହାୟତା ମାଗିନାହୁଁ । ଏଭଳି ସମୟରେ କେନ୍ଦ୍ର ଉପରେ ଆମେ ଆର୍ଥିକ ବୋଝ ଲଦିବାକୁ ଚାହୁଁନାହୁଁ । ଏବେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି, ତାକୁ ଆମେ ଆମ ସମ୍ବଳରେ ପରିଚାଳନା କରିବୁ । ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ ପ୍ରତିବର୍ଷ ଏଭଳି ପ୍ରାକୃତିକ ଦୁର୍ବିପାକ ଆସୁଥିବା ଯୋଗୁ ଏହାର ଦୀର୍ଘସୂତ୍ରୀ ସମାଧାନ ପାଇଁ କେନ୍ଦ୍ର ନିକଟରେ ଦାବି କରାଯାଇଛି । ବିପର୍ଯ୍ୟୟକୁ ସମ୍ଭାଳିପାରୁଥିବା ଭଳି ବିଦ୍ୟୁତ୍ ବ୍ୟବସ୍ଥା ସହିତ ଉପକୂଳକୁ ସୁରକ୍ଷା ଯୋଗାଇ ପାରୁଥିବା ବ୍ୟବସ୍ଥା ପାଇଁ ଦାବି କରାଯାଇଛି । ଗତ ୨୬ ତାରିଖ ଦିନ ବଙ୍ଗୋପସାଗରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ୟସ୍ ଓଡିଶାର ଧାମରାରେ ଲ୍ୟାଣ୍ଡଫଲ୍ କରିଥିଲା । ଏହାର ପ୍ରଭାବରେ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା । ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିବା ପରେ ସଂଧ୍ୟାରେ କ୍ଷୟକ୍ଷତି ସମୀକ୍ଷା କରିଥିଲେ । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରିବା ପରେ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଅଂଚଳ ବୁଲି ଦେଖିଥିଲେ ।

### 'ଭିନ୍ନ ଟିକାର ...

ଏଭଳି ସ୍ଥିତି ବଳବତ୍ତର ରହିବ । ଏଥିସହ ଜୁଲାଇ ମାସରୁ ଆମେରିକୀୟ କମ୍ପାନୀ ଫାଇଜର ପ୍ରସ୍ତୁତ କରିଥିବା କରୋନା ଟିକା ଭାରତ ଆସିପାରେ ବୋଲି ମଧ ସେ ସଙ୍କେତ ଦେଇଛନ୍ତି । ସେ କହିଛନ୍ତି ଯେ, ଆମେ ଫାଇଜର ସହ ଟିକା ପାଇଁ ଆଲୋଚନା ଜାରି ରଖିଛୁ । ସେମାନଙ୍କ ପାଖରେ ଟିକା ରହିଥିବା କଥା ସେମାନେ ଜଣାଇଛନ୍ତି । ଆମେ ଟିକା ଆଣିବାକୁ ଚିନ୍ତା କରୁଛୁ । ହେଲେ ଏହା ଉପରେ ଚୂଡାନ୍ତ ନିଷ୍ପତ୍ତି ହୋଇନି । ଫାଇଜର ଆମଠାରୁ କ'ଣ ଓ ଆମେ ଫାଇଜରଠାରୁ କ'ଣ ଆଶା କରୁଛୁ, ସେ ବିଷୟରେ ଆଲୋଚନା ଚାଲିଛି । ଭାରତ ସରକାରଙ୍କୁ ଟିକା ଦେବା ପୂର୍ବରୁ କମ୍ପାନୀ ପ୍ରଥମେ ଲାଇସେନ୍ସ ପାଇଁ ଆବେଦନ କରିବ । ଏହାପରେ ଆମେ ଏହା ଉପରେ ବିଚାର କରି ଚୂଡାନ୍ତ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି ।

### ଗୋଟିଏ ଡୋଜ୍‌ର ...

ପ୍ରତି କରୋନା ରୋଗୀଙ୍କୁ ଏହାର ୧୨୦୦ଏମଜି ମିଶ୍ରିତ ଡୋଜ୍ ଦିଆଯିବ ବୋଲି ଜଣାପଡିଛି । ଏହାର ଗୋଟିଏ ଡୋଜର ଦାମ ରହିଛି ୫୯,୭୫୦ ଟଙ୍କା । ସାମାନ୍ୟରୁ ମଧ ଲକ୍ଷଣ ଥିବା କରୋନା ରୋଗୀଙ୍କ ପାଇଁ ମହୋଷଧି ଭଳି କାର୍ଯ୍ୟ କରିବ । ଏହି ଔଷଧ ଖାଇବା ପରେ ମାତ୍ର ୪ଦିନରେ କରୋନାର ଲକ୍ଷଣ ଦୂର ହେବ ବୋଲି କମ୍ପାନୀ ଦାବି କରିଛି । ଏହା ସହ ୭୦% ମୃତ୍ୟୁକୁ ଏହି ଔଷଧ ରୋକିପାରିବ ବୋଲି କୁହାଯାଇଛି । ଇଞ୍ଜେକ୍ସନ ଆକାରରେ ଏହି ଔଷଧ ଦିଆଯିବା ସହ ୨ ଡିଗ୍ରୀରୁ ୮ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଏହାକୁ ସାଇତି ରଖିହେବ ।

### ଛାତ୍ରୀଙ୍କ ପାଠପଢ଼ାରେ ...

ଇତିସୁଲଗ୍ନା ଅମାନ୍ତ(ବୟସ-୧୨)ଙ୍କ କଥା । ତାଙ୍କର ପଢିବା ପାଇଁ ବହୁତ ଆଗ୍ରହ । ସଂଧ୍ୟା ବେଳେ ଡିବିରି ମିଂଜିମିଂଜି ଆଲୁଅରେ ପାଠ ପଢିବା ବେଳେ ସେ ଭୁଲିଯାଆନ୍ତି ଅନ୍ୟ ସବୁ କିଛି, ହେଲେ ପାଠର ବୋଝ ଉଠେଇବାକୁ ଟଙ୍କା ନଥିବାରୁ ତାଙ୍କୁ ତାଙ୍କ ବାପା ଆଉ ପାଠ ନପଢିବା ପାଇଁ ଅନୁରୋଧ କରିଥିଲେ । ତାପରେ ତାଙ୍କର ପାଠ ପଢିବା ସ୍ୱପ୍ନ ପାଣି ଫୋଟକା ଭଳି ମେଳେଇ ଯାଇଥିଲା । କିନ୍ତୁ ହାର୍ ମାନି ନଥିଲେ ଇତି ଖୋଜିବୁଲିଲେ ସମସ୍ୟାର ସମାଧାନ । ତାଙ୍କ ସାଙ୍ଗଙ୍କ ଭାଇ ତାଙ୍କୁ ଦେଖେଇଲେ ସମସ୍ୟା ସମାଧାନର ଆଶା । ଏହାପରେ ଫେସବୁକ୍ ମାଧ୍ୟମରେ ତାଙ୍କ ପାଖରେ ମୋବାଇଲ ନଥିବା କାରଣରୁ ଅନଲାଇନ କ୍ଲାସ୍ କରିପାରୁନାହାନ୍ତି ଓ ଟିଉସନ୍ ପଇସା ନଥିବାରୁ ଟିଉସନ ଯାଇପାରୁନାହାନ୍ତି ବୋଲି କହି ଏକ ଭିଡିଓ ପୋଷ୍ଟ କଲେ । ଏହାକୁ ଦେଖି ସମାଜସେବୀ ଚଗଲା କୁଅଁର ତାଙ୍କୁ ଏକ ମୋବାଇଲ ପ୍ରଦାନ କଲେ । ହେଲେ ଖାଲି ମୋବାଇଲ ତାଙ୍କ ଆବଶ୍ୟକତା ପୂରଣ କରିପାରିବା ପାଇଁ ଯଥେଷ୍ଟ ନଥିଲା । ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ଛାତ୍ରୀଙ୍କ ବାପାଙ୍କୁ ପଚାରିବାରୁ କ୍ୟାମେରା ସାମ୍ନାରେ ନିଜର ଦୁଖଭରା ଜୀବନ ଓ ଦାରିଦ୍ର୍ୟତା ବିଷୟରେ କୋହର ସହ ପ୍ରକାଶ କରିଥିଲେ । ଯାହାକୁ ଶୁଣିଲେ ଓଡ଼ିଶାର ଅସଲ ଚିତ୍ର ସାମ୍ନାକୁ ଆସିବା ସହିତ ମାଳ ମାଳ ଯୋଜନା ସବୁ କାହା ପାଇଁ ତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବ । ବିଶେଷ କରି ଏହା ହେଉଛି ପୂର୍ବତନ ଶିକ୍ଷ୍ୟାମନ୍ତ୍ରୀ ଓ ବର୍ତ୍ତମାନର ବିଧାୟକ ବଦ୍ରୀ ନାରୟଣ ପାତ୍ରଙ୍କ ନିର୍ବାଚନ ମଣ୍ଡଳୀ । ତାଙ୍କୁ ରାଜ୍ୟ ରାଜନୀତିରେ ହେଭିୱେଟ୍ ନେତା ଭାବେ ଗଣାଯାଇଥାଏ । ଯଦି ତାଙ୍କ ନିର୍ବାଚନ ମଣ୍ଡଳୀର ସ୍ଥିତି ଏମିତି ତେବେ ରାଜ୍ୟ ଅନ୍ୟ ଅଞ୍ଚଳର ସ୍ଥିତି କଣ ଥିବ ତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ସାହଯ୍ୟ ପାଇଁ ସମାଜସେବୀ ପହଞ୍ଚୁଥିବା ବେଳେ ବିଧାୟକଙ୍କ ଦେଖା କେମିତି ମିଳୁନି ତାକୁ ନେଇ ଚର୍ଚ୍ଚ ଜୋର୍ ଧରିଛି । ତେବେ ଦେଖିବାକୁ ବାକି ରହିଲା କେବେ ଛାତ୍ରୀ ଜଣକ ମୌଳିକ ଆବଶ୍ୟକତା ଶିକ୍ଷ୍ୟା ପାଇଁ ସହଯୋଗ ପାଉଛନ୍ତି । ଏବଂ କୌଣସି ସମାଜସେବୀ ଅନୁଷ୍ଠାନ ଉକ୍ତ ଛାତ୍ରୀଙ୍କ ପାଠ ପଢ଼ାରେ ସାହାଯ୍ୟ କରିବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି । ଯାହା ଫଳରେ ଛାତ୍ରୀ ଜଣକ ଆଗକୁ ପାଠ ପଢି ପାରନ୍ତା ବୋଲି କେତେକ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି

# ଚାଷୀଙ୍କୁ ମାଗଣା ବିହନ ଓ ସାର ଯୋଗାଇ ଦେବାକୁ ଦାବି



**ଡାବୁଗାଁ :** ଚଳିତ ବର୍ଷ କରୋନା ମହାମାରୀ ଅତି ଉଗ୍ର ରୂପ ଧାରଣ କରିଥିବାରୁ ସରକାର ଦୀର୍ଘ ଏକ ମାସ ହେବ ଲକଡାଉନ ପ୍ରକ୍ରିୟା ଜାରି କରିଛନ୍ତି । ଏହି ମହାମାରୀରେ ସବୁଠାରୁ ଚାଷୀ ସମାଜ ଅଧିକ କ୍ଷତି ସହିଛନ୍ତି । ଗତବର୍ଷ ଚନ୍ଦାହାଣ୍ଡି ବ୍ଲକ୍ ସମେତ ଜିଲ୍ଲା ବ୍ୟାପି ଧାନ ମଣ୍ଡିରେ ବ୍ୟାପକ ଘୋଟଲା ଚାଷୀ ସମାଜର ମାନସିକ ସ୍ଥିତିକୁ ଦୋହଲାଇ ଦେଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ ମଣ୍ଡି ଦୁର୍ନୀତି ଫାଇଲ ନାଲି ଫିତା ତଳେ ଅନାନିଶ୍ୱାସୀ ହୋଇ ପଡିରହିଛି । ଏ ପର୍ଯ୍ୟନ୍ତ ସଂଖ୍ୟାଧିକ ଚାଷୀ ଧାନ ବିକ୍ରି ଅର୍ଥ ପାଇନଥିବା ବେଳେ ବହୁ ଚାଷୀ ଧାନ ମଣ୍ଡିରୁ ଧାନ ବିକ୍ରୟ କରିବାରୁ ବଂଚିତ ହୋଇଛନ୍ତି । ଏଭଳି ଏକ ପରିସ୍ଥିତିରେ ଚାଷୀମାନେ ଚାଷ ଋତୁ ଉପନୀତ ହୋଇଥିବା ହେତୁ ସେମାନେ ଚାଷ କାର୍ଯ୍ୟରେ ଘୋର ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଏଣୁ ଚାଷୀ ସମାଜର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଗୋଟି ଦାବି ଜିଲ୍ଲାପାଳ ନବରଙ୍ଗପୁରଙ୍କୁ ଚନ୍ଦାହାଣ୍ଡି ବ୍ଲକ୍ ଚାଷୀ ସମାଜ ତରଫରୁ ଚାଷୀ ସମାଜର ଆବାହକ ଚାଷୀ ନେତା କ୍ଷେମରାଜ ବାଘ ଓ ସାଧାରଣ ସମ୍ପାଦକ ହମେଶ୍ୱର୍ ହଂସ ସ୍ଥନୀୟ ଚନ୍ଦା ହାଣ୍ଡି ବିଡ଼ିଓ ଧର୍ମ ରାଜ୍ ମାଝୀଙ୍କ ଜରିଆରେ ଚାରି ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ଗୁଡିକ ମଧ୍ୟରେ ଚାଷୀମାନଙ୍କୁ ମାଗଣାରେ ବିହନ ଓ ସାର ଯୋଗାଇ ଦିଆଯିବା, ସମସ୍ତ କୃଷି ସାମଗ୍ରୀ ବିକ୍ରୟ ଦୋକାନକୁ ଦିନତମାମ ଖୋଲିବା ନିମନ୍ତେ ଅନୁମତି ଦିଆଯିବା, ସରକାର ନିଜ ଅର୍ଥ ଭରଣା କରି ସମସ୍ତ ଚାଷୀଙ୍କୁ କୃଷିବୀମା ଭୁକ୍ତ କରାଯିବାୟଧାନ ବିକ୍ରୟ ଟଙ୍କା ପାଇନଥିବା ସମସ୍ତ ଚାଷୀଙ୍କୁ ତୁରନ୍ତ ଟଙ୍କା ପଇଠ କରାଯିବା ପ୍ରମୁଖ ଦାବି ଗୁଡ଼ିକ ରହିଛି । ଚାଷୀ ମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହି ଦାବି ଗୁଡ଼ିକୁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତୁରନ୍ତ ଯୁଦ୍ଧ କାଳୀନ ଭିତ୍ତିରେ ପୁରାଣ କରିବାକୁ ଚାଷୀ ନେତା କ୍ଷେମ ରାଜ ବାଘ ଦାବି କରିଛନ୍ତି ।

# ଆନନ୍ଦପୁରରେ ମହାବାତ୍ୟା 'ୟାସ'ର ତାଣ୍ଡବ

**ଆନନ୍ଦପୁର :** ସାମୁଦ୍ରିକ ଝଡ଼ରୁ ସୃଷ୍ଟି ହୋଇଥିବା ମହାବାତ୍ୟା ୟାସ ଆନନ୍ଦପୁର ଉପଖଣ୍ଡରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଜଣାଯାଇଛି । ସକାଳୁ ବର୍ଷା ସହିତ ଝଡ଼ ତୋଫାନ ରହିଥିବା ବେଳେ ଦିନ୧୧ଘଟିକା ପରେ ଏହାର ମାତ୍ର ପ୍ରଖର ହୋଇଥିଲା । ଆନନ୍ଦପୁର-ଘଷିପୁରା-ହାଟଡିହି ବ୍ଲକ ସହିତ ପୋରାଞ୍ଚଳର ବିଭିନ୍ନ ସ୍ଥାନରେ ଶହ ଶହ କଚ୍ଚା ଝାଟିମାଟି ଘର ବର୍ଷା ପବନ ମାଡରେ ଭାଙ୍ଗିଯାଇଛି । ବିଦ୍ୟୁତ ଖୁଣ୍ଟ ଓ ବଡ଼ବଡ଼ ଗଛ ଉପୁଡି ପଡି କ୍ଷୟକ୍ଷତି ଘଟାଇ ଅନେକ ସ୍ଥାନରେ ରାସ୍ତା ଅବରୋଧ ହୋଇପଡିଥିବାବେଳେ ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ଗ୍ରାମରେ ଗଛ ପଡି ପୁର୍ଣ୍ଣଚନ୍ଦ୍ର ନାୟକ (୫୦)ଙ୍କର ମୃତ୍ୟୁ ହୋଇଛି । ସେହିପରି ଆନନ୍ଦପୁର ବଡ଼ଦାଣ୍ଡରେ ନିଜ ବାଡ଼ିରେ ଥିବା ଗଛ ପଡିଯାଇ ଘର ଭାଙ୍ଗି ଯାଇଥିବାବେଳେ ଘନଶ୍ୟାମ ବେହେରା ଆହତ ହୋଇ ଆନନ୍ଦପୁର ଡାକ୍ତର ଖାନାରେ ଭର୍ତ୍ତି ହୋଇଛନ୍ତି । ୬ନମ୍ବର ୱାର୍ଡ ପାଟକୁଳ ସାହିରେ ଗଛ ପଡି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ପରିବାର ବର୍ଗ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି । ପ୍ରଶାସନ ପକ୍ଷରୁ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ଦ୍ୱାରା ବିଭିନ୍ନ ସ୍ଥଳରେ ଗଛ କାଟିବା, ଆହତଙ୍କୁ ଡାକ୍ତର ଖାନା ସ୍ଥାନାନ୍ତରିତ କରିବା ଓ ବିପଦ ଜନକ ଅବସ୍ଥାରେ ଥିବା ପରିବାରଙ୍କୁ ଉଦ୍ଧାର କରାଯାଇଛି । ପୂର୍ବ ଅନୁମାନ ଓ ପ୍ରସ୍ତୁତି ଅନୁଯାୟୀ ୧୮୭ଟି ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେଉଥିବା ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯାଇ ସକାଳେ-ସଂଧ୍ୟାରେ ଶୁଖିଲା ଖାଦ୍ୟ, ଦିନ ଓ ରାତିରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି । କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝୀ, ଘାସିରାମ ମୁର୍ମୁ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଉଥିବା ଲୋକ



ମାନଙ୍କ ଅଭାବ ଅସୁବିଧା ଓ ଅବସ୍ଥାର ଅନୁଧ୍ୟାନ କରିଥିଲେ । ପାନୀୟ ଜଳ, ବିଜୁଳି ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଗୁରତ୍ୱାରୋପ କରି କରୋନା ପରିସ୍ଥିତି ପାଇଁ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ରକ୍ଷାକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆନନ୍ଦପୁର ଘଷିପୁରା ଓ ହାଟଡିହି ଅଗ୍ନିଶମ ବାହିନୀ ସହିତ ଓଡ୍ରାଫ ଏବଂ ଏଡ୍ରାଫ ଟିମ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ସରକାରୀ କର୍ମଚାରୀ ମାନେ ସହଯୋଗ କରୁଥିବାରୁ ବାତ୍ୟା ମୁକାବିଲା ପରିଚାଳନାରେ କୋଣସି ବାଧା ସୃଷ୍ଟି ହୋଇନଥିବା ଜଣାଯାଇଛି । ଆନନ୍ଦପୁର ବ୍ଲକର ୪୭ଟି ଆଶ୍ରୟ ସ୍ଥଳରେ ୨୯୫୫ଜଣ, ଘଷିପୁରା ବ୍ଲକର ବିଭିନ୍ନ ସ୍ଥାନରେ ୧୩୩୩୫ ହାଟଡିହି ବ୍ଲକର ୪୩ଟି କେନ୍ଦ୍ରରେ ୪୭୮୦, ଏବଂ ଆନନ୍ଦପୁର ପୋରାଞ୍ଚଳର ୯ଟି ଆଶ୍ରୟ ସ୍ଥଳରେ ଆଶ୍ରୟ ନେଉଥିବା ୬ଶହ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଆନନ୍ଦପୁର ବିଡ଼ିଓ ପଞ୍ଚାନନ ମଲ୍ଲିକ, ଘଷିପୁରା ବିଡ଼ିଓ ଅସିତ ମହାନ୍ତି, ହାଟଡିହି ବିଡ଼ିଓ ବିନିତା ବିଜୟିନୀ ଓ ପୋରା ଅଧିକାରୀ ବିପିନ କୁମାର ପ୍ରଧାନଙ୍କ ତତ୍ୱାବଧାନରେ ସରକାରୀ ସହାୟତା ଦିଆଯାଉଛି ।

# ଗୁଆଳିପୁର ଗ୍ରାମରେ ଶନିଶ୍ଚର ଦେବଙ୍କ ଜଳାଭିଷେକ

**ଜଗତ୍‌ସିଂହପୁର :** ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଗଜାଗୋସାଇଁଙ୍କ ପୀଠସ୍ଥଳୀରେ ଗ୍ରହରାଜ ଶନିଶ୍ଚରଦେବଙ୍କ ଜଳାଭିଷେକ କାର୍ଯ୍ୟକ୍ରମ ଖୁବ୍ ଶାନ୍ତି ଶୃଙ୍ଖଳା ଓ ସାମାଜିକ ଦୂରତ୍ୱ ରକ୍ଷା କରି ପୁରୁଷ ଏବଂ ମହିଳାମାନେ ଜଳାଭିଷେକ କରିଥିଲେ । ସେହିପରି ଏହି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ନିରାଡମ୍ବର ଭାବେ ଜଳାଭିଷେକ ଅନୁଷ୍ଠିତ ହୋଇଥିଲା । ଏହି ଜଳାଭିଷେକଧାରୀ ଭକ୍ତମାନେ ଅକ୍ଷିମୂଠି ଅନୁକୂଳ ଠାରୁ ଜଳାଭିଷେକ ପର୍ଯ୍ୟନ୍ତ ଖୁବ୍ ନିତିନିୟମରେ ରହି ଜଳାଭିଷେକ କରିଥାନ୍ତି । ଦୁଇବର୍ଷ ଧରି ଏହି କୋଭିଡ୍ ମହାମାରୀକୁ ଭକ୍ତମାନେ ଭୟ ନକରି ଖୁବ୍ ଶାନ୍ତିଶୃଙ୍ଖଳା ସହିତ ସରକାରଙ୍କ କୋଭିଡ୍ ନିୟମକୁ ରକ୍ଷା କରି ପୋଖରୀ ବା ନଈ ମଧ୍ୟରୁ ପାଣି ଉଠାଇ ଜଳାଭିଷେକ କରିଥାନ୍ତି । ଶନିବାର ଭୋର ସମୟରୁ ଉଠି ମାନସିକଧାରୀ ଭକ୍ତମାନେ ହାତରେ ମାଟି ହାଣ୍ଡି ବା ନୋଟା ଧରି ପାଣିରେ ବୁଡି ପାଣି ଢ଼ାଳିବା ପରେ ଠାକୁର ନିକଟରେ ଭୋଗ କରି ଦୀପ ମଧ ଜଳାଇଥାନ୍ତି । ଦୀର୍ଘ ୮ବର୍ଷ ଧରି ଏହି ଗଜା ଗୋସାଇଁଙ୍କ ପୀଠସ୍ଥଳିରେ ଜଳାଭିଷେକ ପାଇଁ ସ୍ଥାନୀୟ ଗ୍ରାମ ବଡ଼କୋରକୋର, ସାନକୋରକୋର, ଖର୍ଦ୍ଧାସାହି, ରାଧାନଗର, ତଅଁରା, ରେଢୁଆ, ପାଟେଣୀଗାଁ, କୂଳସାହି, କୃର୍ତ୍ତାଙ୍ଗ, ବର୍ତ୍ତୀ ଓ ବିଭିନ୍ନ ସ୍ଥାନରୁ ଆସି ଭକ୍ତମାନେ ଖୁବ୍ ଶାନ୍ତିଶୃଙ୍ଖଳାର ସହିତ ଜଳାଭିଷେକ କରିଥାନ୍ତି । ଏହି ଜଳାଭିଷେକ କାର୍ଯ୍ୟକ୍ରମ ସମୟରେ ଗୁଆଳିପୁର ଗ୍ରାମବାସୀମାନେ ଭକ୍ତ ମାନଙ୍କୁ ସମସ୍ତ ସହାୟତା ମଧ କରିଥାନ୍ତି ।



# ସବୁ ଶୁନଶାନ୍, ଝିଙ୍କାରିର ଗର୍ଜନରେ ଶ୍ରୀନୃସିଂହ ଚତୁର୍ଦ୍ଦଶୀ !




ନିରଞ୍ଜନ ତ୍ରିପାଠୀ

ପବିତ୍ର ନୃସିଂହ ଚତୁର୍ଦ୍ଦଶୀ। ପ୍ରତିବର୍ଷ ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ନୃସିଂହନାଥ ପୀଠରେ ପ୍ରତିବର୍ଷ ଏହି ତିଥିରେ ମହାପ୍ରଭୁ ମାର୍ଜାର କେଶରୀ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କର ଜନ୍ମ ବାର୍ଷିକ ପାଳନ ବହୁତ ଧୁମଧାମରେ ହୋଇଥାଏ। କିମ୍ବଦନ୍ତୀ ଅନୁଯାୟୀ ଏହି ଅବସରରେ ପାପନାଶିନୀ ଝରଣାରେ ବୁଡ଼ ଦେଇ ପାପ ଖଣ୍ଡନ କରିଛନ୍ତି ଅଗଣିତ ଭକ୍ତ। ପ୍ରତି ବର୍ଷ ହଜାର ହଜାର ଭକ୍ତଙ୍କ ସମାଗମ ସହ ନୃସିଂହନାଥ ଠାରୁ ପର୍ବତର ଆର ପାରିରେ ଥିବା ହରିଶଙ୍କର ଯାଏ ଚାଲି ଚାଲି ନିଜର ପାପ ଖଣ୍ଡନ ପାଇଁ ଯାଇଥାନ୍ତି ଶ୍ରଦ୍ଧାଳୁ। ଏହି ପବିତ୍ର ଉତ୍ସବରେ ପ୍ରତିବର୍ଷ ମହାପ୍ରଭୁଙ୍କ ଠାରେ ପିତାକନ୍ଦା ଭୋଗ ଲଗାଯିବା ସହ ମନ୍ଦିରର ବାନା ପରିବର୍ତ୍ତନ କରାଯାଇଥାଏ। ମନ୍ଦିରର କିମ୍ବଦନ୍ତୀ ଅନୁଯାୟୀ ଯେହେତୁ ମହାପ୍ରଭୁଙ୍କୁ ଜଙ୍ଗଲରୁ ହରି କନ୍ଧ ଓ ଯମୁନା କନ୍ଧୁଣି ନାମକ ଜଣେ ସ୍ତ୍ରୀ ପାଇଥିଲେ, ମହାପ୍ରଭୁଙ୍କୁ ପିତାକନ୍ଦା ଭୋଗ ଲଗାଇଥିଲେ। ସେହି ପରମ୍ପରା ଅନୁଯାୟୀ ଅଦ୍ୟାବଧି ପ୍ରତ୍ୟେକ ବର୍ଷ ନୃସିଂହ ଚତୁର୍ଦ୍ଦଶୀ ଦିନ ଏହି ନୀତି ପାଳନ ହୋଇ ଆସୁଛି। ହେଲେ ଗତ ୨ ବର୍ଷ ହେଲା କୋଭିଡ କଟକଣା ଯୋଗୁଁ ଏହି ପବିତ୍ର ଦିବସରେ ମହାପ୍ରଭୁ ଙ୍କର ଦର୍ଶନ ତଥା ଝରଣରେ ବୁଡ଼ରୁ ବଂଚିତ ରହୁଛନ୍ତି ଭକ୍ତ। କୋଭିଡ ନିୟମାନୁସାରେ କେବଳ ରିତିନୀତି ଅନୁସାରେ ମନ୍ଦିର ରେ ବିନା କୌଣସି ଭକ୍ତଙ୍କର ଉପସ୍ଥିତିରେ ମହାପ୍ରଭୁଙ୍କର ଏହି ପବିତ୍ର ଜନ୍ମୋତ୍ସ ସମ୍ପର୍ଣ୍ଣ କରାଯିବା ପାଇଁ ବ୍ୟବସ୍ଥା କରା ଯାଇଛି। ଏ ବର୍ଷ ମଧ କରୋନା ଲହର ହେତୁ ସବୁ ଶୁନଶାନ୍,ଜନ ସମାଗମ ନାହିଁ ଶୁଭୁଛି ଖାଲି ନିଘଞ୍ଚ ପାହାଡ଼ ମଧ୍ୟରୁ ଝିଙ୍କାରି ର ଗର୍ଜନ !

ପଶ୍ଚିମ ଓଡିଶାର ଗାନ୍ଧମାର୍ଦ୍ଧନ ପର୍ବତର ପାଦ ଦେଶରେ ଅଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ଯ୍ୟଟନସ୍ଥଳୀ ନୃସିଂହନାଥ ମନ୍ଦିର। ଏହି ଐତିହାସିକ ମନ୍ଦିରକୁ ସେ ସମୟ ରେ ପାଟଣାଗଡରାଜ୍ୟ ର ରାଜା ବୈଜଳ ସିଂ ୧୩୧୩ ମସିହାରେ ସ୍ଥାପିତ କରିଥିଲେ। ମନ୍ଦିରର ଉଚ୍ଚତା ୪୫ ଫୁଟ୍। ବୟସ୍କ ଲୋକଙ୍କ କହିବାନୁଯାୟୀ ଏହି ସ୍ଥାନରେ ଏକ ଅସୁର ଆଧିପତ୍ୟ ବିସ୍ତାର କରିଥିଲା। ଏହି ଅସୁରକୁ







ବିନାଶ ସକାଶେ ସ୍ୱୟଂ ଭଗବାନ ବିଷ୍ଣୁ ଆସିଥିଲେ। ହଠାତ୍ ଅଶୁରଟି ଛାନିଆ ହୋଇ ମୂଷା ରୂପ ନେଇ ଏକ ଗାତକୁ ପଶିଯାଇଥିଲା। ମୂଷାକୁ ଧରିବା ପାଇଁ ଭଗବାନ ବିଷ୍ଣୁ ବିରାଡ଼ି ରୂପରେ ଗାତ ବାହାରେ ଅପେକ୍ଷା କରିଛନ୍ତି। ସେଇଥିପାଇଁ ଭଗବାନ ଏଠାରେ ବିରାଡ଼ି ରୂପରେ ପୂଜା ପୂଜା ପାଇ ଆସୁଛନ୍ତି। ହେଲେ ଏଠାରେ ମୁଖ୍ୟ ଭାବେ ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାରକୁ ପୂଜା କରାଯାଇଥାଏ। ଏଭଳି ରହସ୍ୟମୟ ସ୍ଥାନର ଅନେକ କିମ୍ବଦନ୍ତୀ ରହିଛି। ବର୍ତ୍ତମାନ ଏହି ସ୍ଥାନ ନିଜର ଐତିହାସିକ ରହସ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଆକର୍ଷଣସ୍ଥଳୀ ପାଲଟିଛି ଏବଂ ଓଡିଶାର ପର୍ଯ୍ୟଟନ ମାନଚିତ୍ରରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି।

*ସାମ୍ବାଦିକ*
*ପଦ୍ମପୁର, ବରଗଡ*
*ଦୂରଭାଷ : ୯୯୩୭୨୪୫୦୦୬*

# ଅବ୍ୟକ୍ତ ବେଦନା

**ଅନିତା ପଟ୍ଟନାୟକ**

ସମାଜରେ ଏକ ଆଧାତ୍ମିକ ଆପ୍ତବାକ୍ୟ ଅନେକ ସମୟରେ କଥିତ ହୁଏ ଯାହା ହେଉଛି 'ନିଜର ଦୁଃଖକୁ ଜଣଙ୍କୁ ଜଣାଇଲେ ଦୁଃଖ କମେ ଆଉ ସୁଖକୁ ନିଜ ଲୋକଙ୍କ ପାଇଁ ସାମିଲ କଲେ ଆପଣଙ୍କ ସୁଖ ଆହୁରି ବଢ଼ିଯିବ।' ଭଗବାନଙ୍କ ଦୁନିଆରେ ଏହା ହିଁ ନିର୍ମମ୍ ସତ୍ୟ। ଆସନ୍ତୁ ହୃଦୟ ଭିତରର ଅକୁହା ଯନ୍ତ୍ରଣା ଓ ବେଦନା ସମ୍ବନ୍ଧରେ ଆଲୋଚନା କରିବା। ଏହା ସତ୍ୟ ଯେ ଲୋକମାନେ ନିଜକୁ ନିଜେ ଭକ୍ତ ବୋଲାନ୍ତି। କିନ୍ତୁ ଏହା ଏକ ଭ୍ରମ। ଗେରୁଆ ବସ୍ତ୍ର ପରିଧାନ କଲେ, ବା ଦାଢ଼ି ରଖିଦେଲେ ଜଣେ ଭକ୍ତ ପାଲଟି ଯାଏନି। ସେମାନେ ନିଜକୁ ନିଜେ ପରୀକ୍ଷା କରିବା ଉଚିତ ଯେ ତାଙ୍କ ନିକଟରେ ଭକ୍ତ ହେବାର ଗୁଣ ଗୁଡ଼ିକ ଅଛି କି ନାହିଁ। ବ୍ୟକ୍ତି ଓ ସମାଜ ଠାରୁ ପ୍ରତ୍ୟେକ ମନୁଷ୍ୟ କିଛି ଭଲ ଆଶା କରେ। କେହି ନିଜକୁ ପଚାରେ ନାହିଁ ସମାଜ ତା ଠାରୁ କଣ ଭଲ ଗ୍ରହଣ କରିଛି।

ଦିନକର କଥା। ଗୋଟିଏ ମନ୍ଦିର ଆଗରେ ପିଲାଟିଏ କିଛି ଦୀପଧରି ବିକୁଥିଲା। ତାରିପରି ଅନେକ ପିଲା କିଏ ଧୂପକାଠି, କିଏ କିଏ ଫୁଲ, ଫଳ, ଭୋଗରାଗ ଓ ଦୀପ ମଧ୍ୟ ବିକ୍ରି କରୁଥିଲେ। ସେ ପିଲାଟି କିନ୍ତୁ ସକାଳ ଠାରୁ ସଞ୍ଜ ପର୍ଯ୍ୟନ୍ତ ଦୀପ ବିକ୍ରିକରେ। ଜଣେ ବଡ଼ଲୋକ ଯିଏ କି ସବୁଦିନ ସକାଳେ ଓ ସଞ୍ଜରେ ଦର୍ଶନ ପାଇଁ ଆସନ୍ତି। ସେ ସେହି ପିଲାଟି ପାଖ ଦେଇ ଚାଲିଗଲେ ଦୀପଟିଏ ନେବା ପାଇଁ ନେହୁରା ହୁଏ। ଏପରିକି ନ ନେଲେ ଗାଡ଼ିରେ ଫେରି ବସୁଥିବା ସମୟରେ ଦୀପଟିଏ ଦୁଇଟଙ୍କା ଦେଇ କିଣି ନେବା ପାଇଁ ନେହୁରା ହୁଏ। ଭଦ୍ରବ୍ୟକ୍ତି ଜଣକ କିନ୍ତୁ କେବେ ବି ସେ ପିଲାଟିର ଅନୁରୋଧ ରକ୍ଷା କରିନଥିଲେ। ଏହା ମଧ୍ୟରେ ତିନିମାସ ବିତିଯାଇଥିଲା। ଭଦ୍ରଲୋକ ଜଣଙ୍କ କାର୍ଯ୍ୟ ବ୍ୟସ୍ତତା ଓ ସହରରେ ଅନୁପସ୍ଥିତି ହେତୁ ମନ୍ଦିର ଆସି ପାରିନଥିଲେ। ସେ ସହରକୁ ଫେରିବା ପରେ ମନ୍ଦିର ଯାଇ ଦେଖନ୍ତି ତ ପିଲାଟି ତାର ଦୀପ ପସରା ଧରି ବସିଅଛି। ସେ ପୂର୍ବପରି ତା ପାଖ ଦେଇ ଗଲାବେଳକୁ ଦୀପ ନେବା ପାଇଁ ନେହୁରା ହେଲାନି କି ଫେରିଗଲା ବେଳକୁ ଗାଡ଼ି ପାଖକୁ ଦୌଡ଼ି ଆସି ଦୁଇଟଙ୍କା ଦେଇ ଦୀପଟିଏ ନେବା ପାଇଁ ଅନୁରୋଧ କଲାନି। ଏହା ଭଦ୍ରବ୍ୟକ୍ତିଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କଲା କାରଣ ତାହାଥିଲା ତାଙ୍କ ପାଇଁ ଏକ ବ୍ୟତିକ୍ରମ। ଭଦ୍ରବ୍ୟକ୍ତିଙ୍କ କୌତୁହଳତା ବଢ଼ିଗଲା। ସେ ଗାଡ଼ି ନିକଟରୁ ଫେରିଆସି ପିଲାଟିର ମନକଥା ଜାଣିବା ପାଇଁ ତା ନିକଟକୁ ନଯାଇ, ତାପାଖରେ ବସିଥିବା ଅନ୍ୟ ଏକ ପିଲା ନିକଟକୁ ଗଲେ। ଦେଖିଲେ




ପିଲାଟିର କୌଣସି ପ୍ରତିକ୍ରିୟା ନାହିଁ। ଭାବିଲେ ପିଲାଟି ବୋଧେ ତାଙ୍କର ବିଗତ ଆଚରଣ ପାଇଁ ରାଗି ଯାଉଛି ନା ବିରକ୍ତ ହୋଇଛି। ସେ ତା ପାଖ ପିଲାଠୁ ଦୀପ ନକିଣି ଗାଡ଼ି ଆଡ଼କୁ ପାଦ ବଢ଼ାଇଲେ। ପଛକୁ ଚାହିଁ ଦେଖିଲେ ପିଲାଟି ଦୌଡୁ ନାହିଁ ଦୀପ ଟିଏ ନେବା ପାଇଁ ଅନୁରୋଧ କରୁନାହିଁ। ସେ ପୁଣି ଫେରି ଆସି ପିଲାଟିକୁ ପଚାରିଲେ ବାବୁତୁ ମୋ ଉପରେ ରାଗିଛୁ? କାହିଁକି ଦୀପ ଯାଚୁ ନାହୁଁ। ପିଲାଟି ଛିଡ଼ା ହୋଇ ନମ୍ର ସ୍ୱରରେ କହିଲା ବାବୁ ନେହୁରା ବା ଅନୁରୋଧ କରିବାର ସମୟ ଚାଲିଯାଇଛି। ମୋର ମାଆ ଥିଲେ ଜଣେ ମହାମାରୀ ପିଡ଼ୀତା। ମୋର ଭଉଣୀ ଦୀପ ସଜାଡ଼ି ଦେଉଥିଲା ଓ ମୁଁ ବିକ୍ରି କରିବାକୁ ଆଣୁଥିଲି। ସେତେବେଳେ ମୋର ମାଆର ଔଷଧ ପାଇଁ ଟଙ୍କାର ଆବଶ୍ୟକତା ଥିଲା। ସେମାନେ ତିନିମାସ ହେବ ମରିଗଲେଣି। ଆମର ଝୁମ୍ପୁଡ଼ିଟିକୁ ସହର ସୌନ୍ଦର୍ଯ୍ୟକରଣୀ ନିମନ୍ତେ ସରକାର ଭାଙ୍ଗିଦେଲେ। ମୁଁ ଏ ମନ୍ଦିର ବାହାରେ ପଡ଼ିରହିଛି। ତେଣୁ ମୁଁ ପଇସା ପାଇଁ ବିକଳ ହୋଇ କାହା ନିକଟରେ ନେହୁରା ହେଉନାହିଁ ଓ ସ୍ଥିର ହୋଇ ଦୀପ ବିକ୍ରି କରୁଛି। ଭଦ୍ରବ୍ୟକ୍ତି ଜଣକ ବୁଝିପାରିଲେ ଯେ ସମୟୋଚିତ ପଦକ୍ଷେପ ହିଁ ପ୍ରକୃତ ପଦକ୍ଷେପ। ପରେ ଏହାକୁ ବୁଝିବାରେ କୌଣସି ଅର୍ଥ ନଥାଏ। ତେଣୁ ହେ ରାମରାଜ୍ୟର ସ୍ୱପ୍ନ ଦେଖୁଥିବା ରାଷ୍ଟ୍ର ନାୟକ ଗଣ। ସମାଜରେ ଉତ୍ପୀଡ଼ିତ, ବିକଳରେ ଧାଉଁଥିବା ଲୋକଙ୍କୁ ସମୟୋଚିତ ସେବା ପ୍ରଦାନ କରନ୍ତୁ ନଚେତ୍ ସମୟ ଆସିବ ଯେଉଁଦିନ ଗରିବ, ନିଃସହାୟ, ନିଷ୍କେସିତ ଲୋକେ ତୁମକୁ ଚାହିଁବେ ସିନା ତୁମଠାରୁ କୌଣସି ଅଭିଳାଷ ରଖିବେ ନାହିଁ। ଆଜିର ମହାମାରୀ ପ୍ରାୟତଃ ପ୍ରତିଟି ଘର ପାଇଁ ଦୁଃଖର କଳାବାଦଲ ସାଜିଛି। କର୍ମସଂସ୍ଥାନ, ଅଭାବପଣିଆ ଓ ତେଲଲୁଣର ଗୁଜୁରାଣକୁ ନେଇ ଅନେକ ଅସ୍ତବ୍ୟସ୍ତ ହୋଇଯାଉଛନ୍ତି। ଭଗବାନ ଶ୍ରୀସତ୍ୟସାଇଙ୍କ ଆଶ୍ରିତ ହିସାବରେ ଆସନ୍ତୁ ଏପରି ଏକ ଦାରୁଣ ଘଡ଼ିସନ୍ଧି ଦୁଃଖଦ ମୁହୂର୍ତ୍ତ ଭିତରେ ଯେତିକି ପାରିବା ଅନ୍ୟମାନଙ୍କୁ ସାହାଯ୍ୟ କରିବା। ସବୁକ୍ଷେତ୍ରରେ ଅର୍ଥ ମୂଳ ବା ବଡ଼ ହୋଇନଥାଏ। ପଦେ ମିଠା କଥା କୁହନ୍ତୁ, ସାନ୍ତ୍ୱନା, ଆଶ୍ୱାସନା ଦିଅନ୍ତୁ, ନିଜ ଖାଇବାରୁ ଦୁଇମୁଠା ଅନ୍ୟଜଣଙ୍କୁ ଦେଇପାରିଲେ ଭଗବାନ ଆପଣଙ୍କୁ କେତେ ମୁଠା ଯେ ଦେବେ ତାହା କଳ୍ପନାର ବାହାରେ। ଏହାର ବଡ଼ ଉଦାହରଣ ରହିଛି ମହାଭାରତର ଦୌପ୍ରଦୀଙ୍କ ଘଟଣାକୁ ନେଇ। ଆରାଧ ପ୍ରେମମୟ ଶ୍ରୀକୃଷ୍ଣଙ୍କ ରକ୍ତାକ୍ତ ଆଙ୍ଗୁଠିକୁ ତତ୍କାଳ ଭକ୍ତିସେବା ଯୋଗାଇବା ପାଇଁ ଯେଉଁ ଦୌପଦୀ ନିଜର ମୂଲ୍ୟବାନ ଶାଢ଼ୀ କାନି ଚିରିଦେଇଥିଲେ। ସେହି ଦୁଇଚାଖଣ୍ଡର ଶାଢ଼ୀ ତାଙ୍କ ପାଇଁ ଅୟୁତ ଅୟୁତ ଶାଢ଼ୀ ଧୃତରାଷ୍ଟ୍ରଙ୍କ ରାଜସଭାରେ ପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଲଜ୍ଜ୍ୟା ନିବାରଣ ପାଇଁ ପାହାଡ଼ ପରି ଗଦେଇ କରିଦେଇଥିଲେ। ଆସନ୍ତୁ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଭଗବାନଙ୍କ ପାଦପଦ୍ମରେ ପ୍ରଣାମ ପୂର୍ବକ ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିବା।

*ଅବସରପ୍ରାପ୍ତ ପ୍ରଧାପିକା (ସଂସ୍କୃତ ବିଭାଗ), ରଘୁନାଥଜୀଉ ମହାବିଦ୍ୟାଳୟ, ଗଣିଆ, ନୟାଗଡ଼*
*ଦୂରଭାଷ : ୯୮୬୩୩୩୮୬୭୩*

# ସାମୁଦ୍ରିକ ଝଡ 'ୟାସ୍' ପ୍ରଭାବରୁ ଜିଲ୍ଲାବାସୀ ଆଶ୍ୱସ୍ତ

**ଜଗତ୍ସିଂହପୁର :** ସାମୁଦ୍ରିକ ଝଡ ୟାସ୍ ବାତ୍ୟାର ତାଣ୍ଡବ ଉପରେ ସରକାର ନଜର ରଖି ଧନଜୀବନ ଓ ଜନସାଧାରଣମାନଙ୍କୁ ଆଶ୍ରୟସ୍ଥଳୀମାନ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ, ହେଲେ କିଛି ମାତ୍ରାର ପବନ ଓ ବର୍ଷାରେ ବିପଦ ନ ଆସୁଥିବାର ଜାଣି ଲୋକମାନେ ଆଶ୍ୱସ୍ତି ଲାଭ କରିଥିଲେ । ଏହି ୟାସ୍ ବାତ୍ୟାରେ ଜିଲ୍ଲାବାସୀ ନିଜକୁ ଅସୁରକ୍ଷିତ ମନେ କରି ୧୯୯୯ ମହାବାତ୍ୟାର କାଳେ କରାଳରୂପ ଧାରଣ କରିବା ଭୟରେ ବ୍ୟସ୍ତ ବିବ୍ରତ ହୋଇପଡିଥିଲେ । ପୂର୍ବ ସବୁ ବାତ୍ୟାକୁ ଅନୁଧ୍ୟାନ କରି ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଥିପ୍ରତି ସର୍ତକ ଦୃଷ୍ଟି ଦେଇ ସରକାରୀ ଅଧିକାରୀମାନଙ୍କୁ ବିଭିନ୍ନ ସ୍ଥାନମାନଙ୍କରେ ରଖି ବାତ୍ୟାର ରୂପରେଖ ଉପରେ



ନଜର ରଖିଥିଲେ । ୟାସ୍ ବାତ୍ୟାର ତାଣ୍ଡବ ଜଗତ୍ସିଂହପୁର ଜିଲ୍ଲାରେ ଏକ ପ୍ରକାର ପ୍ରଭାବ ଶୂନ୍ୟ ହୋଇ ପଡିବାରୁ ଲୋକମାନେ ଆଶ୍ୱସ୍ତି ଲାଭ କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ବିଦ୍ୟୁତ୍ ସରବରାହ କି ଗଛ ସବୁ ଓପଡ଼ି ପଡିବା ଘଟଣା ସେପରି ହୋଇ ନଥିଲା । ଏପିରକି ଜିଲ୍ଲାର କୌଣସି ସ୍ଥାନମାନଙ୍କରେ ଆର୍ଥିକ କ୍ଷୟକ୍ଷତି ହୋଇନଥିଲା । ୟାସ୍ ବାତ୍ୟା ଚଳିଯାଇଥିଲେ ବି କରୋନାର ଦ୍ୱିତୀୟ ଲହରି କମିପାରୁନାହିଁ, ବଂର ଦିନକୁ ଦିନ ପଜେଟିଭ୍ ସଂଖ୍ୟା ବଢ଼ିବାରେ ଲାଗିଛି।

# ବାଲେଶ୍ୱର ଓ ଭଦ୍ରକ ଗସ୍ତରେ ୫ ମନ୍ତ୍ରୀ ଓ ୪ ବିଧାୟକ

**ଭୁବନେଶ୍ୱର:** ବାତ୍ୟା 'ୟାସ' ପ୍ରଭାବିତ ଅଞ୍ଚଳରେ ଥଇଥାନ ଓ ପୁନର୍ଗଠନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛ। ତୃଣମୂଳରେ ସରକାରୀ ଅଧିକାରୀଙ୍କ ସହ ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ପ୍ରଭାବିତ ଲୋକଙ୍କ ପାଖରେ ଯେମିତି କୌଣସି ମୌଳିକ ସମସ୍ୟା ନ ରହେ ଏବଂ ଥଇଥାନ ଓ ପୁନର୍ଗଠନ କାର୍ଯ୍ୟ ଯେମିତି ଅବିଳମ୍ବେ ଶେଷ ହେବ ତାହାକୁ ଧ୍ୟାନରେ ରଖିବା ଲାଗି ମୁଖ୍ୟମନ୍ତ୍ରୀ ୫ ଜଣ ମନ୍ତ୍ରୀଙ୍କୁ ନିଯୁକ୍ତ କକରିଛନ୍ତି। ସେମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ କାର୍ଯ୍ୟ ରୂପାନ୍ତର ଲାଗି ଆବଶ୍ୟକ ସଂଯୋଜନା କରୁଛନ୍ତି। ବାତ୍ୟାର କିଛିଦିନ ପୂର୍ବରୁ ବିଜେଡିର ସାଂଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ମନ୍ତ୍ରୀ ଦିବ୍ୟସିଂହ ମିଶ୍ରଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଆବଶ୍ୟକ ପ୍ରସ୍ତୁତି କାର୍ଯ୍ୟକୁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇ ବରିଷ୍ଠ ନେତା ଏବେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପୁନର୍ଗଠନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀ ଓ ସାଧାରଣ ଲୋକଙ୍କ ଭିତରେ ସଂଯୋଜନାକୁ ବଢ଼ାଇ ପରିସ୍ଥିତିର ମୁକାବିଲା ଲାଗି ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ଏବେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ରିଲିଫ୍ ସାମଗ୍ରୀ ଯେମିତି ପ୍ରଭାବିତ ଲୋକଙ୍କ ପାଖରେ ଠିକଣା ଭାବେ ପହଞ୍ଚିବ, ପୁନଃନିର୍ମାଣ କାର୍ଯ୍ୟ ଯେମିତି ତ୍ୱରାନ୍ୱିତ ହେବ ତାହାର ଅନୁଧ୍ୟାନ କରିବା ସେଥିଲାଗି ଆହୁରି ଚାରିଜଣ ବରିଷ୍ଠ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ହେଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ସମୀର ଦାଶ, ସୁଶାନ୍ତ ସିଂହ, ଏବଂ ଜ୍ୟୋତିରଞ୍ଜନ ପାଣିଗ୍ରାହୀ। ଶ୍ରୀ ସ୍ୱାଇଁ ଗୁରୁବାରଠାରୁ ବାଲେଶ୍ୱରରେ ପହଞ୍ଚି ସେଠାକାର ସ୍ଥିତି ଅନୁଧ୍ୟାନ ସହ ଅତ୍ୟାବଶ୍ୟକ ସାମଗ୍ରୀ କିପରି ଲୋକଙ୍କ ପାଖରେ ଅଭାବ ନହେବ ଏବଂ ଆବଶ୍ୟକ ଅନୁସାରେ ଲୋକେ ସାମଗ୍ରୀ ପାଇପାରିବେ ତାହାକୁ ଅନୁଧ୍ୟାନ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ ଅନୁସାରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ବିଧାୟକ ସୁଶାନ୍ତ ରାଉତ, ପ୍ରଣବ ବଳବନ୍ତରାୟ ଏବଂ ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ବାଲେଶ୍ୱରରେ ପହଞ୍ଚି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେମାନେ ସ୍ଥିତି ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିବେ।



# ‘ସୂଚନା ପ୍ରଦାନ କାର୍ଯ୍ୟଧାରାକୁ ଅଧିକ ଉନ୍ନତ ଓ ପ୍ରଭାବୀ କର’



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ବିଭାଗର ମନ୍ତ୍ରୀ ତଥା ସଂପୃକ୍ତ ବିଭାଗ ସହିତ ନିୟୋଜିତ ସୂଚନା ଅଧିକାରୀମାନେ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ସେମାନଙ୍କର ସୂଚନା ପ୍ରଦାନ କାର୍ଯ୍ୟଧାରାକୁ ଆହୁରି ଉନ୍ନତ ଓ ପ୍ରଭାବୀ କରିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସୂଚନା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀ ସେଠୀ କହିଛନ୍ତି ଯେ ବିଭିନ୍ନ ବିଭାଗ ସହ ସଂଯୁକ୍ତ ସୂଚନା ଅଧିକାରୀମାନେ ମନ୍ତ୍ରୀମାନଙ୍କୁ ନିୟମିତ ଭାବେ ପ୍ରକାଶିତ ସମ୍ବାଦ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ସ୍ୱତଃପ୍ରବୃତ୍ତ ଭାବେ ବିଭିନ୍ନ ବିଭାଗୀୟ ଉନ୍ନୟନମୂଳକ କାର୍ଯ୍ୟକୁ ପରିବେଷଣ କରିବା, ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେବା ସହିତ ତଥ୍ୟ ସଂଗ୍ରହ ଓ ତାହାର ଅନୁଶୀଳନ କରି ଗଣମାଧ୍ୟମ ପାଇଁ ପ୍ରେସ୍ ବିବୃତି ପ୍ରସ୍ତୁତ କରନ୍ତୁ। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ନୀତି, ନିଷ୍ପତ୍ତି ଆଦି ସମ୍ପର୍କରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହ ପରାମର୍ଶ କରି ସଫଳ କାହାଣୀ ପ୍ରସ୍ତୁତ କରନ୍ତୁ। ତୃଣମୂଳ ସ୍ତରରେ ଥିବା ଲୋକଙ୍କୁ ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ ପାଇଁ ସୂଚନା ପ୍ରଦାନ ପ୍ରଥମ ଓ ସବୁଠାରୁ ମହତ୍ୱପୂର୍ଣ୍ଣ ଅଗ୍ରାଧିକାର ରହିବ। ରାଜ୍ୟ ସରକାରଙ୍କ ‘ମୋ ସରକାର’ ଅଧୀନରେ ଲୋକଙ୍କ ମତାମତ ହିଁ ସୁଶାସନର ପ୍ରମାଣ ବହନ କରେ। ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ଆମେ ଆମର ଯୋଗାଯୋଗ ବ୍ୟବସ୍ଥାରେ ଅଧିକ ଉନ୍ନତି କରି ଜନସାଧାରଣଙ୍କୁ ସରକାର କ’ଣ କରୁଛନ୍ତି, ସେ ସମ୍ପର୍କରେ ସୂଚନା ପ୍ରଦାନ କରିବା ଆବଶ୍ୟକ। ଏହା ଫଳରେ ସରକାରଙ୍କ କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ମତାମତ ମିଳିପାରିବ। ୫-ଟି ଆଧାରରେ ସରକାରଙ୍କ ସଫଳତାର ପ୍ରତିବିମ୍ବକୁ ବଜାୟ ରଖିବା ଏବଂ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାକୁ ଲୋକଲୋଚନକୁ ଆଣିବା ଦିଗରେ ସୂଚନା ଅଧିକାରୀମାନେ ନିରନ୍ତର ଉଦ୍ୟମ ଜାରି ରଖିବାକୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ଓ କିଛି ବିଭାଗରେ କାର୍ଯ୍ୟରତ ସୂଚନା ଅଧିକାରୀମାନଙ୍କ କାର୍ଯ୍ୟଧାରାକୁ ଶ୍ରୀ ସେଠୀ ପ୍ରଶଂସା କରିବା ସହ ସମସ୍ତ ସୂଚନା ଅଧିକାରୀ ଅଧିକ ଆଗ୍ରହର ସହିତ ସେମାନଙ୍କ କାର୍ଯ୍ୟଧାରା ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି।

# ଓଡିଶାକୁ ବାତ୍ୟା ସହାୟତା ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ : ଧର୍ମେନ୍ଦ୍ର




**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା ‘ୟଶ୍’ ପରିସ୍ଥିତିର ସମୀକ୍ଷା ଏବଂ ଆକାଶମାର୍ଗରୁ ବାତ୍ୟାଞ୍ଚଳ ପରିଦର୍ଶନ ପରେ ଓଡିଶାକୁ ତତ୍କାଳୀନ ୫୦୦ କୋଟିର ସହାୟତା ଯୋଗାଇ ଦେବା ପାଇଁ ଘୋଷଣା କରାଯାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ସହାୟତା ରାଶି ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ ଏବଂ ପରେ ଆକାଶମାର୍ଗରୁ ବାତ୍ୟାଂଚଳ ପରିଦର୍ଶନ କରିବା ପରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ବିପଦ ସମୟରେ ସବୁବେଳେ ଓଡ଼ିଶାର ଲୋକଙ୍କ ସାଥୀରେ ଦୃଢ଼ତାର ସହ ଠିଆ ହୋଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାରେ ବାତ୍ୟା ‘ୟଶ୍’ର ପ୍ରଭାବକୁ ହ୍ରାସ କରିବା ପାଇଁ ସବୁପ୍ରକାର ସାହାଯ୍ୟ କରିବେ। ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରାଯିବ ତଥା ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ଼ିଶାକୁ ନିର୍ମାଣ କରାଯିବା ଦିଗରେ ଆମ ସରକାର ମିଳିତ ଭାବରେ କାର୍ଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଆଶ୍ୱାସନା ଦେଇଛନ୍ତି। ସମୀକ୍ଷା ବୈଠକରେ ବାତ୍ୟା ‘ୟଶ୍’ ଦ୍ୱାରା ଉତ୍ପନ୍ନ ହୋଇଥିବା ଆହ୍ୱାନର ମୁକାବିଲା ଏବଂ ସମାଧାନ ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ସଂସ୍ଥାନର ସକ୍ରିୟ ଭୂମିକା ଏବଂ ଓଡ଼ିଶାବାସୀଙ୍କ ଦୃଢ଼ ମନୋବଳ ଏବଂ ସାହାସକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଛନ୍ତି। ବିଶେଷ ଭାବରେ ସବୁଠୁ ବିପଦ ସମୟରେ ସର୍ବଦା ଓଡ଼ିଶାର ଲୋକଙ୍କ ସହ ଦୃଢ଼ତାର ସହ ଠିଆ ହୋଇଛନ୍ତି। ଓଡ଼ିଶାର ବାତ୍ୟା ପ୍ରଭାବିତ ଅଂଚଳରେ ଜୀବନକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ଏବଂ ଅନୁଧ୍ୟାନ ପରେ ଓଡିଶାକୁ ୫୦୦ କୋଟିର ସହାୟତା ରାଶି ଘୋଷଣା କରାଯାଇଛି। ସେହିପରି ବାତ୍ୟା ‘ୟଶ୍’ ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଥିବା ବେଳେ ପ୍ରଭାବିତ ରାଜ୍ୟ ଗୁଡ଼ିକ ପାଇଁ ବାତ୍ୟାର କ୍ଷୟକ୍ଷତି ଆକଳନ ନିମନ୍ତେ ଅନ୍ତଃ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଗଠନ ହୋଇଛି। ମୁଁ ଦୃଢ଼ ନିଶ୍ଚିତ ଯେ ବିସ୍ତୃତ କ୍ଷୟକ୍ଷତିର ତଥ୍ୟ ଆସିବା ପରେ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରକୁ ଭାରତ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ। ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା କରିବା ପାଇଁ ସରକାରଙ୍କ ମିଳିତ ଉଦ୍ୟମରେ ଯୋଜନା କରାଯିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି। ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ବାତ୍ୟା ‘ୟଶ୍’ର ପ୍ରଭାବ ତଥା ପ୍ରଭାବିତ ଅଂଚଳରେ ରିଲିଫ୍, ପୁନରୁଦ୍ଧାର ଏବଂ ଜୀବନଜୀବିକାର ପୁନଃସ୍ଥାପନ କରିବା ପାଇଁ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ପ୍ରଥମେ ସମୀକ୍ଷା କରିଥିଲେ। ଏହା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆକାଶ ମାର୍ଗରୁ ବାତ୍ୟା ପ୍ରଭାବିତ ଅଂଚଳ ଭଦ୍ରକ ଏବଂ ବାଲେଶ୍ୱର ପରିଦର୍ଶନ କରିବା ସହ ସ୍ଥିତି ପରଖିଥିଲେ।

# ମୟୂରଭଞ୍ଜରେ ବାତ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କଲେ ଯୋଗାଣ ମନ୍ତ୍ରୀ

**ବାରିପଦା :** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବାରିପଦା ଠାରେ ବାତ୍ୟା ୟାସ୍ ପରବର୍ତ୍ତୀ ସ୍ଥିତି ସହିତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀ ଭୀନିତ ଭରଦ୍ୱାଜଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିବା ସହ ସ୍ଥିତି ଖୁବ୍‌ଶୀଘ୍ର ସ୍ୱାଭାବିକ ହେବବୋଲି ଆଶାପ୍ରକାଶ କରିଥିଲେ। ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ସନ୍ତୋଷଜନକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିବା ସହିତ ହିତାଧିକାରୀଙ୍କୁ ଦୁଇମାସର ପିଡିଏସ୍ ରାସନ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଜିଲ୍ଲା ଆଗୁଆ ରହିଛି ବୋଲି କହିଥିଲେ। ଏଥିସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ରବିଧାନ ସଂଗ୍ରହର ସଦ୍ୟତମ ସ୍ଥିତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ବୈଠକରେ ମୟୂରଭଞ୍ଜର ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଏବଂ ଡିଆର୍‌ସିଏସ୍‌ଙ୍କ ସମେତ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ଶକ୍ତି ବିଭାଗର ନିର୍ବାହୀ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବାରିପଦା ଠାରେ ସମୀକ୍ଷା ବୈଠକ ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍‌ରେ ବାତ୍ୟା କ୍ଷତିଗ୍ରସ୍ତ ଅଂଚଳଗୁଡ଼ିକୁ ବୁଲି ଦେଖିବା ସହିତ ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜଳସଂପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ନଦୀବନ୍ଧର କ୍ଷୟକ୍ଷତି ବୁଲି ଦେଖିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ଭୋଗରାଇ ବ୍ଲକ୍ ଅନ୍ତର୍ଗତ ତାଳସରୀ, ହୁଗୁଳି, ଶାହାବାଜିପୁର, ଉଦୟପୁର, ଚନ୍ଦ୍ରାବାଲି, ଖଡିବିଲ, ଏନ୍‌ଏମ୍ ପଡ଼ିଆ, କିର୍ତନିଆ, ବଡ଼ପାହି, ଭୂଷଣ୍ଡେଶ୍ୱର ଇତ୍ୟାଦି ବାତ୍ୟା କ୍ଷତିଗ୍ରସ୍ତ ଅଂଚଳ ବୁଲି ଦେଖିଥିଲେ। ଏହି ଅବସରରେ ଭୋଗରାଇର ବିଧାୟକ ଶ୍ରୀ ଅନନ୍ତ ଦାସଙ୍କ ସମେତ ବ୍ଲକ୍ ଅଧକ୍ଷ ଏବଂ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଚେକ୍, ଡ୍ରାଫ୍ଟ ଆଦିର ଅବଧି ବଢ଼ାଇବାକୁ ଦାବି






**ଭୁବନେଶ୍ୱର :** ସମ୍ପ୍ରତି ମହାମାରୀ କୋଭିଡ୍-୧୯ର ଭୟାବହତା ବେଳେ ଗ୍ରାହକମାନଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟାଙ୍କ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଚେକ୍, ଡ୍ରାଫ୍ଟ ଓ ପେ’ ଅର୍ଡର ଆଦିର ବୈଧତା ଅବଧି ୩ ମାସରୁ ୬ ମାସ ଯାଏ ବଢ଼ାଇବାକୁ ଯୁବ ଆଇନଜୀବୀ ସିଦ୍ଧାର୍ଥ ପରିଡା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଖରେ ନିବେଦନ କରିଛନ୍ତି। ଶ୍ରୀ ପରିଡାଙ୍କ କହିବା କଥା, ଏହି ମହାମାରୀ ଦେଶର ଅର୍ଥନୀତିକୁ ଭୁଶୁଡାଇଦେବା ସହ ସାଧାରଣ ଲୋକର ଆର୍ଥିକ ସ୍ଥିତିକୁ ମଧ୍ୟ ଧୂଳିସାତ୍ କରିଦେଇଛି। ଏପରି ସ୍ଥଳେ ମହାମାରୀର ମୁକାବିଲା ପାଇଁ ସମସ୍ତେ ସରକାରଙ୍କ ନୀତିନିୟମ ମାନି ଦୈନନ୍ଦିନ ଜୀବନ କଟାଇବାକୁ ବଦ୍ଧପରିକର। ତେବେ ବାସ୍ତବରେ ବିଶେଷ କରି ଆର୍ଥିକ ନେଣଦେଣ ପାଇଁ ଅନେକ ଦେଶବାସୀଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସଂକ୍ରମଣ ରୋକିବା ପାଇଁ ଜାରି ହେଉଥିବା ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଭଳି ପରିସ୍ଥିତିରେ ଅନେକ କାର୍ଯ୍ୟାଳୟ ବନ୍ଦ ରହୁଥିବା ବେଳେ ବ୍ୟାଙ୍କଗୁଡିକ ମଧ୍ୟ ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ସ୍ୱାଭାବିକ ସେବା ଯୋଗାଇବା କଷ୍ଟକର ହୋଇପଡୁଛି। ଏପରି ସ୍ଥଳେ କେହି ନିଜ ନାମରେ ରହିଥିବା ବ୍ୟାଙ୍କ ଚେକ୍, ଡ୍ରାଫ୍ଟ ଓ ପେ’ ଅର୍ଡର ଆଦିକୁ ସେଗୁଡିକର ଧାର୍ଯ୍ୟ ବୈଧ ଅବଧି ୩ ମାସ ଭିତରେ ଦାଖଲ କରାଇବା ସମ୍ଭବ ହେଉନାହିଁ। ସୁତରାଂ ସଂପୃକ୍ତ ବ୍ୟାଙ୍କ କାଗଜାତଗୁଡ଼ିକର ବୈଧତାକୁ ପୂର୍ବ ପରି ୬ ମାସ ଯାଏ ବଢ଼ାଇବାକୁ ଶ୍ରୀ ପରିଡା ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଏହାଦ୍ୱାରା ସାଧାରଣ ଲୋକଟିଏ ଅନ୍ତତଃ ବ୍ୟାଙ୍କ ସେବାରୁ ଉପକୃତ ହୋଇପାରିବ ବୋଲି ସେ ଦର୍ଶାଇ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ତଦନୁସାରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।

## ବାତ୍ୟା ‘ୟାସ୍’ର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

# ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାକୁ ପ୍ରଶଂସା



ପ୍ରାର୍ଥନା ଦାଶ

**ଭୁବନେଶ୍ୱର :** ଓଡ଼ିଶାରେ ପ୍ରତିବର୍ଷ ବାତ୍ୟା ହୋଇଥାଏ। ଏହାର କାରଣ ଯେହେତୁ ଆମ ରାଜ୍ୟ ଏକ ସମୁଦ୍ର କୂଳିଆ ସ୍ଥାନ ଭାବେ ପରିଚିତ। ଚଳିତବର୍ଷ ଯେଉଁ ସାମୁଦ୍ରିକ ବାତ୍ୟା ଆସିଥିଲା ତାହାକୁ ‘ୟାସ୍’ କୁହାଯାଉଛି। ଏହି ବାତ୍ୟା ମେ’ ମାସ ୨୬ ତାରିଖରେ ହୋଇଥିଲା। ଏହାର ପ୍ରଭାବରେ ଓଡ଼ିଶାର ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟା ସମୟରେ ସମୁଦ୍ର ଅଶାନ୍ତ ରହିବା ଯୋଗୁ ଜୁଆର ପ୍ରାୟ ୪ ମିଟରରୁ ଅଧିକ ଉଚ୍ଚରେ ମାଡି ଆସିଥିଲା। ସମୁଦ୍ର ପାଣି କୂଳ ଲଘିଂବା ଫଳରେ ନିକଟରେ ଥିବା ଅନେକ ଗ୍ରାମ ଓ ସହର ରାସ୍ତା ମଧ୍ୟ ଜଳମଗ୍ନ ହୋଇଯାଇଥିଲା। ଅନେକ ଘର ଭାଙ୍ଗିଯିବା ସହିତ ରାସ୍ତା ଗୁଡିକ ନଷ୍ଟ ହୋଇଯାଇଛି। ବାତ୍ୟା ସହିତ ପ୍ରବଳରୁ ଅତିପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀରେ ବନ୍ୟା ଆସିଛି। ସମ୍ପୃକ୍ତ ଜିଲ୍ଲା ଗୁଡିକର ସବୁଆଡେ ଏବେ ବାତ୍ୟା ଜନିତ ବର୍ଷା ଯୋଗୁ ବନ୍ୟା ସୃଷ୍ଟି ହୋଇଥିଲା। ରାଜ୍ୟ ସରକାର ପ୍ରାୟ ୭ଲକ୍ଷ ଲୋକଙ୍କୁ ଆଶ୍ରୟ ସ୍ଥଳକୁ ଆଣି ସେମାନଙ୍କୁ ଖାଇବା ପିଇବାକୁ ଦେବା ସହିତ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇଥିଲେ। ବାତ୍ୟାର ପ୍ରକୋପ ସମ୍ପୂର୍ଣ୍ଣ ଗୋଟିଏ ଦିନ ରହିଥିଲା। ପ୍ରାୟ ୧୬୦ କିଲୋମିଟର ବେଗରେ ପବନ ବହିବା ସହିତ ବହୁତ ଘରଦ୍ୱାର ଓ ଗଛ ଭାଙ୍ଗି ପଡିଛି। ବାତ୍ୟାର ପ୍ରକୋପ ଯୋଗୁ ଫସଲ ଉଜୁଡି ଯିବା ସହିତ ଅନେକ ଲୋକଙ୍କ ଜୀବିକା ମଧ୍ୟ ହଜି ଯାଇଛି। ବାତ୍ୟା ଛାଡିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକପ୍ଟରରେ ବାତ୍ୟାଞ୍ଚଳ ବୁଲି ଦେଖିବା ସହିତ କ୍ଷୟକ୍ଷତିର ଆକଳନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ୭ଦିନ ପାଇଁ ରିଲିଫ କାର୍ଯ୍ୟ ସହ ମାଗଣା ଭୋଜନର ବ୍ୟବସ୍ଥା କରାଯାଇଛି। ଗତ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସି ବାତ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ବିମାନବନ୍ଦର ଠାରେ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ କରିଥିଲେ। ଏଥିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ରାଜ୍ୟର ବହୁ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ। ଏଠାରେ ପ୍ରଧାନମନ୍ତ୍ରୀ ବାତ୍ୟା ‘ୟାସ୍’ ପରବର୍ତ୍ତୀ ସହାୟତା ଓ ପୁନଃନିର୍ମାଣ ପାଇଁ ୫ଶହ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଘୋଷଣା କରିବା ସହିତ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାକୁ ପ୍ରଶଂସା କରିଥିଲେ।

# ସପ୍ତାହେ ଘୁଞ୍ଚିଲା ଟିକା ଟେଣ୍ଡର ପ୍ରକ୍ରିୟା

ଭୁବନେଶ୍ୱର : କରୋନା ଟିକା କିଣିବା ଲାଗି ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟା ଘୁଞ୍ଚିଲା। ଆଜି ସରିବାକୁ ଥିବା ଏହି ପ୍ରକ୍ରିୟାକୁ ଗୋଟିଏ ସପ୍ତାହ ପାଇଁ ଅର୍ଥାତ୍ ଆସନ୍ତା ଜୁନ୍ ୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ବଜାରରୁ ଟିକା କିଣିବା ଲାଗି ରାଜ୍ୟ ସରକାର ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଥିଲେ। ଏଥିରେ ବିଦେଶର ଅନେକ ଟିକା ଉତ୍ପାଦନକାରୀ କଂପାନୀ ଅଂଶଗ୍ରହଣ କରିଥିଲେ। ଆଜି ପୂର୍ବାହ୍ନ ୧୧ଟାରେ ଟେକ୍ନିକାଲ୍ ବିଡ୍ ଖୋଲାଯିବାର ଥିଲା। ଏହା ପରେ ଫାଇନାନ୍ସିଆଲ୍ ବିଡ୍ ଖୋଲା ଯାଇଥା’ନ୍ତା। ହେଲେ ସରକାରଙ୍କ ପକ୍ଷରୁ ଏହାକୁ ଆଉ ୭ ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ଦେଶରେ ଉତ୍ପାଦନ ହେଉଥିବା ଟିକା କୋଭାକ୍ସିନ ଓ କୋଭିସିଲ୍ଡ ଉପଯୁକ୍ତ ପରିମାଣର ମିଳି ପାରୁନଥିବାରୁ ଗ୍ଲୋବାଲ୍ ଟେଣ୍ଡର ଜରିଆରେ ରାଜ୍ୟ ସରକାର ଟିକା କିଣି ଲୋକଙ୍କୁ ଦେବା ଲାଗି ଯୋଜନା କରିଛନ୍ତି।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286








କରୋନା ଗାଇଡଲାଇନ୍ ମାନି ଚଳନ୍ତୁ

- ନିୟମିତ ମାସ୍କ ପିନ୍ଧନ୍ତୁ।
- ସାମାଜିକ ଦୂରତା ରକ୍ଷା କରନ୍ତୁ।
- ନିଶ୍ଚିତ ଟିକା ନିଅନ୍ତୁ।
- ଲକ୍ଷଣ ଦେଖାଦେଲେ ତୁରନ୍ତ ପରୀକ୍ଷା କରାନ୍ତୁ।



ସନ୍ତୋଷ କୁମାର ନାଥ
ଉପ-ସଭାପତି
ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା
ବିଜୁ ଜନତା ଦଳ



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି